
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୬ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 06 JANUARY 2023
Vol.No. 34 ■ No. 6 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଜ୍ୟରେ ଆରମ୍ଭ ହେଲା ୫-ଜି



ଭୁବନେଶ୍ୱର,୦୫/୦୧ (ନି.ପ୍ର): ପ୍ରତୀକ୍ଷାର ହେଲା ଅନ୍ତ । କଟକ ଓ ଭୁବନେଶ୍ୱରରେ ଆରମ୍ଭ ହେଲା ୫-ଜି ସେବା । ସେହି ମୁହୂର୍ତ୍ତ, ଯାହାକୁ ଅପେକ୍ଷା କରି ରହିଥିଲେ ରାଜ୍ୟବାସୀ ତାହା ଆସି ପହଞ୍ଚିଥିଲା । ୫-ଜି ମୋବାଇଲ୍ ନେଟୱର୍କରେ ଯୋଡ଼ି ହୋଇଛି କଟକ ଓ ଭୁବନେଶ୍ୱର । ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଏବଂ ଏୟାରଟେଲ ପକ୍ଷରୁ ୫-ଜି ସେବା ଆରମ୍ଭ ହୋଇଛି । କେନ୍ଦ୍ର ରେଳ ଏବଂ ଦୂରସଂଚାର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସେବାର ଲୋକାର୍ପଣ କରିଛନ୍ତି । ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୨ ବର୍ଷ ମଧ୍ୟରେ ସଂପୂର୍ଣ୍ଣ ଓଡ଼ିଶାରେ ମିଳିବ ୫-ଜି ସେବା । ୨୦୨୪ ଅଗଷ୍ଟ ୧୫ ପୂର୍ବରୁ ସାରା ଓଡ଼ିଶାରେ ଟାୱାର କାମ ସରିଯିବ । ୪-ଜି ଓ ୫-ଜି ଦର ପାଖାପାଖି ସମାନ ରହିବ । ୨୦୨୪ ସୁଦ୍ଧା ବିଏସଏନଏଲ ୫-ଜି ସେବା ଆରମ୍ଭ କରିବ । ଓଡ଼ିଶା ୫-ଜି ସେବା ଆରମ୍ଭ ହୋଇଥିବା ବେଳେ ବିଜେଡି ଅଭିଯୋଗ କରିଛି ୫-ଜି ନାଁରେ ଦିନରେ ଲଣ୍ଠନ ଦେଖାଯାଉଛି । ବିଜେଡି ସାଂସଦ ଅମର ପଟ୍ଟନାୟକ କହିଛନ୍ତି ୬୨୭୮ ଗାଁରେ ନାହିଁ ମୋବାଇଲ ନେଟୱର୍କ ଓ ଇଂଟରନେଟ୍ ସେବା । ଟେଲି ଘନତ୍ୱ କ୍ଷେତ୍ରରେ ଦେଶର ୫ଟି ପଛୁଆ ରାଜ୍ୟ ମଧ୍ୟରେ ରହିଛି ଓଡ଼ିଶା । ଏହାର ଜବାବ ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଟେଲି ଘନତ୍ୱ ବଢ଼ାଇବା ପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଜରୁରୀ । ଓଡ଼ିଶାକୁ ୫୬୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୋଦୀ ସରକାର । ରାଜ୍ୟ ସରକାର ଜାଗା ଯୋଗାଇଦେଲେ ଶୀଘ୍ର କାମ ହୋଇଯିବ । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ମାର୍ଚ୍ଚ ୩୧ ସୁଦ୍ଧା ୫-ଜି ସେବା ଆରମ୍ଭ କରିବାର ଯୋଜନା ଥିଲା, କିନ୍ତୁ ଓଡ଼ିଶାରେ ଶୀଘ୍ର ସେବା ଆରମ୍ଭ ହେଲା । ଏହାସହ ୧୦୦ଟି ୪-ଜି ଟାୱାରର ଉଦଘାଟନ କରାଗଲା । ମାସକୁ ମାସ ଟାୱାର ବସିବ । କେନ୍ଦ୍ର ସରକାର ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଦାୟତ୍ୱ ଜାଗା ଯୋଗାଇଦେବା ବୋଲି କହିଛନ୍ତି ଅଶ୍ୱିନୀ ବୈଷ୍ଣବ ।

## ମନ୍ଦିର ନିର୍ମାଣ କାର୍ଯ୍ୟ ବିଳମ୍ବ କରୁଥିଲା କଂଗ୍ରେସ : ଅମିତ ଶାହା



ନୂଆଦିଲ୍ଲୀ,୦୫/୦୧ : ୨୦୨୪ ଜାନୁଆରୀ ୧ ତାରିଖ ସୁଦ୍ଧା ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ । ଗୁରୁବାର ତ୍ରିପୁରାରେ ଏକ ନିର୍ବାଚନୀ ରାଲିରେ ଯୋଗଦେଇ ଶାହା କହିଛନ୍ତି । ରାମ ମନ୍ଦିର ନିର୍ମାଣ ପାଇଁ କଂଗ୍ରେସ ବାଧା ସୃଷ୍ଟି କରୁଥିଲା । କୋର୍ଟରେ ମାମଲାକୁ କଂଗ୍ରେସ ଗଡାଇ ଚାଲିଥିଲା । କିନ୍ତୁ ସୁପ୍ରିମକୋର୍ଟଙ୍କ ରାୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା କହିଛନ୍ତି ଶାହା । ୨୦୨୪ରେ ଲୋକସଭା ନିର୍ବାଚନ ହେବାକୁ ଥିବାରୁ ଏହା ପୂର୍ବରୁ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର । ରାମ ମନ୍ଦିର ନିର୍ମାଣ ପାଇଁ ବିଜେପିକୁ ଅଧିକ ହିନ୍ଦୁ ଭୋଟ ମିଳିବ ବୋଲି ଆଶା କରାଯାଉଛି । ସୂଚନାଯୋଗ୍ୟ ୧୯୯୨ ମସିହାରେ କର ସେବକମାନେ ରାମ ମନ୍ଦିର ନିର୍ମାଣ ହେଉଥିବା ସ୍ଥାନରେ ଥିବା ବାବ୍ରୀ ମସଜିଦକୁ ଭାଙ୍ଗି ଦେଇଥିଲେ । ପରେ ଏହି ମାମଲା ସୁପ୍ରିମକୋର୍ଟରେ ବିଚାରଧୀନ ଥିଲା । ଦୀର୍ଘ ବର୍ଷ ପରେ ୨୦୧୯ରେ ଚୁଡାନ୍ତ ରାୟ ପ୍ରକାଶ କରି ରାମ ମନ୍ଦିର ନିର୍ମାଣ ସପକ୍ଷରେ ରାୟ ଦେଇଥିଲେ ।

## ଜମାକାରୀଙ୍କୁ କେବେ ମିଳିବ କ୍ଷତିପୂରଣ ? ସିବିଆଇ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୦୫/୦୧ : ରାଜ୍ୟରେ ସବୁଠୁ ବଡ଼ ଠକେଇ ହେଉଛି ଚିଟଫଣ୍ଡ ଦୁର୍ନୀତି । ପ୍ରାୟ ଗୋଟିଏ ଦଶନ୍ଧି ଧରି ନ୍ୟାୟ ଅପେକ୍ଷାରେ ଜମାକାରୀ । କ୍ରାଇମବ୍ରାଞ୍ଚରୁ ସିବିଆଇ, ସିବିଆଇରୁ ସୁପ୍ରିମକୋର୍ଟ । ହେଲେ ପ୍ରାୟ ୨୦ ହଜାର ଜମାକାରୀ ଟଙ୍କା ଫେରିବା ବାଟକୁ ଏବେ ବି ଚାହିଁ ରହିଛନ୍ତି । ହାତଗଣିତ କିଛି ଲୋକଙ୍କୁ ପ୍ରାପ୍ୟ ମିଳିଛି ତ' କିନ୍ତୁ ଦୁର୍ନୀତି କରିଥିବା ଖେଳୁଆଡେ ଜେଲ ଭିତରେ ମଉଜ୍ କରୁଛନ୍ତି । ଚିଟଫଣ୍ଡ ଦୁର୍ନୀତି ନାଁରେ ଚଢ଼ାଉ ହେଲା, ଗିରଫଦାରୀ ହେଲା । ବଡ଼ ବଡ଼ ନେତା ଓ ବାବୁଙ୍କ ନାଁ ଥିବା ସତ୍ତ୍ୱେ କେତେ ସଂପତି ସିଜ୍ ହୋଇଛି । କେବେ ସୁଦ୍ଧା ଟଙ୍କା ଫେରି ପାଇବେ ଜାମାକାରୀ ଏଭଳି ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି । ଠିକ୍ ଏଭଳି ଢ଼ଙ୍ଗରେ କିଛି ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ । ଓଡ଼ିଶା ଚିଟଫଣ୍ଡ ମାମଲାର ଶୁଣାଣୀ ବେଳେ ସିବିଆଇକୁ ଭର୍ତ୍ସନା କରିଛନ୍ତି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ । କାହିଁକି ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯାଉନି । ଚିଟଫଣ୍ଡ ଟଙ୍କା ପାଇବା ପାଇଁ କ୍ଷତିଗ୍ରସ୍ତ ୧୦ରୁ ୧୫ ବର୍ଷ ଅପେକ୍ଷା କରିପାରିବେନି ବୋଲି ସ୍ପଷ୍ଟ ଶୁଣାଇ ▶▶ପୃଷ୍ଠା ୭

## କାଶ୍ମୀର, ଦିଲ୍ଲୀ-ଏନସିଆରରେ ଭୂମିକମ୍ପ



ନୂଆଦିଲ୍ଲୀ,୦୫/୦୧ : ଦିଲ୍ଲୀ-ଏନସିଆରରେ ଭୂମିକମ୍ପ । ଜାମୁ-କାଶ୍ମୀର ସମେତ ଉତ୍ତର ଭାରତର କିଛି ସ୍ଥାନରେ ଭୂମିକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲର ଭୂମିକମ୍ପର ତୀବ୍ରତା ୫.୯ ରେକର୍ଡ କରାଯାଇଛି । ଭୂମିକମ୍ପର କେନ୍ଦ୍ର ଆଫଗାନିସ୍ତାନର ହିନ୍ଦକୁଶ ପର୍ବତମାଳା ବୋଲି କୁହାଯାଉଛି । ବର୍ତମାନ ସୁଦ୍ଧା କୌଣସି କ୍ଷୟକ୍ଷତିର ସୂଚନା ନାହିଁ । ଦିଲ୍ଲୀରେ କିଛି ସମୟ ପାଇଁ ଭୂମିକମ୍ପ ଅନୁଭୂତ ହୋଇଥିଲା । ଦିଲ୍ଲୀ-ଏନସିଆର ଭୂମିକମ୍ପ ପ୍ରବଣ ଅଞ୍ଚଳରେ ଆସୁଥିବାରୁ ଲୋକେ କିଛି ସମୟ ପାଇଁ ଭୟଭୀତ ହୋଇପଡିଥିଲେ । ନ୍ୟାସନାଲ ସେଣ୍ଟର ଫର ସିସମୋଲଜି ଅନୁସାରେ, ଏହି ଭୂମିକମ୍ପ ରାତି ପ୍ରାୟ ୭ଟା ୫୫ ମିନିଟରେ ଅନୁଭୂତ ହୋଇଥିଲା । ଏହାଛଡା ତାଜାକିସ୍ତାନ ଓ ପାକିସ୍ତାନର କିଛି ଅଂଚଳରେ ବି ଝଟକା ଅନୁଭୂତ ହୋଇଛି । ଲାହୋର ଓ ଏହାର ଆଖପାଖ ଅଂଚଳ ବି ଭୂମିକମ୍ପ ହୋଇଛି । ଏହାପୂର୍ବରୁ ଜାନୁଆରୀ ପହିଲାରେ ବି ଦିଲ୍ଲୀ-ଏନସିଆରରେ ଭୂମିକମ୍ପ ହୋଇଥିଲା । ଏହାର ତୀବ୍ରତା ରିକ୍ଟର ସ୍କେଲରେ ୩.୮ ଥିଲା । ହରିୟାଣା ଏହାର କେନ୍ଦ୍ରସ୍ଥଳ ଥିଲା । ଦେଶକୁ ପାଞ୍ଚଟି ଭୂମିକମ୍ପ ଜୋନରେ ବିଭକ୍ତ କରାଯାଇଛି । ଦେଶର ୫୯ ପ୍ରତିଶତ ଭୂମିକମ୍ପପ୍ରବଣ ଜୋନରେ ଆସୁଛି । ପଞ୍ଚମ ଜୋନକୁ ସବୁଠାରୁ ବିପଦଜନକ ବୋଲି ଗଣାଯାଉଛି । ଏହି ଜୋନରେ ଆସୁଥିବା ରାଜ୍ୟ ଓ ଅଂଚଳରେ କ୍ଷୟକ୍ଷତି ଅଧିକ ହେବା ଆଶଙ୍କା ରହିଥାଏ । ଏହି ଜୋନରେ ଦେଶର ୧୧ ପ୍ରତିଶତ ଆସିଥାଏ । ଚତୁର୍ଥ ଜୋନରେ ୧୮ ପ୍ରତିଶତ, ତୃତୀୟ ଓ ଦ୍ୱିତୀୟ ଜୋନରେ ୩୦ ପ୍ରତିଶତ ଲେଖାଁଏ ଆସୁଛି । ଦିଲ୍ଲୀ-ଏନସିଆର ଚତୁର୍ଥ ଜୋନରେ ଆସୁଛି।

## ଟ୍ରାକ୍ କରି ୟୁକ୍ରେନର ମିସାଇଲ ମାଡ଼ : ଶତାଧିକ ଋଷ ଯବାନଙ୍କ ମୃତ୍ୟୁ !

ନୂଆଦିଲ୍ଲୀ,୦୫/୦୧ : ଋଷ-ୟୁକ୍ରେନ୍ ଯୁଦ୍ଧ ପୁଣି ଥରେ ଭୟଙ୍କର ରୂପ ଧାରଣ କରିଛି । ଯୁଦ୍ଧ ପ୍ରଥମରୁ ଋଷ ସେନା ଯେପରି ଭାବେ ୟୁକ୍ରେନ ଉପରେ ଭାରି ପଡୁଥିଲା ଏବେ ତାର ବିପରିତ ସ୍ଥିତି ଦେଖିବାକୁ ମିଳିଛି । ଋଷ ସେନାକୁ ଟାର୍ଗେଟ କରି ମିଶାଇଲ ମାଡ ଜୋରଦାର କରିଛି ୟୁକ୍ରେନ୍ । ଆକ୍ରମଣରେ ୮୯ ଋଷ ଯବାନଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ଋଷ ଯବାନମାନେ ଧରୁଥିବା ମୋବାଇଲର ଲୋକେସନରୁ ସେମାନଙ୍କ ଗତିବିଧ ଲକ୍ଷ୍ୟ କରି ୟୁକ୍ରେନ ମିଶାଇଲ ମାଡ କରିଥିବା ଅଭିଯୋଗ ଆଣିଛି ଋଷ । ବାରଣ ସତ୍ୱେ ବେଆଇନ୍ ଭାବେ ମୋବାଇଲ ବ୍ୟବହାର କରୁଥିବାରୁ ସେନା କ୍ୟାମ୍ପକୁ ଟାର୍ଗେଟ କରି ୟୁକ୍ରେନ ଆକ୍ରମଣ କରିଥିବା କହିଛି ଋଷ ପ୍ରତିରକ୍ଷା ମନ୍ତ୍ରଣାଳୟ । ୟୁକ୍ରେନର ପ୍ରମୁଖ ସହରରେ ଆକ୍ରମଣ ପରେ ସେଠାରେ ଭାଙ୍ଗିପଡିଥିବା ଟ୍ୟାଙ୍କ, ମିଲିଟାରୀ ବେସରେ ରହି ଭିଡିଓ ଉତୋଳନ କରିବା ସହ ଏହାକୁ ଟିକଟକ ଭଳି ସୋଶିଆଲ ମିଡିଆରେ ପୋଷ୍ଟ କରିଥିଲେ ଋଷର ଯବାନମାନେ । ଆଉ ଏହି ସୋଶିଆଲ ମିଡିଆରୁ ଋଷ ଯବାନଙ୍କ ▶▶ପୃଷ୍ଠା ୭

## ୧୨୪ଜଣ ବିଦେଶ ଫେରନ୍ତାଙ୍କ ନିକଟରେ ଦେଖାଗଲା ୧୧ ପ୍ରକାର କରୋନା ଭୂତାଣୁ



ନୂଆଦିଲ୍ଲୀ,୦୫/୦୧ : ଦେଶରେ କ୍ରମଶ ବୃଦ୍ଧି ପାଉଛି କରୋନା ସଂକ୍ରମଣ । ୨୪ଘଂଟା ଭିତରେ ଦେଶରୁ ୧୮୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ତେବେ ସବୁଠୁ ଅଧିକ ଚିନ୍ତା ବଢାଇଛି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟର ନୂଆ ରିପୋର୍ଟ । ରିପୋର୍ଟରେ କୁହାଯାଇଛି ଯେ ଡିସେମ୍ବର ୨୪ରୁ ଜାନୁଆରୀ ୩ ତାରିଖ ସୁଦ୍ଧା ଦେଶକୁ ୧୯ହଜାର ୨୭୭ଜଣ ଯାତ୍ରୀ ଫେରିଛନ୍ତି । ଏମାନଙ୍କ ମଧ୍ୟରୁ ୧୨୪ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ୧୧ ପ୍ରକାର କରୋନା ଭୂତାଣୁରେ ସଂକ୍ରମିତ ହୋଇଥିବା ସୂଚନା ରହିଛି । ୧୪ଜଣଙ୍କ ନିକଟରେ ଓମିକ୍ରନ ଏକ୍ସବିବି ଭ୍ୟାରିଅଂଟ ମିଳିଛି । ଏହି ଭ୍ୟାରିଅଂଟ ୧୦୫ଗୁଣା ଦ୍ରୁତ ଗତିରେ ବ୍ୟାପୁଛି । ଅନ୍ୟପଟେ ସ୍ୱାସ୍ଥ୍ୟମନ୍ତ୍ରାଳୟ ସର୍ତକ କରି କହିଛି ଯେ ଜାନୁଆରୀ ମାସ ଦେଶ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ସମୟ । ୪୫ଦିନ ପର୍ଯ୍ୟନ୍ତ ସମସ୍ତଙ୍କୁ ସର୍ତକ ରହିବାକୁ ପଡିବ ।

## ମାର୍ଚ୍ଚ ୧୦ରୁ ମାଟ୍ରିକ ପରୀକ୍ଷା



ଭୁବନେଶ୍ୱର,୦୫/୦୧ (ନି.ପ୍ର): ଆସନ୍ତା ମାର୍ଚ୍ଚ ୧୦ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ମାର୍ଚ୍ଚ ୧୦ରୁ ଆରମ୍ଭ ହୋଇ ୧୭ ତାରିରେ ଶେଷ ହେବ। ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ର ସଭାପତି ରାମାଶିଷ ହାଜରା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ବୋର୍ଡ ଉପସଭାପତି ନିହାରରଂଜନ ମହାନ୍ତି କହିଛନ୍ତି ଏଥର ପରୀକ୍ଷାକୁ ନିର୍ଭୁଲ ଭାବେ କରାଯିବା ଲାଗି ପଦକ୍ଷେପ ନିଆଯାଇଛି। ଏଥର ନୋଡାଲ ସେଂଟରର ପରିବର୍ତନ କରାଯିବ ନାହିଁ। ଖୁବ୍ ଶୀଘ୍ର ଫର୍ମଫିଲଅପ୍ ତାରିଖ ଘୋଷଣା କରାଯିବ। ଚଳିତ ବର୍ଷ ପିଲାମାନେ ଅନଲାଇନରେ ଫର୍ମଫିଲଅପ୍ କରିବେ। ସକାଳ ୧୦ ଠାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ଶେଷ ହେବ ପରୀକ୍ଷା। ପ୍ରଥମ ଦିନ ୯ଟା ସମୟରେ ଏବଂ ୨ୟ ଦିନ ଠାରୁ ୯.୨୦ରେ ଛାତ୍ରଛାତ୍ରୀମାନେ ହଲ ଭିତରକୁ ପ୍ରବେଶ କରିପାରିବେ। ଛାତ୍ରଛାତ୍ରୀଙ୍କୁ ଗଣିତ ପରୀକ୍ଷାରେ ଅଧିକ ୧୫ ମିନିଟ ସମୟ ଦିଆଯିବ। ରାଜ୍ୟର ୩୦୨୯ଟି କେନ୍ଦ୍ରରେ ପରୀକ୍ଷା ହେବ। ଚଳିତ ଶିକ୍ଷାବର୍ଷ ରାଜ୍ୟର ୫ଲକ୍ଷ ୩୨ ହଜାର ୭୧୨ ଜଣ ଛାତ୍ରାଛାତ୍ରୀ ମାଟ୍ରିକ୍ ପରୀକ୍ଷାର୍ଥୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି। ସମ୍ପେଟିଭ ୧ରେ ହୋଇଥିବା ପରୀକ୍ଷା କେନ୍ଦ୍ର ଓ ନୋଡାଲ ସେଂଟର୍ ସମ୍ପେଟିଭ ୨ ରେ ମଧ ରହିବ। ▶▶ପୃଷ୍ଠା ୭

## ରାଉରକେଲାରେ ବିର୍ସା ମୁଣ୍ଡା ହକି ଷ୍ଟାଡିଅମ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୫/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅପରାହ୍ନରେ ରାଉରକେଲା ଠାରେ ବିଶ୍ୱର ସର୍ବବୃହତ ହକି ଷ୍ଟାଡିଅମ, ବିର୍ସା ମୁଣ୍ଡା ହକି ଷ୍ଟାଡିଅମ ଆନୁଷ୍ଠାନିକ ଭାବେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ହକିକୁ ଭଲ ପାଉଥିବା ସମସ୍ତଙ୍କୁ, ଖେଳାଳୀ, ସାଧାରଣ ଜନତା, ଓଡିଶାର ହକିପ୍ରେମୀ ଦେଶର ହକି କ୍ରୀଡାବିତ୍ ସମସ୍ତଙ୍କ ଉଦ୍ଦେଶ୍ୟରେ ଏହି ଷ୍ଟାଡିଅମକୁ ମୁଁ ଉତ୍ସର୍ଗ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ଏବଂ ହକିକୁ ଭଲ ପାଉଥିବା ସମସ୍ତଙ୍କୁ ହକି ବିଶ୍ୱ କପ୍ ଭବ୍ୟ ଉତ୍ସବରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରିଥିଲେ। ବିଶ୍ୱ କପ୍ ଜିତିଲେ ପ୍ରତି ଭାରତୀୟ ଖେଳାଳିଙ୍କୁ ଏକ କୋଟି ଟଙ୍କା ଦିଆଯିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଉପସ୍ଥିତ ଜନସାଧାରଣ ଓ କ୍ରୀଡାପ୍ରେମୀ ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ହେଉଛି ଓଡିଶାର ସମଗ୍ର ଦେଶକୁ ସବୁଠାରୁ ଶ୍ରେଷ୍ଠ ଉପହାର। ଏହା ଭାରତକୁ ହକି କ୍ଷେତ୍ରରେ ଏକ ବଡ ଶକ୍ତି ଭାବରେ ଗଢି ତୋଳିବ ଏବଂ ଆଗାମୀ ଅନେକ ଦଶକ ପର୍ଯ୍ୟନ୍ତ ହକି ଖେଳରେ ଦେଶ ଏକ ମଜବୁତ ଦଳ ଭାବରେ ପ୍ରତିଷ୍ଠା ଲାଭ କରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହକିର ସ୍ୱର୍ଣ୍ଣକ୍ଷେତ୍ର ସୁନ୍ଦରଗଡରେ ଆଜି ବିଶ୍ୱର ସବୁଠାରୁ ବଡ ଷ୍ଟାଡିଅମ ଓଡିଶା ମାଟିର ଗୌରବ ଗାନ କରୁଛି। ଏ ଷ୍ଟାଡିଅମ ସାରା ବିଶ୍ୱ ପାଇଁ ହକିର ମୁଖ୍ୟ କେନ୍ଦ୍ର ହୋଇରହିବ ଏବଂ ଦେଶର ପ୍ରମୁଖ ଟିମ୍ ମାନଙ୍କୁ ସେମାନଙ୍କ ପ୍ରଦର୍ଶନ ପାଇଁ ସୁଯୋଗ ଦେଇଚାଲିବ। ଆମର ଏହି ଉଦ୍ୟମ ଦେଶର ଯୁବ ଖେଳାଳୀ ମାନଙ୍କୁ ପ୍ରେରଣା ଦେବ ବୋଲି ▶▶ପୃଷ୍ଠା ୭

## ବାଲେଶ୍ୱର ପ୍ରେସ୍ କ୍ଲବର ବାର୍ଷିକୋତ୍ସବ ପାଳିତ




ବାଲେଶ୍ୱର,୦୫/୦୧ (ନି.ପ୍ର): ବାଲେଶ୍ୱର ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ, ପ୍ରେସ୍ କ୍ଲବ ପରିସରରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି । ପୂର୍ବତନ ସଭାପତି ବିପ୍ଳବ କୁମାର ମହାନ୍ତିଙ୍କୁ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା, ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସୁଦର୍ଶନ ଜେନା ଓ ଗୋବିନ୍ଦ ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, 'ସମାଜ' ବାଲେଶ୍ୱର ସଂସ୍କରଣର ବରିଷ୍ଠ ପରିଚାଳନ ମଧୁସୂଦନ ଦାସ, ଧ୍ୱନି ପ୍ରତିଧ୍ୱନି ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସାଗରିକା ଓ ଧ୍ୱନିପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, 'ସମାଜ' ବାଲେଶ୍ୱର ସଂସ୍କାରଣ ଡେସ୍କ ଇନଚାର୍ଜ ଶଶିରଞ୍ଜନ ମଲ୍ଲିକ, 'ସମାଜ' ବାଲେଶ୍ୱର ବ୍ୟୁରୋ ମୁଖ୍ୟ କୁଳମଣି ବାରିକ୍, ବିଭୁପଦ ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଟିପିଏନ୍‌ଓଡିଏଲ୍ ପକ୍ଷରୁ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସତ୍ୟ ଓ ନିର୍ଭିକ ଖବର ପରିବେଷଣ ସହିତ ସାମ୍ବାଦିକଙ୍କ ମଧ୍ୟରେ ଏକତା ରହିଲେ ସରକାର ଓ ପ୍ରଶାସନିକ ଅଧିକାରୀ ସମସ୍ତେ ଗଣମାଧ୍ୟମକୁ ସମ୍ମାନ କରିବାର ବାଧ୍ୟ ହେବେ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ନୂଆ ସଦସ୍ୟଙ୍କୁ ପରିଚୟ ପତ୍ର ଦିଆଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବାଲେଶ୍ୱର ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ରଞ୍ଜନ ବାଗ, ଉପ ସଭାପତି ରାଜକିଶୋର ବେହେରା, ରତିକାନ୍ତ ପାତ୍ର, ମାନସ ବିଶ୍ୱାଳ, ଆଶୁତୋଷ ମଲ୍ଲିକ, ମିତ୍ରଭାନୁ ପଲେଇ, ଦେବବ୍ରତ ପାଣିଗ୍ରାହୀ, ଅମିୟ ମହାନ୍ତି, ହାଇଦର ଖାନ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ସପନ ବିଶ୍ୱାଳ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ବିଜେବି କଲେଜ ଛାତ୍ରଙ୍କୁ ମାରପିଟ୍ ଘଟଣା : ଅଭିଯୁକ୍ତ ୪ ଛାତ୍ର ନିଲମ୍ବିତ

ଭୁବନେଶ୍ୱର,୦୫/୦୧ (ନି.ପ୍ର): ବିଜେବି କଲେଜରେ +୨ ଛାତ୍ରଙ୍କୁ ମାରପିଟ୍ ଘଟଣାରେ ସମ୍ପୃକ୍ତ ୪ ଛାତ୍ରଙ୍କୁ କଲେଜ କ୍ୟାମ୍ପସରୁ ନିଲମ୍ବନ କରାଯାଇଛି। ପରୀକ୍ଷା ଯାଏଁ ସମ୍ପୃକ୍ତ ୪ ଛାତ୍ର କଲେଜ କ୍ୟାମ୍ପସ୍ ଆସିପାରିବେନି ବୋଲି କଲେଜ କର୍ତୃପକ୍ଷ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ବିଜେବି କଲେଜର ଜଣେ ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରଙ୍କୁ କିଛି ଛାତ୍ର ମାରପିଟ୍ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ବଡଗଡ ଥାନା ପୋଲିସ୍ ୪ ଜଣ ଛାତ୍ରଙ୍କୁ ଅଟକ ରଖିଥିଲା। ଆଜି ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟଜଣେ ଛାତ୍ର ନାବାଳକ ହୋଇଥିବାରୁ ତାଙ୍କୁ ବାଳ ସ୍ୱଧାର ଗୃହକୁ ପଠାଇଦିଆଯାଇଛି।

## କନ୍ଧମାଳ ଜିଲ୍ଲାର ନୂଆ ଏସ୍.ପି ଭାବରେ ଯୋଗଦେଲେ ଶୁଭେନ୍ଦୁ ପାତ୍ର

କନ୍ଧମାଳ, ୦୫/୦୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ନୂଆ ଏସପି ଭାବରେ ଯୋଗ ଦେଇଛନ୍ତି ଶୁଭେନ୍ଦୁ ପାତ୍ର । ଆଜି କନ୍ଧମାଳ ଜିଲ୍ଲାର ପୁର୍ବତନ ଆରକ୍ଷୀ ଅଧିକ୍ଷକ, ଭିନିତ୍ ଅଗ୍ରୱାଲଙ୍କ ଠାରୁ ସେ ଦାୟୀତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ସେ ଜିଲ୍ଲାରେ ଥିବା ବିଭିନ୍ନ ସମସ୍ୟା ସମେତ ଗଞ୍ଜେଇ ଚୋରା ଚାଷ,ଡ୍ରଗ୍ସ ଚୋରା ଚାଲାଣ ଓ ମାଓବାଦୀ ସମସ୍ୟା ସମେତ ଜିଲ୍ଲାର ଅନ୍ୟାନ୍ୟ ସମସ୍ୟା ଗୁଡିକ ସମାଧାନ ପାଇଁ ବିଶେଷ ଦୃଷ୍ଟି ଦେବେ ବୋଲି କହିଛନ୍ତି ।ଏଥିପାଇଁ ସେ ଜିଲ୍ଲାରେ ଲୋକଙ୍କ ସମେତ ଗଣମାଧମର ସହଯୋଗର ଆବଶ୍ୟକ ବୋଲି କହିଥିଲେ ।ଗତ ବୁଧାବାର ଦିନ ସ୍ଥାନୀୟ ମାଦିକୁନ୍ଦା ରିଜର୍ଭ ପୋଲିସ ପଡିଆରେ ପୁର୍ବତନ ଏସପି ଭିନିତ ଅଗ୍ରୱାଲଙ୍କୁ ଆନୁଷ୍ଠାନିକ ଭାବରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ଜିଲ୍ଲା ସ୍ତରୀୟ ପୋଲିସ ଅଧିକାରୀ, ଗଣମାଧମ ପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ତାଙ୍କର ଜାଜପୁର ଜିଲ୍ଲା ଏସପି ଭାବରେ ବଦଳି ହୋଇଛି ଏବଂ ମାଲକାନଗିରି ଉପଖଣ୍ଡ ପୋଲିସ ଅଧିକାରୀ ଭାବରେ କାର୍ଯ୍ୟରତ ୨୦୧୯ ମସିହାର ଆଇପିଏସ ଅଧିକାରୀ ଶୁଭେନ୍ଦୁ ପାତ୍ରଙ୍କର କନ୍ଧମାଳ ଜିଲ୍ଲା ଏସପି ଭାବରେ ବଦଳି ହୋଇଛି । ଆଇପିଏସ ପାଇବା ପରେ ସେ ଅନୁଗୁଳଠାରେ ତାଲିମ ପାଇବା ପରେ ମାଲକାନଗିରି ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବରେ ଯୋଗ ଦେଇଥିଲେ । କନ୍ଧମାଳ ଜିଲ୍ଲାରେ ସେ ପ୍ରଥମେ ଏସପି ଭାବରେ ଯୋଗ ଦେବେ ବୋଲି ଜଣାପଡିଛି। ଓଡିଶା କ୍ୟାଡର ର ଆଇପିଏସ ଅଧିକାରୀ ଶୁଭେନ୍ଦୁ ପାତ୍ର ଜଣେ ମେଳାପି ଏବଂ କର୍ତବ୍ୟନିଷ୍ଠ ପୋଲିସ ଅଧିକାରୀ ଭାବରେ ସୁପରିଚିତ ଥିବା ଜଣାପଡିଛି । ସେ ଗତ ୨୦୨୧ ମସିହା ନଭେମ୍ବର ମାସ ୧୦ ତାରିଖରେ ମାଲକାନଗିରିରେ ଉପଖଣ୍ଡ ପୋଲିସ ଅଧିକାରୀ ଭାବରେ ଯୋଗ ଦେଇଥିଲେ ।ତେବେ ଭିନିତ ଅଗ୍ରୱାଲ କନ୍ଧମାଳ ଜିଲ୍ଲାରେ ଯୋଗ ଦେବାଠାରୁ ଜିଲ୍ଲାରେ ଆଇନ ଶୃଙ୍ଖଳା ଏବଂ ମାଓବାଦୀ ଦମନରେ ଅଗ୍ରଣୀ ଭୁମିକା ଗ୍ରହଣ କରିଥିେ। ଜିଲ୍ଲାରେ କାର୍ଯ୍ୟକାଳରେ ସେ ମାଓବାଦୀ ନିୟନ୍ତ୍ରଣ ଓ ଗଞ୍ଜେଇ ଚୋରାଚାଲାଣ ରୋକିବାରେ ସଫଳ ଭୁମିକା ନିର୍ବାହ କରିଛନ୍ତି ।

# କେନ୍ଦୁଝର ପୌରାଂଚଳରେ ନୂତନ ପାଇପ ଲାଇନ ବିଛାଇବା ଯୋଗୁଁ ନଷ୍ଟ ହେଉଛି ସାହି ବସ୍ତି ରାସ୍ତା

କେନ୍ଦୁଝର, ୦୫/୦୧ (ନି.ପ୍ର): କେନ୍ଦୁଝର ସହରରେ ନୂତନ ଭାବେ ପାଇପ ବିଛାଯିବା କାରଣରୁ ବିଭିନ୍ନ ସାହି ବସ୍ତି ମାନଙ୍କରେ ରାସ୍ତାସବୁ ନଷ୍ଟ ହେବାରେ ଲାଗିଛି। ପାଇପ ବିଛାଇବା ଦାୟିତ୍ୱ ନେଇଥିବା ସଂସ୍ଥା ପାଇପ ବିଛାଇବା ପରେ ରାସ୍ତା ମରାମତି ନ କରି ଖାଲ କରି ପକାଇ ଯାଇଥିବାରୁ ସମସ୍ତ ରାସ୍ତାଗୁଡିକ ଅସୁରକ୍ଷିତ ହୋଇପଡିଛି। ବିଶେଷ ଭାବେ ପିଚୁ ରାସ୍ତା ରେ ଚଳପ୍ରଚଳ ଅସୁରକ୍ଷିତ ହୋଇପଡିଛି। ଯେଉଁଥିପାଇଁ ସାହିର ଲୋକମାନେ ଯାତାୟତ କରିପାରିବାରେ ନାନା ସମସ୍ୟାର ସମୁଖିନ୍ନ ହେଉଛନ୍ତି। ଏ ନେଇ ଅଭିଯୋଗ କଲେ ମଧ କେହି ଶୁଣୁନଥିବା ରୁ ଅସନ୍ତୋଷ ଦେଖାଦେଇଛି। ଏପରିକି ଅନେକ ଯାଗାରେ ନୂଆ କରି ନିର୍ମାଣ ହୋଇଥିବା ପାଇପ ବିଛାଇ ନଷ୍ଟ ହୋଇଛି। ଏହାଦ୍ୱାରା ପୌରପାଳିକାର ବ୍ୟାପକ ଅର୍ଥହାନୀ ହେଉଛି। ନିୟମ ଅନୁଯାୟୀ ରାସ୍ତାର ମରାମତି କାମ ସଂପୃକ୍ତ ଠିକା ସଂସ୍ଥା କରିବା କଥା। କିନ୍ତୁ ବିଭିନ୍ନ ଆଳ ଦେଖାଇ ଦୀର୍ଘ ମାସ ମରାମତି କରୁନଥିବାରୁ ରାସ୍ତାଗୁଡିକର ଅବ୍ସ୍ଥା ଶୋଚନୀୟ ହୋଇପଡିଛି। ଏହାର ଗୁରୁତ୍ୱକୁ ଉପଲକ୍ଷ କରି କେନ୍ଦୁଝରଗଡ ପୌରାଧକ୍ଷା ନିକୁ ସାହୁ ଚିଠି କରି ୱାଟକୋ ର ଜେନେରାଲ ମ୍ୟାନେଜର ଙ୍କୁ ଚିଠି କରି ତୁରନ୍ତ ରାସ୍ତା ମରାମତି କରିବା ପାଇଁ କହିଛନ୍ତି। କେନ୍ଦୁଝର ସହରରେ ଏବେ ଭଲ ରାସ୍ତାକୁ ଖୋଳି ପାଇପ ବିଛା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ପୌରପାଳିକା ଏବଂ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପାଇପ ବିଛାଇବା ନାମରେ ବିଭିନ୍ନ ୱାର୍ଡରେ ରାସ୍ତା ନଷ୍ଟ ହେଉଛି। ଜନସ୍ୱାସ୍ଥ୍ୟ ବିଭାଗର ଠିକାଦାର ମୋହନଗଡ କନଷ୍ଟ୍ରକସନ ପାଇପ ବିଛାଉଥିଲେ ହେଁ ପୌରପାଳିକା ପକ୍ଷରୁ କାମ ହେଉଥିବା ସ୍ଥାନରେ ଅଭିଯୋଗ ହେଲେ ମଧ ତଦାରଖ କରାଯାଉନାହିଁ। ଠିକାଦାର ମୋହନଗଡ କନଷ୍ଟ୍ରକସନ ୪ଜଣ ଠିକାଦାରଙ୍କୁ ସବଲେଟ୍ ଦେଇ କାମ କରୁଥିବା ବେଳେ ପାଇପ ଖୋଳିବା ସମୟରେ ଜନସ୍ୱାସ୍ଥ୍ୟ ବିଭାଗର କୌଣସି ଯନ୍ତ୍ରୀ ଉପସ୍ଥିତ ରହୁନଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କ ବେପରୁଆ କାମ ଯୋଗୁ ବହୁ ଗୁରୁତ୍ୱପୂର୍ଣ୍ଣ ଏବଂ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ନଷ୍ଟ ହୋଇଗଲାଣି। ନିକଟ ଅତୀତରେ ତିଆରି ହୋଇଥିବା ରାସ୍ତାକୁ ମେସିନ ସାହାଯ୍ୟରେ ଖୋଳି ପାଇପ ବିଛାଇବା ପରେ ଏହାକୁ ମରାମତି କରାଯାଉନାହିଁ। ସହରାଂଚଳ ପାନୀୟ ଜଳ ଯୋଗାଣ ବିଭାଗ ବା ପିଏଚ୍ଇଡି ତରଫରୁ ଏପରି କାର୍ଯ୍ୟ କରାଯାଉଥିବାବେଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ନିର୍ମିତ ହୋଇଥିବା ରାସ୍ତାଗୁଡିକ ନଷ୍ଟ ହୋଇ କଦର୍ଯ୍ୟ ଅବସ୍ଥାକୁ ଚାଲିଆସୁଛି। ଏହି ପ୍ରକ୍ରିୟା କ୍ରମାଗତ ଭାବରେ ଚାଲିଥିଲେ ମଧ୍ୟ ପୌରପାଳିକାର ଏଥିପ୍ରତି ଦୃଷ୍ଟି ନ ପଡିବାରୁ ସାଧାରଣରେ ଅସନ୍ତୋଷ ତୀବ୍ର ହେଉଛି । ସହରର ମୁଖ୍ୟ ରାସ୍ତା ହେଉ ବା ଗଳିକନ୍ଦି ରାସ୍ତା ଏପରି ରାସ୍ତା ଖୋଳି ପାଇପ ବିଛାଇବା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିକଟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ରାସ୍ତାକୁ ରୋଡ କ୍ରସ ଆକାରରେ କାଟି ତା ଉପରେ ଖୋଳାଯାଇଥିବା ମାଟି ଘୋଡାଇଦେବା କାରଣରୁ ଯାତାୟତ କରୁଥିବା ଲୋକମାନେ ଘୋର ଅସୁବିଧା ଭୋଗୁଛନ୍ତି । ରାସ୍ତାରେ ହଠାତ ଏକ ହମ୍ପସ ପରି ଅବସ୍ଥାକୁ ଯୋଗୁ ଦୂର୍ଘଟଣା ଘଟୁଛି। ସେହିପରି ଢେଙ୍କାପୁର ଶାସନର ରାସ୍ତା ପାର୍ଶ୍ୱକୁ ଖୋଳି ପାଇପ ବିଛାଇ ମାଟି ଘୋଡାଇଦିଆଯାଇଛି । ଏପରି ବେପରୁଆ ରାସ୍ତାଖୋଳା ସାଧାରଣ ଲୋକଙ୍କ ପାଇଁ ସମସ୍ୟା ହୋଇଛି। ମେଡିକାଲ ସମ୍ମୁଖ ରାସ୍ତା ଓ ଢେଙ୍କାପୁର ରାସ୍ତା ଦୁଇଟି କେନ୍ଦୁଝର ରାସ୍ତା ଓ କୋଠାବାଡି ଡିଭିଜନ ଅଧିନରେ ରହିଥିବାବେଳେ ପିଏଚ୍ଇଡି ତରଫରୁ ମରାମତି କରାଯାଉନାହିଁ । ଏବେ ନଗର ଭବନ ସମ୍ମୁଖ ରାସ୍ତାକୁ ଖୋଳାଯାଇ ପାଇପ ବିଛା ଯାଉଥିବାବେଳେ ପୂର୍ବରୁ ମଧ୍ୟ ଏପରି ଅନେକ ରାସ୍ତାକୁ କାଟି ପକାଉଥିବା ଦେଖିବାକୁ ମିଳିଛି । ପୂର୍ବରୁ ମାଧପୁର,ମାଗୁରଗାଡିଆ ଆଦି ୱାର୍ଡର ବହୁ ରାସ୍ତା ପାଇପ ଖୋଳି ନଷ୍ଟ ହୋଇ ଗମନା ଗମନ ଅନୁପଯୋଗୀ ହୋଇପଡିଛି । ଟେଣ୍ଡର ରେ ରହିଥିବା ସର୍ତ୍ତ ଅନୁସାରେ ପାଇପ ବିଛାଇବା ସମୟରେ ରାସ୍ତାର ହେଉଥିବା କ୍ଷୟକ୍ଷତି ସମ୍ପୃକ୍ତ ଠିକା ସଂସ୍ଥା କରିବ ଏବଂ ଏହାକୁ ଜନସ୍ୱାସ୍ଥ୍ୟ ବିଭାଗ ତଦାରଖ କରିବ। ମାତ୍ର ଠିକା ସଂସ୍ଥା ପାଇପ ବିଛାଇବା ପରେ ରାସ୍ତା ମରାମତି କରୁନଥିବାରୁ ସହର ର ବିଭିନ୍ନ ୱାର୍ଡ ଗୁଡିକରେ ଗମନାଗମନ ବିପର୍ଯ୍ୟସ୍ତ ହୋଇପଡିଛି। ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନ ନେଲେ ଜନ ଅସନ୍ତୋଷ ତୀବ୍ର ହେବାର ଆଶଙ୍କାକୁ ଏଡାଇ ଦିଆଯାଇନ ପାରେ । ଏ ସଂପର୍କରେ ୱାଟକୋ ଜେନେରାଲ ମ୍ୟାନେଜର ଇଂ ନାରଦ ଚନ୍ଦ୍ର ରଥଙ୍କ ସହ ଯୋଗାଯୋଗ କରିବାରୁ ପାଇପ ବିଛା କାମ ସରିବା ପରେ ରାସ୍ତା ମରାମତି ପାଇଁ ଠିକାଦାରଙ୍କୁ କୁହାଯାଇଛି।

## ଓଳାଭର ରାଧାନାଥ ରଥ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

କେନ୍ଦ୍ରାପଡା, ୦୫/୦୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଓଳାଭର ଠାରେ ଥିବା ରାଧାନାଥ ରଥ ଚିକିତ୍ସାଳୟରେ ଲାଗି ରହିଥିବା ଅବ୍ୟବସ୍ଥା ସଂପର୍କରେ ସମାଜସେବୀ ସୁଶାନ୍ତ ନାୟକ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହ ତୁରନ୍ତ ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି । ନଚେତ୍ ଡାକ୍ତରଖାନା ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଖବର ମୁତାବକ ୧୯୫୦ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ଏହା ଉଦ୍ଘାଟିତ ହୋଇଥିବା ବେଳେ ଦୀର୍ଘ ୭୦ ବର୍ଷ ପରେ ମଧ ଏହା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ଡାକ୍ତରଖାନାରେ କୌଣସି ଡାକ୍ତର ନଥିବା ବେଳେ , ନର୍ସ, ଟେକନିସିଆନ ମାନଙ୍କ ଘୋର ଅଭାବ ରହିଛି । ସାଧାରଣ ମଳ, ମୁତ୍ର ଆଦି ପରୀକ୍ଷା ପାଇଁ ଲୋକେ ଘରୋଇ ସଂସ୍ଥା ଉପରେ ନିର୍ଭର କରୁଛନ୍ତି । ଓଳାଭର, ବଳରାମ, ପେଗରପଡା, ନହୁଣୀ, ବାରାହି, ବରୁଣା, ଦୋବନ୍ଧା ପ୍ରଭୃତି ପ୍ରାୟ ୭ଟି ପଂଚାୟତର ଲୋକେ ଏହି ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ବେଳେ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ମିଳିପାରୁ ନାହିଁ । ଏପରିକି ଜରୁରୀ ସେବା ପାଇଁ ଆମ୍ବୁଲାନ୍ସ ନଥିବା ବେଳେ ସାପ କାମୁଡା, କୁକୁର କାମୁଡା ଭଳି ଜରୁରୀ କାଳୀନ ଇଞ୍ଜେକସନ ମଧ ଏଠାରେ ଉପଲବ୍ଧ ହେଉନାହିଁ । ଆଗାମୀ ୭ଦିନ ମଧରେ ସମସ୍ୟାର ସମାଧାନ ନହେଲେ ଅଂଚଳବାସୀ ଅହୋରାତ୍ର ଧାରଣା ଦେବେ ବୋଲି ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

# ବୌଦ୍ଧଠାରେ ପ୍ରଥମ ଥର ପାଇଁ ମହିଳା ଗୋପାଳନ ସମ୍ମିଳନୀ ଅନୁଷ୍ଠିତ

ବୌଦ୍ଧ, ୦୫/୦୧ (ନି.ପ୍ର): ୨୯ ତମ ବୌଦ୍ଧ ଜିଲ୍ଲା ପ୍ରତିଷ୍ଠା ଦିବସ ଅବସର ରେ ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ପ୍ରଥମ ଥର ପାଇଁ ମହିଳା ଗୋପାଳନ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି,ମହିଳା ଗୋ ଦୁଗ୍ଧ ସମବାୟ ସମିତି ମାଧମ ରେ ଦୁଗ୍ଧ ସଂଗ୍ରହ ପ୍ରକ୍ରିୟା କୁ ତ୍ୱରାନ୍ୱିତ କରିବା ସହିତ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରାଇବା ଲକ୍ଷ୍ୟ ନେଇ ଅନୁଷ୍ଠିତ ଏହି ସମ୍ମିଳନୀ ରେ ଜିଲ୍ଲା ର ବିଭିନ୍ନ ପ୍ରାନ୍ତରୁ ୭୦୦ ରୁ ଅଧିକ ମହିଳା ଗୋଚାଷୀ ଯୋଗ ଦେଇଥିଲେ, ଏଡିଭିଓ ଡା ପ୍ରଭାସ କୁମାର ବେହେରା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ରୁପେ ଜଙ୍ଗଲ ଓ ପରିବେଶ ତଥା ପଂଚାୟତ ରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ଶ୍ରୀ ପ୍ରଦିପ କୁମାର ଅମାତ ଯୋଗ ଦେଇ ବିଭାଗ ର ଏହି ପଦକ୍ଷେପ କୁ ପ୍ରଶଂସା କରିବା ସହିତ ଏହି ସମ୍ମିଳନୀ ଗ୍ରାମାଂଚଳ ମହିଳା ମାନଙ୍କୁ ଗୋପାଳନ ପ୍ରତି ଅଧିକ ଆକୃଷ୍ଟ କରିବ୍। ସହିତ ମହିଳା ସଶକ୍ତିକରଣ ର ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ, ସମ୍ମାନୀତ ଅତିଥି ଭାବରେ ଜିଲ୍ଲାପାଳ ସତ୍ୟ ରଂଜନ ସାହୁ ୨୦୨୩ ସୁଦ୍ଧା ବୋ ?ଦ୍ଧ ଜିଲ୍ଲା ରେ ୨୦୦୦୦ ଲିଟର ଦୁଗ୍ଧ ସଂଗ୍ରହ ର ଲକ୍ଷ୍ୟ ରଖାଯାଇଛି ଯେଉଁଥିରେ ମହିଳା ମାନେ ପ୍ରମୁଖ ସହଭାଗିତା ରହିବ ବୋଲି ମତବ୍ୟକ୍ତ କରିଥିଲେ, ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେ୍ର,ବଲାଙ୍ଗୀର କଳାହାଣ୍ଡି ନୂଆପଡ଼ା ଦୁଗ୍ଧ ସଂଘ ର ସଧାରଣ ପରିଚାଳକ ଡା ସରୋଜ କୁମାର ସାହୁ,ଓମ୍ଫେଡ୍ ର ଉପ ପରିଚାଳକ ଡା ବିଶ୍ୱ ରଂଜନ ତ୍ରିପାଠୀ, ପ୍ରାଣୀ ସମ୍ପଦ ବିଭାଗ ର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ଡା ବଳରାମ ସାହୁ,ପ୍ରାଣୀ ଚିକିତ୍ସା ତଥା ପ୍ରାଣୀ ପାଳନ ମହାବିଦ୍ୟାଳୟ ର ପ୍ରାଣୀ ପ୍ରଜନନ ବିଭାଗୀୟ ମୁଖ୍ୟ ପ୍ରଫେସର ଡା ବିଜୟ କୁମାର ପାତ୍ର ଆଦି ଯୋଗ ଦେଇ ମହିଳା ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ,ଏହି ଅବସର ରେ ମୁଖ୍ୟ ଅତିଥି ଙ୍କ ଦ୍ୱାରା ଗୋପାଳନ ମାଧମ ରେ ମହିଳା ସଶକ୍ତିକରଣ ଲକ୍ଷ୍ୟ ନେଇ ଏକ ଲୋଗୋ ଉନ୍ମୋଚନ କରଯାଇଥିଲା,ସଭା ଅନ୍ତେ ଏକ ଗୋପାଳନ କର୍ମଶାଳା ଅନୁଷ୍ଠିତ ହୋଇଥିଲା,ଯେଉଁଥିରେ ସେଂଚୁରିଆନ ବିଶ୍ୱ ବିଦ୍ୟାଳୟ ର ସହକାରୀ ପ୍ରାଧାପକ ଡା ଅଭିଷେକ ହୋତା, ବଲାଙ୍ଗୀର ଆୟୁର୍ବେଦିକ ମହାବିଦ୍ୟାଳୟ ର ସହକାରୀ ପ୍ରାଧାପକ ଡା ନିତ୍ୟାନନ୍ଦ ବଳ,ଉପ ନିର୍ଦ୍ଦେଶକ ଡା ହୃଷିକେଶ ବେହେରା, ହରଭଙ୍ଗା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ବିରେନ୍ଦ୍ର ପୃଷ୍ଟି, କଂଟାମାଳ ଗୋଷ୍ଠୀ ପ୍ରାଣୀଚିକିତ୍ସା ଅଧିକାରୀ ଡା ବିମଳ ଚୌଧୁରୀ, ବୋ ?ଦ୍ଧ ବ୍ଲକ ର ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ସୋନାଲୀ ରାଉତ ଆଦି ପ୍ରାଣୀ ଚିକିତ୍ସା ରେ ଆୟୁର୍ବେଦିକ ଚିକିତ୍ସା,ଗୋପାଳନ ର ବିଭିନ୍ନ ଦିଗ,ଗୋପାଳନ ରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ର ଭୂମିକା ଓ ଦୁଗ୍ଧ ସମବାୟ ସମିତି ପରିଚାଳନା ଆଦି ବିଷୟ ରେ ଆଲୋଚନା କରିଥିଲେ,ପ୍ରାଣୀ ଚିକିତ୍ସକ,ଉଁଶୁଣୀ ଡା ପ୍ରିୟବ୍ରତ ବେହେରା ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ, ଜିଲ୍ଲା ପ୍ରଶିକ୍ଷଣ ଅଧିକାରୀ ଡା ସଂଘମିତ୍ରା ପ୍ରାମାଣିକ ମଂଚ ପରିଚାଳନା କରିଥିଲେ ଓ ମିଶନ ଶକ୍ତି ର ଜିଲ୍ଲା ସଂଯୋଜକ ଦେବଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ, କର୍ମଶାଳା ଶେଷ ରେ ମହିଳା ମାନେ ଏକ ବିଶାଳ ଶୋଭାଯାତ୍ରା ରେ କଚେରୀ ପଡ଼ିଆ ଯାଇଥିଲେ ଯେଉଁଠାରେ ମନ୍ତ୍ରୀ ଶ୍ରୀ ଅମାତ ଙ୍କ ଦ୍ୱାରା ମହିଳା ମାନଂକ ଦ୍ୱାରା ଉତ୍ପାଦିତ ୫୦୦୦ ଲିଟର ଗୋଦୁଗ୍ଧ ର ଉଦଘାଟନ କରିଥିଲେ, ସର୍ବାଧିକ ଦୁଗ୍ଧ ଉତ୍ପାଦନ ପାଇଁ ପଂଚାୟତ ମହିଳା ଗୋଦୁଗ୍ଧ ସମବାୟ ସମିତି,ଲୁଣ୍ଡିହାଲ ଓ ମହିଳା ଗୋଚାଷୀ ନଳିନୀ ଭୋକ୍ତା ଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା ।

## ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ନୌକା ଚାଳନା ପ୍ରତିଯୋଗିତା କମିଟିର ବୈଠକର ବିବରଣୀ

ମାଲକାନଗିରି , ୦୫/୦୧ (ନି.ପ୍ର): ସତିଗୁଡା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ପରିସରରେ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ନୌକା ଚାଳନା ପ୍ରତିଯୋଗିତା ଦାୟିତ୍ୱରେ ଥିବା କମିଟିର ଏକ ବୈଠକ ଉପନିର୍ଦ୍ଦେଶକ, ମତ୍ସ୍ୟ ବିଭାଗ, ନରସିଂହ ମୁଠଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି ।ଏହି ବୈଠକରେ କମିଟିର ସଦସ୍ୟ ବନାଂଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଶୋଇ, ଅବସରପ୍ରାପ୍ତ ବନପାଳ, ଦୁର୍ଯୋଧନ ପାତ୍ର, ବନପାଳ ରମେଶ ଚନ୍ଦ୍ର ରାଉତ, ଦେବାଶୀଷ ପ୍ରଧାନ, ମତ୍ସ୍ୟଜୀବି ସମବାୟ ସମିତି ସଭାପତି କ୍ରିଷ୍ଣ ବିଶ୍ୱାସ, ସମ୍ପାଦକ ସମୀର କବାସୀଙ୍କ ସହ ବନ ବିଭାଗ ଓ ସମବାୟ ସମିତିର ସଦସ୍ୟ ମାନେ ଉପସ୍ଥିତ ରହି ଆସନ୍ତା ୧୩ ତାରିଖ ଦିନ ନୌକା ଚାଳନା ପ୍ରତିଯୋଗିତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଜଳ ଭଠାର ମଧରେ ଥିବା ମତ୍ସ୍ୟ ବିଭାଗର ପଞ୍ଜୁରୀ ଠାରୁ ଡଙ୍ଗ । ଘାଟ ୩୦୦ ମିଟର ମଧରେ ଏହି ନୌକା ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ୧୦ ଟି ଦଳ ଭାଗ ନେବେ ପ୍ରତି ଦଳରେ ଚାରିଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଜଳଭଠାରରେ ୩୦୦ ମିଟର ସୀମା ଚିହ୍ନଟ ପାଇଁ ବନ ବିଭାଗ ଦ୍ୱାରା ଚିହ୍ନଟକାରୀଙ୍କୁ ରଶି, ବେଲୁନ୍, ସୋଲ, ଯୋଗାଇଦେବେ । ମତ୍ସ୍ୟ ବିଭାଗ ୪୦ ଜଣ ପ୍ରତିଯୋଗୀ ମାନଙ୍କ ସହ ପଦାଧିକାରୀ ଓ ଅତିଥିମାନଙ୍କ ନିମନ୍ତେ ପାନୀୟ ଜଳ ଓ ଜଳଖିଆର ବ୍ୟବସ୍ଥା କରିବେ । ବନ ବିଭାଗର ଦୁଇଟି ମୋଟର ବୋଟ ଏବଂ ଅଗ୍ନିଶମ ବିଭାଗର ଗୋଟିଏ ମୋଟର ବୋଟ ଏହି କାର୍ଯ୍ୟରେ ନିୟୋଜିତ ରହିବ । ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଚୟନ ନିମନ୍ତେ ଜିଲ୍ଲା କ୍ରୀଡା ଅଧିକାରୀଙ୍କ ଚାରଟି ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦାୟିତ୍ୱରେ ରହିବେ । ବନ ବିଭାଗ ୧୦ଟି, ମତ୍ସ୍ୟ ବିଭାଗ ୨୦ଟି ଓ ଅଗ୍ନିଶମ ବିଭାଗ ୧୦ଟି ଲାଇଫ୍ ଜାକେଟ୍ ଯୋଗାଇଦେବେ । ମାଲ୍ୟବନ୍ତ ମହୋତ୍ସବ ପରିଚାଳନା କମିଟି ତରଫରୁ ପ୍ରତି ପ୍ରତିଯୋଗୀଙ୍କୁ ମାଲ୍ୟବନ୍ତ ଲୋଗୋ ଥିବା ଗଞ୍ଜି ଏବଂ ଟୋପି ଯୋଗାଇଦେବା ପାଇଁ ବୈଠକରେ ଅନୁରୋଧ କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ଅଗ୍ନିଶମ ବିଭାଗ ତରଫରୁ ଜରୁରୀ ଚିକିତ୍ସା ପାଇଁ ଡାକ୍ତର ଏବଂ ଆମ୍ବୁଲାନ୍ ?ସ୍ ? ଦଳ ଉପସ୍ଥିତ ରହିବେ । ଏ ସମ୍ବନ୍ଧରେ ମହୋତ୍ସବ କମିଟି ତରଫରୁ ସ୍ୱାସ୍ଥ୍ୟ ବିଭାଗ ଓ ଅଗ୍ନିଶମ ବିଭାଗକୁ ୧୩ ତାରିଖ ପୂର୍ବରୁ ସୁଚନା ପ୍ରଦାନ କରିବେ । ଦିନକ ପୂର୍ବରୁ ଡାକବାଜୀ ଯନ୍ତ୍ର ଦ୍ୱାରା ମାଲକାନଗିରି ସହର ସହ ସତୀଗୁଡା ଜଳଭଠାର ଚତୁଃପାର୍ଶ୍ୱ ଗ୍ରାମ ଗୁଡିକରେ ନୌକା ଚାଳନା ପ୍ରତିଯୋଗିତା ସମ୍ବନ୍ଧରେ ସୁଚନା ପ୍ରଦାନ କରାଯିବ । ୧୩ ତାରିଖ ଦିନ ଦିବା ୨ ଘଟିକା ସମୟରେ ପ୍ରତିଯୋଗିତା ଆରମ୍ଭ ହେବ । ଏଥିପୂର୍ବରୁ ମତ୍ସ୍ୟ ବିଭାଗ ସମସ୍ତ ପ୍ରତିଯୋଗୀ ଦଳ ମାନଙ୍କୁ ମଧାହ୍ନ ୧ ଘଟିକା ମଧରେ ପ୍ରତିଯୋଗିତା ପ୍ରାରମ୍ଭ ସ୍ଥଳରେ ମହଜୁଦ ରହିବେ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଦଳମାନେ ମତ୍ସ୍ୟ ବିଭାଗ ନିକଟରେ ଦଳର ନାମର ଓ ପ୍ରତିଯୋଗିତାଙ୍କ ନାମ ପଞ୍ଜିକରଣ କରିବେ । ପ୍ରତିଥର ପରି ପ୍ରଥମ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ୫ ହଜାର, ଦ୍ୱିତୀୟ ସ୍ଥାନ ୩ ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୨ ହଜାର ଟଙ୍କ । ମାଲ୍ୟବନ୍ତ ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯିବ । ମାଲ୍ୟବନ୍ତ ମହୋତ୍ସବ ପରିଚାଳନା କମିଟି ମୁଖ୍ୟ ଆଜିର ବୈଠକର ସବିଶେଷ ତଥ୍ୟକୁ ଗୁରୁତ୍ୱ ଦେଇ କାର୍ଯ୍ୟପନ୍ଥାକୁ ନିର୍ଦ୍ଧାରିତ କରିବା ପାଇଁ ଅନୁରୋଧ କରାଗଲା ।

# ମହାରାଣୀ ସାଗର ଉନ୍ନତିକରଣ ପାଇଁ ଇଚ୍ଛା ପଡା ଓ ଇନ୍ଦିରା ନଗର ଜବର ଦଖଲ ଉଚ୍ଛେଦ ପାଇଁ ୪୮ ଘଂଟିଆ ନୋଟିସ: ପ୍ରଶାସନ ଓ ଲୋକ ପ୍ରତିନିଧି ମୁହାଁମୁହିଁ

ବଲାଙ୍ଗୀର , ୦୫/୦୧ (ନି.ପ୍ର): ବଲାଙ୍ଗୀର ସହରର ବହୁ ଅଂଚଳରେ ଜନ ବସତି ସରକାରୀ ଜବରଦଖଲ ଜମି ଉପରେ ବସିଛି । ସରକାର ଜବରଦଖଲ ଉଚ୍ଛେଦ କରିବାକୁ ବିଭିନ୍ନ ସମୟରେ ପଦକ୍ଷେପ ନେଉଛନ୍ତି । ପୂର୍ବରୁ ସୂର୍ଯନଗର,ବ୍ରାହ୍ମଣପଡା,ଫସଲାପଡରି ଇତ୍ୟାଦି ଅଂଚଳରେ ଘରମାନେ ଭଙ୍ଗା ସରିଲାଣି । ଏବେ ଇଚ୍ଛାପଡା ଓ ଇନ୍ଦିରାନଗରରୁ ଜବର ଦଖଲ ଉଚ୍ଛେଦ କରିବାକୁ ପ୍ରଶାସନ ଆଗେଇ ଆସିଛି । ଗତବର୍ଷ ମହାରାଣି ସାଗର ଉନ୍ନତିକରଣ ଓ ଆଖପାଖ ଅଂଚଖରୁ ଜବରଦଖଲ ହଟାଇ ସୌନ୍ଦର୍ଯ୍ୟକରଣ କରିବାକୁ ବିଧାୟକ ନରସିଂହ ମିଶ୍ର ଶୀଳାନ୍ୟାସ କରିଥିଲେ । କିନ୍ତୁ ଜବରଦଖଲ ହଟାଇ ନାପରିବାରୁ କାମ ଆରମ୍ଭ ହୋଇନାହିଁ । ସ୍ଥାନୀୟ ଲୋକଙ୍କ ଜିଦ ମହାରାଣୀ ସାଗର ଭିତରୁ ପଙ୍କୋଦ୍ଧାର ନକରି କେବଳ ଉନ୍ନୟନ ନାମରେ ଅନୁଦାନ ହରିଲୁଟ୍ ର ଯୋଜନା ଚାଲିଛି । ଗରୀବ ଲୋକଙ୍କ ଘର ଭଙ୍ଗା ନଯାଇ ଯାହା ଉନ୍ନତିକରଣ କରାଯିବା କଥା କରାଯାଉ । ଏବେ କିଛି ପୂର୍ବରୁ କାଉନସିଲ ଗଠନ ପରେ ବଲାଙ୍ଗୀର ପୌରା କାଉନ୍ସିଲ ରେ ପ୍ରସ୍ତାବ ମଧ ପାରିତ ହେଲା ଯେ,ଲୋକଙ୍କୁ ଉଚ୍ଛେଦ କରାନଯାଉ । କିନ୍ତୁ ବିଧାୟକଙ୍କ ଚାପରେ ପ୍ରଶାସନ ଘର ଭାଙ୍ଗିବାକୁ ବାରମ୍ବାର ନୋଟିସ କରୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେପଟେ ମହାରାଣୀ ସାଗରର ଉନ୍ନୟନ କାମ ହୋଇପାରୁନଥିବାରୁ ବିଧାୟକ ଅସନ୍ତୋଷ ଥିବା ବେଳେ ଆସନ୍ତା ଜାନୁୟାରୀ ୬ ତାରିଖ ଦିନ ବଲାଙ୍ଗିର ରେ ବଲାଙ୍ଗୀର ଏକ୍ସନ କମିଟି ଚବିଶ ଘଣ୍ଟିଆ ବନ୍ଦ ଡାକରା ଦେଇଛି । ପ୍ରଶାସନ ତରଫରୁ ଆଜି ପୌରନିର୍ବାହୀ ଅଧିକାରୀ ସାମ୍ପି ଜୟଶ୍ରୀ ରେଡ୍ଡୀ ଆଜି କର୍ମଚାରୀଙ୍କୁ ସାଙ୍ଗରେ ନେଇ ଡାକବାଜି ଯନ୍ତ୍ରରେ ଘରଭାଙ୍ଗିବାକୁ ଘୋଷଣା କରାଇବା ସହ ୪୮ ଘଣ୍ଟାର ନୋଟିସ ଦେଇଛନ୍ତି ଓ ଡାକ ବାଜି ଜନ୍ତ ରେ ଘୋଷଣା କରାଯାଇଛି। ଏହି ଘଟଣା ଜାଣିଲା ପରେ ପୌରାଧକ୍ଷା ଲିକା ସାହୁ,ଉପାଧକ୍ଷା ଗାୟତ୍ରୀ ଭୋଇ,ବରିଷ୍ଠ କାଉନସିଲର ଶମ୍ଭୁ ନାଗ ଓ ଅନ୍ୟାନ୍ୟ କାଉନସିଲର ପହଂଚି ସ୍ଥାନୀୟ ଲୋକଙ୍କ ସହିତ ମିଶି ପୌରନିର୍ବାହୀ ଅଧିକାରୀ ବିରୋଧ କରିଥିଲେ । ଖୋଦ ପୌରାଧକ୍ଷା ଓ ପୌର ଅଧିକାରୀ ଘରଭଙ୍ଗା ପ୍ରସଙ୍ଗରେ ମୁହାଁମୁହିଁ ହୋଇଥିବା ଦେଖାଯାଇଛି। ପୌରପରିଷଦକୁ ଅଣଦେଖା କରି ପୌରଅଧିକାରୀ ନୋଟିସ କରୁଥିବା ପୌରାଧକ୍ଷା ଲିକା ସାହୁ ଅଭିଯୋଗ କରି ପାଟିତୁଣ୍ଡ କରିଥିଲ । ଲୋକଙ୍କୁ ଭୟଭିତ କରି ଘରଭଙ୍ଗାଗଲେ ପରିଣତି ଭୟଙ୍କର ହେବ ବୋଲି ବରିଷ୍ଠ କାଉନସିଲର ମାନେ କହିଥିଲେ । ସ୍ଥାନୀୟ ଇଚ୍ଛାପଡା ଓ ଇନ୍ଦିରାନଗ୍ରର ଶହଶହ ମହିଳା ଘଟଣାସ୍ଥଳକୁ ଆସି ଆଜି ଏଠାରେ ପାଟିତୁଣ୍ଡ କରିଥିଲେ । ଫଳରେ କିଛି ସମୟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ନିର୍ବାହୀଅଧିକାରୀ ସେଠାରୁ କର୍ମଚାରୀଙ୍କୁ ନେଇ ଫେରିଆସିଥିଲେ । ମହାରାଣି ସାଗରର ଉନ୍ନତିକରଣ ନାମରେ ଇଚ୍ଛାପଡା ଓ ଇନ୍ଦିରା ନଗରରେ ଘରଭାଙ୍ଗିବାକୁ ଦାବି କରି ଆସନ୍ତା ୬ ତାରିଖରେ ଏକ୍ସନ କମିଟି ବନ୍ଦ ଡାକରା ଦେଇଥିବା ବେଳେ ଘର ନଭାଙ୍ଗିବାକୁ ସ୍ଥାନୀୟ ଲୋକେ ମଧ ଉକ୍ତଦିନ ଜିଲ୍ଲାପାଳ କାର୍ଯ୍ୟାଳୟ କୁ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି । ତେଣୁ ସେହି ଦିନ ଏହି ଘଟଣାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ପାରେ ବୋଲି ଆଶଂକା କରାଯାଉଛି ।

## ମହିଳା ଆଇନଜୀବିଙ୍କୁ ଜେଲରଙ୍କ ଦୁର୍ବ୍ୟବହାର: ଥାନାର ଦ୍ୱାରସ୍ଥ ହେଲେ ଆଇନଜୀବି

କେନ୍ଦୁଝର, ୦୪/୦୧ (ନି.ପ୍ର): ଆଜି ପୂର୍ବାହ୍ନ ୧୧ଟା ୪୫ ସମୟରେ ଆଇନଜୀବୀ ଜଗଜ୍ଜୀତା ଦାଶ ଓ ଅନ୍ୟ ଜଣେ ଆଇନଜୀବୀ ପ୍ରତୀକ ମିଶ୍ରଙ୍କ ସହ କେନ୍ଦୁଝର ଜେଲରେ ଥିବା ତାଙ୍କ ଜଣେ ମହକିଲ ସିପୁନ ମହାରଣା ଙ୍କୁ ଦେଖା କରିବା ପାଇଁ ଯାଇଥିବା ବେଳେ ଜେଲର ମନସ୍ୱିନୀ ନାୟକ ଦୁର୍ବ୍ୟବହାର କରିବା ସହ ଭେଟିବାକୁ ଦେଇନଥିବା ସେ ଅଭିଯୋଗ କରିଛନ୍ତି । ଆଇନଜୀବୀ ଜଗତଜିତା ଦାଶ ଙ୍କ ଅଭିଯୋଗ ଅନୁଯାୟୀ ବାର ର ଓକିଲ ଙ୍କୁ ସେମାନଙ୍କ ମହକିଲ ଙ୍କ ସହିତ ଭେଟ କରିବା ପାଇଁ ସୁଯୋଗ ଦିଆଯାଉଥିବା ବେଳେ ଆମକୁ ସୁଯୋଗ ଦିଆଯାଉନାହିଁ। ଏହାର ପ୍ରତିବାଦ କଲେ ଗାଳିଗୁଲଜ କରି ଦୁର୍ବ୍ୟବହାର କରାଯାଉଛି। ବାହାର ଓକିଲ ଙ୍କୁ ଜେଲ ଭିତରେ କଥାବାର୍ତା ହେବା ପାଇଁ ସୁଯୋଗ ଦିଆଯାଉଛି , କିନ୍ତୁ ଆମ୍ଭଙ୍କୁ ଲୁହା ତାରଜାଲି ବାହାରେ ଭେଟିବା ପାଇଁ ସୁଯୋଗ ଦିଆଯାଉଛି। ଏହାକୁ ନେଇ ସେ ଜିଲ୍ଲା ଓକିଲ ସଂଘ ନିକଟରେ ଅଭିଯୋଗ କରିବା ପରେ ଅଭିଯୋଗ କପି ଟାଉନ ଥାନାରେ ପ୍ରଦାନ କରାଯାଇଛି। ଏ ନେଇ ଜେଲର ମନସ୍ୱିନୀ ନାୟକ ଙ୍କ ସହ ଯୋଗାଯୋଗ କରିବାରୁ ଜେଲ ଭିତରେ ମହକିଲ ଙ୍କୁ ଦେଖା କରିବାକୁ କହିଥିଲେ। ଏହାକୁ ବାରଣ କରିବାରୁ ସେ ଉତ୍କ୍ଷିପ୍ତ ହୋଇ ଅଭିଯୋଗ କରିଛନ୍ତି।

## ଦେଶୀ ମଦ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର , ୦୫/୦୧ (ନି.ପ୍ର): ଜୟପୁର ଅବକାରୀ ବିଭାଗ ଦେଶି ମଦ ଚାଲାଣ ବେଳେ ଚଢାଉ କରି ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସଦର ଥାନା ଅନ୍ତର୍ଗତ ବୈରାଗିମଠ ଅଂଚଳର ସଦନ ବିଷୋୟୀ (୩୭) । ଅବକାରୀ ବିଭାଗ ସୂଚନା ଅନୁଯାୟୀ ଜୟପୁର ସଦର ଥାନା ଅନ୍ତର୍ଗତ ବୈରାଗିମଠ ଅଞ୍ଚଳର ସଦନ ବିଷୋୟୀ (୩୭) ଏକ ବାଇକରେ ଦେଶୀ ମଦ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ସୂଚନା ପାଇ ଚଢାଉ କରିଥିଲା । କୁମୁଲିପୁଟ ଛକ ନିକଟରେ ଚଢାଉ କରି ୧୦ ଲିଟର ଦେଶୀ ମଦ ସହ ବାଇକ କୁ ଜବତ କରି ଅଭିଯୁକ୍ତକୁ ଗିରଫ କୋର୍ଟ ଚାଲାଣ କରିଥିବା ଜୟପୁର ଅବକାରୀ ବିଭାଗ ତରଫରୁ ସୂଚନା ଦିଆଯାଇଛି ।

## ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଜୟପୁର , ୦୫/୦୧ (ନି.ପ୍ର): ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଯୁବକକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ଗୋପବନ୍ଧୁ ନଗରର ମହେଶ ଆଚାର୍ଯ୍ୟ (୧୯) । ପୋଲିସ ସୂଚନା ଅନୁଯାଇ ଜୟପୁର ସହରର ନାବାଳିକାକୁ ଅପହରଣ କରି ଦୁଷ୍କର୍ମ କରି ଛାଡି ଦେଇଥିଲେ। ଏନେଇ ନାବାଳିକାର ପରିବାର ଲୋକେ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ମାମଲାର ଅଭିଯୁକ୍ତ ଗୋପବନ୍ଧୁ ନଗରର ମହେଶ ଆଚାର୍ଯ୍ୟକୁ ଗିରଫ କରି କୋର୍ଟ ଚାଲାଣ କରିଛି । ମାମଲାକୁ ଏସଆଇ ମନିଷା ସାହୁ ତଦନ୍ତ କରୁଥିବା ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ଯୋଗ ଦ୍ୱାରା ସାଇନସର ଉପଚାର

**ସାଇନସ ହେଉଛି ନାକ ସମ୍ବନ୍ଧିତ ଏକ ସମସ୍ୟା । ଏହି ସମସ୍ୟା ଥଣ୍ଡା ପାଗରେ ଅଧିକ ହୋଇଥାଏ । ନାକ ବନ୍ଦ ହେବା, ମୁଣ୍ଡ ଓ ଅଧକପାଳୀ ବିନ୍ଧା ପରି ସମସ୍ୟା ହୋଇଥାଏ ନାକରୁ ପାଣି ବାହାରିଯିବା ଆଦି ଏହାର ପ୍ରମୁଖ ଲକ୍ଷଣ । ଏହା ବ୍ୟତୀତ ହାଲୁକା ଜ୍ୱର, ଆଖି ପଲକରେ ଯନ୍ତ୍ରଣା ହେବା, ଅବସାଦ କାରଣରୁ ଚେହେରା ଫୁଲିଯିବା । ଆଗାମୀ ଦିନରେ ଏହି ରୋଗ ଆଜମା, ଦମା ପରି ଗଭୀର ବେମାରୀରେ ପରିଣତ ହୁଏ । କିନ୍ତୁ ଯୋଗ ଦ୍ୱାରା ଏହି ରୋଗରୁ ମୁକ୍ତି ପାଇହେବ ।**





ସୂର୍ଯ୍ୟନମସ୍କାର- ସୂର୍ଯ୍ୟ ନମସ୍କାର ସବୁ ଆସନ ମଧ୍ୟରେ ମୁଖ୍ୟ ଆସନ ବୋଲି ବିଚାର କରାଯାଏ । ଏହାଦ୍ୱାରା ସାଇନସ ସମସ୍ୟାରୁ ମୁକ୍ତି ମିଳିଥାଏ । ପ୍ରତ୍ୟହ ଏହି ଆସନ କରିବା ଦ୍ୱାରା ଶରୀରକୁ ଉର୍ଜା ମିଳିବା ସହ ଭିଟାମିନ ଡି ମଧ୍ୟ ମିଳିଥାଏ । ୧୨ ମୁଦ୍ରା ବିଶିଷ୍ଟ ଏହି ଆସନ ସାଇନସରୁ ମୁକ୍ତି ଦେବା ସହ ଅବସାଦକୁ କମ କରି ଓଜନ ହ୍ରାସ କରିଥାଏ ।






ପଶ୍ଚିମୋତ୍ତାନାସନ- ଏହି ଆସନ କରିବା ବହୁତ ସହଜ । ଏହା କରିବା ସମୟରେ କ୍ଲାନ୍ତି ଲାଗେ ନାହିଁ । ଏହା ସାଇନସ ସହ ଅନିଦ୍ରାର ଉପଚାର ପାଇଁ ମଧ୍ୟ ସାହାଯ୍ୟ କରିଥାଏ । ଏହି ଆସନ କରିବା ପାଇଁ ପ୍ରଥମେ ଆପଣ ସିଧା ବସନ୍ତୁ ଓ ଦୁଇ ପାଦକୁ ସିଧା ଯୋଡ଼ି ରଖି ଦୁଇ ହାତକୁ ଉପରକୁ ଉଠାନ୍ତୁ ଓ ଅଣ୍ଟା ସିଧା ରଖନ୍ତୁ । ଏହାପରେ ଦୁଇପାଦର ଆଙ୍ଗୁଠିକୁ ହାତରେ ଛୁଇଁବାକୁ ଚେଷ୍ଟା କରନ୍ତୁ । ଧ୍ୟାନ ରଖିବେ ଏହି ସମୟରେ ଆଣ୍ଠୁ ଯେପରି ମୋଡ଼ି ହୋଇ ନରୁହେ । ଏହା ସହ ପାଦ ମଧ୍ୟ ଭୂମିରୁ ଉପରକୁ ଉଠାଇବେ ନାହିଁ ।

ଉତ୍ତାନାସନ:- ଏହି ଯୋଗାସନ ମଧ୍ୟ ସାଇନସରୁ ଆରାମ ଦେବାରେ ସହାୟକ ହୋଇଥାଏ । ଏହାସହ ଶ୍ୱାସକ୍ରିୟା ସମ୍ବନ୍ଧିତ ଅନ୍ୟ ବେମାରୀରୁ ମଧ୍ୟ ଉପଶମ ମିଳିଥାଏ । ଏହି ଆସନ ଆପଣଙ୍କ ମୁଣ୍ଡକୁ ତାଜା ରଖିଥାଏ । ଉତ୍ତାନାସନ କରିବା ପାଇଁ ପ୍ରଥମେ ଆପଣ ସିଧା ଠିଆ ହୁଅନ୍ତୁ । ଲମ୍ବା ନିଶ୍ୱାସ ନେଇ ଦୁଇ ହାତ ଉପରକୁ କରାନ୍ତୁ ଏହାପରେ ଆଗକୁ ନଇଁ ଦୁଇହାତରେ ଭୂମିକୁ ଛୁଅନ୍ତୁ । ଏହି ସମୟରେ ଆଣ୍ଠୁକୁ ଆଦୌ ମୋଡ଼ନ୍ତୁ ନାହିଁ । କିଛି ସମୟ ଏପରି ମୁଦ୍ରାରେ ରହିବା ପରେ ହାତକୁ ପୁନଃ ଉପରକୁ କରନ୍ତୁ ଓ ନିଶ୍ୱାସ ଛାଡ଼ି ସମାନ୍ୟ ଅବସ୍ଥାରେ ଛିଡ଼ା ହୋଇଯାଆନ୍ତୁ ।

# ପାଣିରେ ଉଡ଼ିବ ବିଶ୍ୱର ପ୍ରଥମ ଉଦ୍‌ଯାନ ଚାଳିତ ଉଡ଼ନ୍ତା ବୋଟ୍

ବିଶ୍ୱର ପ୍ରଥମ ଉଦଯାନ ଚାଳିତ ଉଡ଼ନ୍ତା ବୋଟ୍ ଜଳ ପୃଷ୍ଠର ୩ଫୁଟ୍ ଉପରେ ଉଡ଼ାଣ କରିବ । ଆସନ୍ତା ବର୍ଷ ଦୁବାଇରେ ଏହାର ନିର୍ମାଣ ହେବ ବୋଲି ଅଧିକାରୀମାନେ ଘୋଷଣା କରିଛନ୍ତି । ବୋଟ୍ର ନାଁ ଦିଆଯାଇଛି 'ଦ ଜେଟ୍' । ଏହି ଉଡ଼ନ୍ତା ବୋଟ୍ ଦୁଇଟି ଉଦ୍ୟାନ ଇନ୍ଧନ କୋଷଦ୍ୱାରା ପରିଚାଳିତ ହେବ, ଯାହା କୌଣସି ଗ୍ୟାସ୍ ନିର୍ଗମନ କରିବ ନାହିଁ । ପାଣିର ଢେଉ ଉପରେ ଆରାମରେ ଗତି କରିବ ।

ଏହାର ସ୍ୱତନ୍ତ୍ର ପ୍ଲେଟରେ ଉଦଯାନ ଓ ଅମ୍ଳଜାନ ମିଶ୍ରଣ ଦ୍ୱାରା ଉଦଯାନ ଇନ୍ଧନ କୋଷ ବିଦ୍ୟୁତ୍ ଉତ୍ପନ୍ନ କରେ, ଯାହା ଅପେକ୍ଷାକୃତ ବଡ଼ ଇନ୍ଦନ କୋଷ 'ଷ୍ଟାକ୍' ସୃଷ୍ଟି ପାଇଁ ମିଶିଥାଆନ୍ତି । ଏହି ଜେଟ୍ 'ହାଇଡ୍ରୋଫଏଲ୍ସ' ମଧ୍ୟ ବ୍ୟବହାର କରେ । ଜେଟ୍ର ଲମ୍ବ ୩୨ ଫୁଟ ଓ ଓଜନ ୬ ଟନ୍ ହେବ । ପାଇଲଟ୍ ଓ ୧୨ ଯାତ୍ରୀଙ୍କୁ ନେବାରେ ଏହା ସକ୍ଷମ ।

ପାଣି ଉପରେ ଏହାର ବେଗ ପ୍ରତି ଘଣ୍ଟାରେ ୪୬ ମାଇଲ୍ ହେବ । ଯାନ ନିର୍ମାଣ ପାଇଁ ଜେଟ୍ର ଡିଜାଇନ୍ର ସ୍ୱିଜରଲ୍ୟାଣ୍ଡିତ ଷ୍ଟାର୍ଟ-ଅପ୍ 'ଦ ଜେଟ୍ ଜିରୋଏମିସନ୍' ୟୁଏଇର ଜେନିଥ ମେରାଇନ୍ ସର୍ଭିସେସ୍ ସହିତ ଚୁକ୍ତି କରିଛି । ଆସନ୍ତା ବର୍ଷ ନଭେମ୍ବରକୁ ଏହାର ପ୍ରଥମ ପରୀକ୍ଷଣ ହେବ ।




## କିସମିସକୁ ପାଣିରେ ଭିଜାଇ ଖାଇଲେ ମିଳିଥାଏ ଅଦ୍ଭୁତ ଫାଇଦା

ଡ୍ରାଏ ଫ୍ରୁଟ୍ସ ପୋଷଣରେ ପରିପୂର୍ଣ୍ଣ । ସେଗୁଡ଼ିକ ମଧ୍ୟରୁ ଗୋଟିଏ କିସମିସ୍ । ଏହା ସ୍ୱାଦରେ ଅଧିକ ମିଠା ହୋଇଥାଏ । କିସମିସ୍ ଫେନୋଲିକ୍ ଯୌଗିକର ଭଣ୍ଡାର ଏବଂ ଏଥିରେ ରେସଭେରାଟ୍ରୋଲ୍, ଫ୍ଲାଭୋନାଏଡ୍, କ୍ୱେରେସିଟିନ୍, କ୍ୟାଟେଚିନ୍, ପ୍ରୋକିଆନିଡିନ ଏବଂ ଆନ୍ଥୋସିୟାନିନ ଥାଏ । କିସମିସ୍ ପରି ଏହାର ପାଣି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ପାଣି ଫୁଟାଇ ଏଥିରେ କିଛି କିସମିସ୍ ମିଶାଇ ରାତିସାରା ଛାଡି ଦିଅନ୍ତୁ । ସକାଳେ ଏହି ପାଣିକୁ ଛାଣି ଖାଲି ପେଟରେ ପିଅନ୍ତୁ । କିସମିସ୍ ପାଣି ପେଟ ସହିତ ଜଡିତ ଅନେକ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାର ଔଷଧୀୟ ଗୁଣ ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । କିସମିସ୍ ପାଣି ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ । ଶତାବ୍ଦୀ ଧରି ଏହାର ଔଷଧୀୟ ଗୁଣ ପାଇଁ ଏହା ଜଣାଶୁଣା । ସକାଳେ ଏହାର ପାଣିକୁ ଖାଲି ପେଟରେ ପିଇବା ଦ୍ୱାରା ହଜମ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ । କିସମିସ୍ ପାଣିରେ ଥଣ୍ଡା ଗୁଣ ମଧ୍ୟ ରହିଥାଏ ଏବଂ ଏହା ଅମ୍ଳତାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।




## ଶୀତୁଆ ସକାଳରେ କରନ୍ତୁ ଏସବୁ କାମ

ଶୀତଦିନରେ ଥଣ୍ଡା ସକାଳରେ ଶେଯ ଛାଡିବାକୁ ସହଜରେ ମନ ହୋଇନଥାଏ । ହେଲେ ପ୍ରାତବେଳା ଶଯ୍ୟା ତ୍ୟାଗ କରି କିଛି ସମୟ ଖରାରେ ବସିଲେ ଶରୀରକୁ ଜରୁରୀ ପୋଷକ ତତ୍ତ୍ୱ ମିଳିଥାଏ । ଯୁବତୀମାନେ ନିଜ ତ୍ୱଚାକୁ ଉତ୍ତମ ଖୋରାକ୍ ଯୋଗାଇବାକୁ ଚାହୁଁଥିଲେ, ଏହି ନିୟମ ଆପଣାନ୍ତୁ । ଏହାଦ୍ୱାରା ଶରୀରକୁ ଭିଟାମିନ୍ ଡି ମିଳିବା ସହ ବିଭିନ୍ନ ରୋଗରୁ ମଧ୍ୟ ରକ୍ଷା ମିଳେ ।

◆ ଶୀତର ପ୍ରତ୍ୟେକ ସକାଳରେ ୨୦ରୁ ୨୫ ମିନିଟ୍ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ବସିବା ଅଭ୍ୟାସ କରନ୍ତୁ । ଏହାଦ୍ୱାରା ଶରୀରରେ ମେଲାଟୋନିନ୍ ନାମକ ହରମୋନ୍ ସୃଷ୍ଟି ହୋଇଥାଏ, ଯାହା ରାତ୍ରୀରେ ସୁନିଦ୍ରା ପାଇଁ ସହାୟକ ।

◆ ମେଦ ହ୍ରାସ କରିବାକୁ ଚାହୁଁଥିଲେ ଯୁବତୀ-ମହିଳା ପ୍ରତ୍ୟେହ ଭୋରବେଳା ଖରାରେ ବସିବା ଉପକାରୀ ।

◆ ପ୍ରସବ ପରେ ମହିଳାମାନେ ଏହି ଋତୁରେ ସକାଳେ ଖରାରେ ବସିବା ଭଲ । ଏହା ସେମାନଙ୍କ ହାଡ ମଜବୁତ କରିବା ସହ ଆଣ୍ଠୁଗଣ୍ଠି ଯନ୍ତ୍ରଣା କମ୍ କରେ ।

◆ ଏପରିକି ସକାଳର ଏହି ଖରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢାଇଥାଏ ।



## ଘରୋଇ ଚିକିତ୍ସାରେ ଗଙ୍ଗଶିଉଳି

■ ଦୁଇ ଚାମଚ ଗଙ୍ଗଶିଉଳି ପତ୍ର ରସରେ ଚାରି, ପାଞ୍ଚ ଠୋପା ମହୁ ଫେଣ୍ଟି ଦିନକୁ ତିନି ଥର ସେବନ କଲେ ଥଣ୍ଡା, କାଶ, କଫ ଭଲ ହୁଏ ।

■ ପାଳି ଜ୍ୱର ହେଉଥିଲେ, ଦିନକୁ ଦୁଇଥର ପାଞ୍ଚ ଦିନ ଯାଏ ଏକ ଚାମଚ ଲେଖାଏଁ ରସ ସେବନ କରନ୍ତୁ ।

■ ତିନି, ଚାରିଟି ପତ୍ରକୁ ବାଟି, ପାଣିରେ ଫୁଟାଇ ଛାଣିବା ପରେ ଦିନକୁ ଦୁଇଥର ପିଅନ୍ତୁ । ସିଆଟିକା ସମସ୍ୟା ଦୂର ହେବ ।

■ ଗଙ୍ଗଶିଉଳି ପତ୍ରରେ ଗୋଲମରିଚ ବାଟି ସେବନ କଲେ ମାଲେରିଆ ଜ୍ୱର ଭଲ ହୁଏ ।

■ ଦୁଇ ଟୋପା ରସ ନାକରେ ପକାନ୍ତୁ, ମୁଣ୍ଡବିନ୍ଧାରୁ ଉପଶମ ମିଳିବ ।



■ ପାଞ୍ଚ ଗ୍ରାମ୍ ଓଜନର ପତ୍ର, ଛାଲ ଓ ଫୁଲକୁ ଦୁଇ ଶହ ଗ୍ରାମ୍ ପାଣିରେ ଫୁଟାନ୍ତୁ । ଏହାର ଏକ ଚତୁର୍ଥାଂଶ ପାଣିକୁ ଛାଣି ପିଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା, ଫୁଲାରୁ ଉପଶମ ମିଳେ ।



## ବିଛଣା ସାଜିପାରେ ରୋଗର କାରଣ



ଦିନସାରା ପରିଶ୍ରମ ପରେ ମନ ଚାହେଁ ଟିକିଏ ବିଛଣାରେ ଗଡ଼ିଯିବାକୁ । କିନ୍ତୁ ଜାଣନ୍ତି, ଏହି ବିଛଣା ଆପଣଙ୍କ ସ୍ୱାସ୍ଥ୍ୟର ଲୁକ୍କାୟିତ ଶତ୍ରୁ । ଅନେକ ଅଛନ୍ତି, କୌଣସି ରୋଗ ନଥିଲେ ବି ବାରମ୍ବାର ଆଲର୍ଜି, ସଂକ୍ରମଣ, କାଶ ଏବଂ ଜ୍ୱରରେ ପୀଡ଼ିତ ହୋଇଥାନ୍ତି । ଯେତେ ଔଷଧ ସେବନ କଲେ କି ଆଣ୍ଟିବାୟୋଟିକ୍ ନେଲେ କିଛି କାମ କରେନାହିଁ । ଏଭଳି ସମୟରେ ବିଶେଷଜ୍ଞଙ୍କ ପରାମର୍ଶ ଔଷଧ ସେବନ ପରିବର୍ତ୍ତେ ପ୍ରଥମେ ନିଜ ତକିଆ ପରିବର୍ତ୍ତନ କରନ୍ତୁ । ଅନେକ ଗବେଷଣା ପରେ ତଥ୍ୟ ସାମ୍ନାକୁ ଆସିଛି ଯେ, କୌଣସି ତକିଆକୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ବ୍ୟବହାର କଲେ ତାହା ସ୍ୱାସ୍ଥ୍ୟ ବିଗିଡ଼ିବାର ପ୍ରମୁଖ କାରଣ ପାଲଟିଥାଏ । ତକିଆ ଏବଂ ବିଛଣା ସହ ଜଡ଼ିତ ଏକ ଗବେଷଣାରୁ ଜଣାପଡ଼ିଛି, ଏହାକୁ ଅଧିକ ବର୍ଷ ବ୍ୟବହାର କରିବା ଦ୍ୱାରା ସେଥିରେ ଥିବା ଡେଡ୍ ସ୍କିନ୍ ସେଲ୍ସ ଯୋଗୁ ବିଭିନ୍ନ ପ୍ରକାର ଜୀବାଣୁ, କୀଟାଣୁ ଏବଂ ବ୍ୟାକ୍ଟେରିଆ ଜନ୍ମ ନେଇଥାନ୍ତି । ଏହା ନିଃଶ୍ୱାସ ସହ ଆମ ଶରୀର ଭିତରକୁ ପ୍ରବେଶ କରିଯାନ୍ତି । ଫଳରେ ବାରମ୍ବାର ରୋଗରେ ପଡ଼ିବାକୁ ହୁଏ । ଅନେକ ସମୟରେ ଏହି ବ୍ୟାକ୍ଟରିଆ ଚର୍ମ ସଂକ୍ରମଣର କାରଣ ମଧ୍ୟ ପାଲଟିଥାଏ । ଆମେ ଯେତେବେଳେ ରୋଗରେ ପଡ଼ିଥାଉ, ସେତେବେଳେ ମଧ୍ୟ ଏହି ତକିଆର ବ୍ୟବହାର କରୁ । ଯଦ୍ୱାରା ଆଣ୍ଟିବାୟୋଟିକ୍ ସେବନରେ ରୋଗ ସିନା ଭଲ ହୋଇଯାଏ କିନ୍ତୁ ପୂରା ମାତ୍ରାରେ ନୁହେଁ ।

## ସ୍ୱାସ୍ଥ୍ୟପ୍ରଦ ମାଟିହାଣ୍ଡି ଖାଦ୍ୟ



ନିକଟରେ ବିଶ୍ୱସ୍ତରୀୟ ଖାଦ୍ୟ ସର୍ବେକ୍ଷଣ ହୋଇଥିଲା । ୨୦୧୬ ଶେଷ ଭାଗରେ ହୋଇଥିବା ଏହି କାର୍ଯ୍ୟରେ ମାଟି ହାଣ୍ଡି ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ ତଥ୍ୟ ପ୍ରକାଶିତ । କେବଳ ଭାରତ ଓ ଜାପାନର କାଁଭାଁ କେତୋଟି ଅଞ୍ଚଳରେ ହିଁ ଆଜିର ସମୟରେ ମାଟି ହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି ।

## ଥଣ୍ଡାରୁ ବର୍ତ୍ତିବାର ଉପାୟ

ଋତୁ ପରିବର୍ତ୍ତନ ହେବା ସମୟରେ ଥଣ୍ଡା, ଛିଙ୍କ ଓ ସର୍ଦ୍ଦି ହେବା ଏକ ସାଧାରଣ କଥା । ଏପରି ସମୟରେ ଆମେ ଖାଦ୍ୟପାନୀୟ ପ୍ରତି ଯତ୍ନବାନ୍ ହେବା ସହ ନିଜର ଯତ୍ନ ନେବା ଉଚିତ ।

ପ୍ରଚୁର ପରିମାଣରେ ପୋଟାସିୟମ୍ ଭରପୂର କଦଳୀ ଖାଇଲେ ଥଣ୍ଡା ହୋଇଥାଏ ବୋଲି ଅଧିକାଂଶଙ୍କ ଧାରଣା । ବିଶେଷଜ୍ଞଙ୍କ ମତ ଯେ କଦଳୀ ଖାଇଲେ ବରଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଗୋଟିଏ କଦଳୀ ଖାଇଲେ ୧୦୦ କ୍ୟାଲୋରୀ ଶକ୍ତି ମିଳିଥିବା ବେଳେ ଥଣ୍ଡାରୁ ମଧ୍ୟ ରକ୍ଷା କରେ । ଶୀତଦିନେ ରାତିବେଳା କିମ୍ବା ସନ୍ଧ୍ୟା ସମୟରେ ଦହି ଓ ଏଥିରୁ ପ୍ରସ୍ତୁତ ଅନ୍ୟାନ୍ୟ ବ୍ୟଞ୍ଜନ ନ ଖାଇବା ଉଚିତ୍ । ଏହା କାରଣରୁ କଫ ହେବାର ଭୟ ରହିଥାଏ । ଦିନବେଳା ଦହି ଖାଇବା ଉଚିତ । ଅଳ୍ପ ପରିମାଣରେ ଖାଇଲେ ଏହା କାରଣରୁ ଥଣ୍ଡା କିମ୍ବା ଜ୍ୱର ହେବାର ଆଶଙ୍କା ନଥାଏ । ଥଣ୍ଡାରୁ ରକ୍ଷା ପାଇବାକୁ ହେଲେ ଭିଟାମିନ୍ ସି'ଯୁକ୍ତ ଫଳ ଓ ପନିପରିବାକୁ ନିଜ ଭୋଜନ ତାଲିକାରେ ସାମିଲ କରାଇବା ଆବଶ୍ୟକ ।



ଏହା ସହ ଧ୍ୟାନରେ ରଖିବା ଉଚିତ ଯେ ଥଣ୍ଡା ହୋଇଥିଲେ ଖିର ପିଇବା ଅନୁଚିତ । ଏହା କାରଣରୁ କଫ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

## ସ୍ୱାସ୍ଥ୍ୟ ମନ୍ତ୍ର

ଶିଶୁକୁ କ୍ଷୀର ପିଆଇ ସାରି ପେଟ ଭରି ପାଣି ପିଆନ୍ତୁ । ଏହା ଦ୍ୱାରା ପାଟିରେ ରହିଥିବା କ୍ଷୀର ପେଟକୁ ଚାଲିଯାଏ ଓ ଭଲ ହଜମ ହୁଏ । କ୍ଷୀର ପିଆଇ ସାରି ପରିଷ୍କାର କପଡା ବା ଗଜକପଡା ଗରମ ପାଣିରେ ଭିଜାଇ ଶିଶୁର ମାଢ଼ି ଓ ମୁହଁର ଭିତର ଅଂଶକୁ ଭଲ ଭାବେ ପୋଛିଦିଅନ୍ତୁ । ଦିନକୁ ଦୁଇଥର ଏମିତି କଲେ ପାଟି ପରିଷ୍କାର ରହେ । ପାଟି ଭିତର ଘା' ହେଲେ ମହୁ ଲଗାନ୍ତୁ, ଶିଖିଯିବା ୬ରୁ ୨୪ମାସ ମଧ୍ୟରେ ଶିଶୁର ଦୁଧ ଅଭାବରୁ ମାଢ଼ିରେ କେତେକ ରୋଗ ହୁଏ । ଆଗ ମାଢ଼ି ଅଧିକ କ୍ଷତି ହୁଏ । ଏହା ଫୁଲେ କିମ୍ବା ଯନ୍ତ୍ରଣା ହୁଏ । ଏହି ସମୟରେ ଜ୍ୱର , ପତଳା ଝାଡା , ଅକାରଣ କାନ୍ଦିବା ସମସ୍ୟା ହୁଏ । ପାଞ୍ଚ ବର୍ଷ ବୟସ ପରେ ଶିଶୁମାନଙ୍କ ଦାନ୍ତ ସଂକ୍ରମଣ ହୁଏ ଏବଂ ପୋକ ଲାଗେ । ଏହି ସମୟରେ ବେଳେବେଳେ ଶିଶୁଙ୍କ ମୁହଁରେ ଫୋଟକା ବାହାରେ, ଜ୍ୱର ହୁଏ, ଖାଇବାରେ ଅରୁଚି ହୁଏ । ଏଥିପାଇଁ ଗୁଣି-ଗାରେଡି କିଂବା ତୁଟୁକା ଚିକିତ୍ସା ଉପରେ ଭରସା ନ କରି ଶିଶୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ଶିଶୁର ଜୀବନ ପାଇଁ ଏହା ଅଧିକ ନିରାପଦ ।

## ତ୍ୱଚା ମଳିନ ଦିଶିବାର ପ୍ରମୁଖ କାରଣ ହୋଇଥାଏ ଏହି ସବୁ ଖାଦ୍ୟ ଓ ପାନୀୟ

ଆମେ ଦୈନନ୍ଦିନ ଜୀବନରେ ଏମିତି ଗୁଡ଼ାଏ ଖାଦ୍ୟ ଖାଇଥାଉ ଯାହାକି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ । ଏମିତି ଅନେକ ଖାଦ୍ୟ ରହିଛି ଯାହା ଆମର ତ୍ୱଚାକୁ ରୁକ୍ଷ କରିଥାଏ । ଖାଦ୍ୟ ଖାଇବା ନେଇ ସତର୍କତା ଅବଲମ୍ବନ କଲେ ଆମେ କିଛି ମାତ୍ରାରେ ଆମ ତ୍ୱଚାର ଚମକ ବଜାୟ ରଖିପାରିବା । ଅନେକ ଲୋକ ଭାବନ୍ତି ଜୁସ୍ ପିଇବା ଦ୍ୱାରା ତ୍ୱଚାର ଚମକ ବଢ଼ିଥାଏ । ଚମରେ ଉଜ୍ଜ୍ୱଳତା ଆସିଥାଏ । ମାତ୍ର ମନେ ରଖନ୍ତୁ ସିଧା ଫଳକୁ ରସ କରି ପିଇଲେ ଲାଭପ୍ରଦ ହୋଇଥାଏ । ମାତ୍ର ବଜାରରେ ଯେଉଁ ପ୍ୟାକେଟ ଜୁସ ସବୁ ମିଳୁଛି ସେଥିରେ ଅତିରିକ୍ତ ପରିମାଣର ମିଠା ଭାଗ ରହିଥିବା ହେତୁ ତାହା ତ୍ୱଚା ପାଇଁ ହିତକାରକ ହୋଇନଥାଏ । ସେହିପରି ଗାଈ ଛେନା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥିବାରୁ ତାହାକୁ ଲୋକେ ବିଭିନ୍ନ ଖାଦ୍ୟରେ ଖାଇଥାନ୍ତି । ମାତ୍ର ମନେ ରଖନ୍ତୁ ଏଥିରେ ତୈଳ ଭାଗ ରହୁଥିବା ହେତୁ ଏହା ବ୍ରଣର ବାହାରିବାର ପ୍ରମୁଖ କାରଣ ପାଲଟିଥାଏ । କଫି ଶରୀର ପାଇଁ ଅନେକ ଭଲ ହୋଇଥାଏ । ମାତ୍ର ଅତ୍ୟଧିକ କଫି ପିଇବା ଦ୍ୱାରା ଶରୀରୁ ଜଳ ଅଂଶ ହ୍ରାସ ପାଇଥାଏ । ଫଳରେ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ । ଆପଣ ଯେତେ ବି ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ ପଛେ ଯଦି ଆପଣ ବାରମ୍ବାର ଥଣ୍ଡା ପାନୀୟ ପିଉଛନ୍ତି ତେବେ ଏହା ତାହାର ପ୍ରଭାବ କମ୍ କରିଥାଏ । ସେହିପରି ମଦ୍ୟପାନ ରୁକ୍ଷ ତ୍ୱଚାର କାରଣ ହୋଇଥାଏ । ଏହା ଆପଣ ଜାଣିଥିବେ ନିଶ୍ଚୟ । ଆପଣ ନିଜ ଶରୀରର ଯେତେ ବି ଯତ୍ନ ନିଅନ୍ତୁ ପଛେ ଯଦି ଆଲ୍‌କହଲ ନେଉଛନ୍ତି ତେବେ ସବୁ ବୃଥା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଟେଷ୍ଟ, ଟ୍ରାକ୍, ଟ୍ରିଟ୍, ଟିକା...

କେଇ ସପ୍ତାହ ହେଲା ଚୀନ୍ ଦେଶରେ ପୁଣି ଆରମ୍ଭ ହୋଇଛି କରୋନା ଭୂତାଣୁ ସଂକ୍ରମଣ । ବ୍ରିଟେନ୍, ଦକ୍ଷିଣ କୋରିଆ ଓ ଅନ୍ୟ କେତେକ ଦେଶରେ ଏହି ମାରାତ୍ମକ ସଂକ୍ରମଣ ବ୍ୟାପିବାରେ ଲାଗିଛି । ଏହି ହାର ଓ ବେଗରେ ଯଦି ଭୂତାଣୁ ସଂକ୍ରମଣ ବ୍ୟାପିଚାଲେ, ତେବେ ମାର୍ଚ୍ଚ ମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଚତୁର୍ଥ ଲହର ଆସିପାରେ ବୋଲି ଚିକିତ୍ସା ବିଜ୍ଞାନୀମାନେ ଆକଳନ କରିଛନ୍ତି । ଜାତୀୟ ସ୍ତରରେ ସଂକ୍ରମଣର ଚତୁର୍ଥ ଲହର ଆସିବା ପୂର୍ବରୁ ଆମ ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ବିଦେଶ ଫେରନ୍ତାଙ୍କର ପରୀକ୍ଷା ଉପରେ ଗୁରୁତ୍ୱ ଦିଆଯିବା ସହିତ ରାଉରକେଲାରେ ହେବାକୁ ଥିବା ବିଶ୍ୱ କପ୍ ପାଇଁ ସ୍ୱତନ୍ତ୍ର ଟେଷ୍ଟିଂ ବ୍ୟବସ୍ଥା କରାଯିବା ପାଇଁ କୁହାଯାଇଛି । କୁହାଯାଉଛି ଯେ, ରାଜ୍ୟ ବାହାରୁ କେହି ଆଗନ୍ତୁକ ଆସିଲେ ତାଙ୍କର କୋଭିଡ୍ ପରୀକ୍ଷା ଆବଶ୍ୟକ । ବିଦେଶୀଙ୍କ ସହିତ ସଂସ୍ପର୍ଶରେ ଆସିବା ଉପରେ କଟକଣା ପୂର୍ବ ଲହର ସମୟ ଭଳି ପାଳନ ଉପରେ ଗୁରୁତ୍ୱ ଦିଆଯିବା ଦରକାର । ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସାମାଜିକ ଦୂରତା ରକ୍ଷା ଉପରେ ଜୋର୍ ଦେବା ସକାଶେ କେନ୍ଦ୍ରର କୋଭିଡ୍ ଗାଇଡ୍ ଲାଇନ୍‌ର ଅନୁପାଳନ ପାଇଁ ଏବେଠାରୁ କୁହାଯାଇଛି । ଟେଷ୍ଟ, ଟ୍ରାକ୍, ଟ୍ରିଟ୍ ଓ ଟିକା ଉପରେ ଚିକିତ୍ସା ବିଜ୍ଞାନୀ ମହଲ ଗୁରୁତ୍ୱ ଆରୋପ କରିଛନ୍ତି । ଏବେ ଚୀନ୍‌ରେ ଦିନକୁ ପ୍ରାୟ ନଅ ହଜାରରୁ ଅଧିକ ପୀଡ଼ିତଙ୍କର ମୃତ୍ୟୁ ହେଉଛି । ବହୁ ରୋଗୀ ଆଇସିୟୁରେ ଭର୍ତ୍ତି ହେଲେଣି । ଅକ୍ସିଜେନ୍ ଅଭାବ ଫଳରେ ସେମାନଙ୍କୁ ରକ୍ଷା କରିହେଉନାହିଁ ବୋଲି ରିପୋର୍ଟ ମିଳୁଛି । କିନ୍ତୁ ସମସ୍ତଙ୍କୁ ଜଣା ଯେ, ଚୀନ୍ ଦେଶରେ କରୋନା ମୃତ୍ୟୁ ସଂଖ୍ୟା ବାହାରକୁ ସହଜରେ ଆସେନାହିଁ । ରାଷ୍ଟ୍ରମୁଖ୍ୟ ସି. ଜିନ୍‌ପିଙ୍ଗ କିଛିଦିନ ତଳେ ଜିରୋ କୋଭିଡ ନୀତି ଘୋଣଷା କରିଥିଲେ । ତାହା ଘୋଷଣାରେ କିଛି ଦିନ ଯାଇନାହିଁ ପୁଣି ଆରମ୍ଭ ହେଇଗଲା ସଂକ୍ରମଣର ଲହର । ହଜାର ସଂଖ୍ୟାରେ ଆକ୍ରାନ୍ତ ଉପଯୁକ୍ତ ଚିକିତ୍ସା ନପାଇ ମୃତ୍ୟୁବରଣ କରୁଥିବା ଅଭିଯୋଗ ମିଳୁଛି । ଅନ୍ୟ ଦେଶକୁ ଏହି ସଂକ୍ରମଣ ବ୍ୟାପିବା ଯୋଗୁଁ ସେହି ଦେଶମାନଙ୍କରେ ସତର୍କତାମୂଳକ ପଦକ୍ଷେପ ନିଆଯିବା ଆରମ୍ଭ ହେଲାଣି । ଗତ ତିନି ଲହରର ତିକ୍ତ ଅଭିଜ୍ଞତା ଆଧାରରେ ଅଗ୍ରିମ ପଦକ୍ଷେପ ନେବାକୁ ସରକାର ପ୍ରସ୍ତୁତି ଆରମ୍ଭ କରିଦେଲେଣି । ଭାରତ ସରକାର କରୋନାର ସମ୍ଭାବ୍ୟ ସଂକ୍ରମଣ ଓ ମାର୍ଚ୍ଚରେ ଆସନ୍ନ ଲହର ପାଇଁ ବିଭିନ୍ନ ରାଜ୍ୟ ସରକାରଙ୍କୁ କୋଭିଡ୍ ଗାଇଡ୍ ଲାଇନ୍‌ର ଅନୁପାଳନ ସକାଶେ ପ୍ରସ୍ତୁତି ଚଳାଇବାକୁ କହିଛନ୍ତି । ମାସ୍କ ପରିଧାନ, ସାନିଟାଇଜରରେ ହାତ ବିଶୋଧନ, ସାମାଜିକ ଦୂରତା ରକ୍ଷା ସହିତ ପ୍ରିକସନ୍ ଟିକା ନେଇନଥିବା ବ୍ୟକ୍ତିଙ୍କୁ ସେଥିପାଇଁ ପ୍ରବର୍ତ୍ତାଯିବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି । କୋଭିଡ୍ ପରିଚାଳନାରେ ଓଡ଼ିଶଶ ଓଡ଼ିଶା ସରକାର ଦୃଷ୍ଟାନ୍ତ ସ୍ଥାନୀୟ କାର୍ଯ୍ୟ କରିଛନ୍ତି । ସେଥିପାଇଁ ଭାରତ ସରକାର ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ଠାରୁ ପ୍ରଶଂସା ପତ୍ର ପାଇଛନ୍ତି । ରାଜ୍ୟଗୁଡ଼ିକୁ ନିଜେ ପ୍ରଧାନମନ୍ତ୍ରୀ ଓଡ଼ିଶା ଭଳି ଆଦର୍ଶ ଅନ୍ୟ ରାଜ୍ୟମାନେ ପାଳନ କରିବାରେ ବ୍ରତୀ ହୁଅନ୍ତୁ ବୋଲି କହିଛନ୍ତି । ଓଡ଼ିଶା ପ୍ରଥମରୁ କହିଆସିଛି, ପ୍ରତିଟି ଜୀବନ ହେଉଛି ମୂଲ୍ୟବାନ । ଏହି ନୀତି ମୁଖ୍ୟମନ୍ତ୍ରୀ ମୂଳରୁ ରଖି ଆସିଥିବା ସମସ୍ତେ ଜାଣନ୍ତି । ପ୍ରାକୃତିକ ବିପର୍ଯ୍ୟୟର ଅଭିଜ୍ଞତାରୁ ରାଜ୍ୟବାସୀ ନେଇଥିବା ଶିକ୍ଷା ଏହି ସମାନ ମାପଦଣ୍ଡକୁ ଆପଣେଇ ନେଇଛି । ସୁତରାଂ, କୋଭିଡ କଟକଣାକୁ କଡ଼ାକଡ଼ି ପାଳନ ପାଇଁ ଗୁରୁତ୍ୱ ଦିଆଯିବା ସର୍ବାଦୌ କରଣୀୟ । ସାର୍ବଜନୀନ ଟିକାକରଣ ସଂଜୀବନୀ ସଦୃଶ କାର୍ଯ୍ୟ କରିଥିବା ହେତୁ ଅଧିକରୁ ଅଧିକ ସଂଖ୍ୟାରେ ତାହାର ବ୍ୟବସ୍ଥା ଉପରେ ସରକାର ପ୍ରଯତ୍ନ କରୁଛନ୍ତି । ନାଜାଲ୍ ଟିକା ବିକଶିତ ହେବା କଥା ବିଭିନ୍ନ ମହଲକୁ ଉତ୍ସାହିତ କରୁଛି । ଚୀନ୍ ଦେଶରେ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରୁ ଆମ ଦେଶ ଓ ରାଜ୍ୟକୁ ଅଧିକ ସାବଧାନତା ଅବଲମ୍ବନ କରିବାକୁ ହେବ । ବେଳ ଥାଉ ବନ୍ଧ ବାନ୍ଧିବା, ଆସନ୍ନ ବିପଦକୁ ଅବଶ୍ୟ ଟାଳିବା । ଲହର ପରେ ଲହର ସଂକ୍ରମଣ ନେଇ ବହୁତ ରାଜନୀତି ହୋଇଗଲା । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ପଦଯାତ୍ରାଙ୍କୁ ରୋକିବା ଉଦ୍ଦେଶ୍ୟରେ ଏହି ସଂକ୍ରମଣର 'ବାହାନା' କରାଯାଉଛି ବୋଲି କୁହାଯାଉଛି । ବାସ୍ତବତାର ବିପଦ କେତେ ଦାରୁଣ ସମ୍ଭାବନା ଆଣୁଛି, ତାହାକୁ କେବେ ଅଣଦେଖା କରାଯିବା ଅନୁଚିତ୍ । ସଂକ୍ରମଣର ବିପଦ ଆମ ଦୁଆରମୁହଁରେ ପହଞ୍ଚିବା ଉପରେ । ତେଣୁ ସାଧୁ ସାବଧାନ ।

## ଭାରତମାତା ଓ ଭାରତୀୟତା




ଗୋପାଳ ମହାପାତ୍ର


ଭାରତୀୟକୁ ନେଇ ଏବେ ଦେଶରେ ବ୍ୟାପକ ଚର୍ଚ୍ଚା ଚାଲିଛି । ବିଭିନ୍ନ ରାଜନୈତିକ ଦଳ ଏହାର ଭିନ୍ନଭିନ୍ନ ଅର୍ଥ ମଧ୍ୟ ବାହାର କରୁଛନ୍ତି । ଭାରତର ବିବିଧତା ମଧ୍ୟରେ ଏକତା ହେଉଛି ଏହାର ସୁନ୍ଦରତା । ଏକଥାକୁ ଅନେକେ ଏବେ ଭୁଲିଯିବାକୁ ବସିଲେଣି । ଏଠି ରାମକୁ ବି ସମାଲୋଚନା କରାଯାଉଛି ଏବଂ ରାବଣ ପୋଡି ମଧ ହେଉଛି । ଯେଉଁମାନେ ଭାରତୀୟତା କଥା କହୁଛନ୍ତି ସେମାନେ ଜାଣି ରଖିବା ଉଚିତ୍ ଯେ ଗୋଟିଏ କଥାକୁ ନେଇ ନୁହେଁ, ଭିନ୍ନତା ରହିଛି । ଏକ ରୂପ ନୁହେଁକି ଏକ ରଙ୍ଗ ମଧ ନୁହେଁ । ପଣ୍ଡିତ ନେହେରୁଙ୍କ ଭାଷାରେ ସେ ସବୁ ମୂଳ ଅବଶେଷତତ୍ତ୍ୱ ଯେଉଁଥିରେ ସବୁ ସମୂହଙ୍କ ଠାରୁ କିଛି କିଛି ନିଆଯାଇଛି, ସମାହିତ କରାଯାଇ ଲୋକ ରଙ୍ଗରେ ମିଶାଯାଇଛି ଏବଂ ନିତି ନୂଆ ଶିକ୍ଷା, ଅଭ୍ୟାସକୁ ଗ୍ରହଣ କରାଯାଇଛି । ଏହା ହେଉଛି ଭାରତର ସୁନ୍ଦରତା । ଭାରତମାତା କେବେ କେନ୍ଦ୍ରୀକୃତ ହୋଇପାରେ ନାହିଁ । ଭାରତ ମାତା ଗାଁ, ଚଉପାଠୀ, ସହର ଓ ବସ୍ତି ସବୁଠି ରହିଛି । ପଣ୍ଡିତ ନେହେରୁ ତାଙ୍କ ପୁସ୍ତକରେ ଅନେକ କଥା ବର୍ଣ୍ଣନା କରିଛନ୍ତି । ସ୍ୱାଧୀନତା ସଂଗାମୀ ମାନେ ଜେଲ୍‌ରେ ଥିବାବେଳେ ଜେଲ୍ କାନ୍ଥରେ କେମିତି ବେଡିପଡ଼ିଥିବା ଦେବୀଙ୍କ ଚିତ୍ର ଆଙ୍କୁଥିଲେ ସେ କଥା ବର୍ଣ୍ଣନା କରିଛନ୍ତି । ସହଜ ଭାଷାରେ ପଚରା ଯାଇପାରେ ଗାଁ - ଗାଁରେ ଥିବା ଭାରତ ମାତା କିଏ ? କାହାର ଜୟଗାନ ପାଇଁ ମନ ଉତ୍‌ଫୁଲ୍ଲିତ ହୋଇଉଠେ ? କ'ଣ ଭାରତର ଭୂଗୋଳ ବା ପ୍ରକୃତି ହିଁ ଭାରତମାତା ? ଝରଣା, ହ୍ରଦ, ନଦୀ, ପାହାଡ, ଜମି, ଜଙ୍ଗଲ ନା କିଏ ? ପ୍ରକୃତ ପକ୍ଷେ ଭାରତମାତା ଭାରତର ୧୩୫ କୋଟି ଜନତା । ଭାରତମାତା ହେଉଛନ୍ତି ଭାରତର ପ୍ରକୃତି ଓ ଭାରତର ଲୋକେ।

ଭାରତମାତାଙ୍କର ବିଭିନ୍ନ ରୂପ ରହିଛି । ଦକ୍ଷିଣ ଭାରତର ରାଜ୍ୟ କେରଳରେ ଅସୁର ରାଜା ବାଲୀ ପାଇଁ ଓଣମ୍ ଉତ୍ସବ ପାଳନ କରାଯାଇଥାଏ । କେରଳର ସବୁ ବର୍ଗର ଓ ସବୁ ଧର୍ମର ଲୋକେ ଏହି ଉତ୍ସବକୁ ପାଳନ କରିଥାନ୍ତି । ଏହି କେରଳରୁ ଆଦି ଶଙ୍କର ନିର୍ଗୁଣ - ନିରାକାରର ସନ୍ଦେଶ ନେଇ ଭାରତର ୪ କୋଣରେ ପହଞ୍ଚିଥିଲେ । ତେବେ ଭାରତମାତା କିଏ ? ଭାରତମାତା କି ଜୟର ଅର୍ଥ ହେଉଛି - ଦୀପାବଳୀ, ଇଦ୍, ହୋଲି, ଖ୍ରୀଷ୍ଟମାସ ଓ ନାନକ, ବୁଦ୍ଧ, କବୀରଙ୍କର ଜୟ । ଭାରତମାତା କି ଜୟର ଅର୍ଥ ହେଉଛି ନମସ୍କାର, ଆଦାବ, ସଶ୍ରୀ ଅକାଳ, କୁରଳି (ମଣିପୁରୀ ଅଭିବାଦନ)ର ଜୟ । କୃଷକ, କମାର, ବୁଣାକାର, ବଢ଼େଇ, ମିସ୍ତ୍ରୀ, ଇଞ୍ଜିନିୟର, ସଫ୍ଟୱେୟର ବିଶେଷଜ୍ଞ, ଡାକ୍ତର, ବୈଜ୍ଞାନିକ, ସ୍ତ୍ରୀ-ପୁରୁଷ ସମସ୍ତଙ୍କର ଜୟ । ପ୍ରଥମେ ଅବନୀନ୍ଦ୍ରନାଥ ଠାକୁର ଭାରତ ମାତାର ଚିତ୍ର କରିଥିଲେ । ତତକ୍‌ାଳୀନ ଅବିଭକ୍ତ ବଙ୍ଗଳାର ଅବସ୍ଥା ଏହି ଚିତ୍ରରେ ପ୍ରତିଫଳିତ ହୋଇଥିଲା । ଭାରତ ମାତାଙ୍କ ଗୋଟିଏ ହାତରେ ଧାନ ଓ ଅନ୍ୟ ହାତରେ ବସ୍ତ୍ର, ଏହା କୃଷକ ଓ ଶ୍ରମିକଙ୍କ ପ୍ରତୀକ ଅଟେ । ତୃତୀୟ ହାତରେ ପୁସ୍ତକ ଅର୍ଥାତ୍ ଜ୍ଞାନ ଏବଂ ଚତୁର୍ଥ ହାତରେ ମାଳା ଅର୍ଥାତ୍ ପ୍ରଜ୍ଞାର ପ୍ରତୀକ ଅଟେ ।

> ଇଂରେଜ ଶାସନର ଅବବ୍ୟବସ୍ଥା ପ୍ରଥମେ ହିଁ ବଙ୍ଗଳାକୁ ଭୋଗିବାକୁ ପଡ଼ିଥିଲା । ୧୭୬୪ ମସିହାରେ ବକ୍ସର ଯୁଦ୍ଧରେ ବିଜୟ ପରେ ଇଷ୍ଟ ଇଣ୍ଡିଆ କମ୍ପାନୀ (ଇଂରେଜମାନଙ୍କୁ) ହାତକୁ ବଙ୍ଗଳାର ଶାସନ ଦାୟୀତ୍ୱ ଆସିଥିଲା ।

ଇଂରେଜ ଶାସନର ଅବବ୍ୟବସ୍ଥା ପ୍ରଥମେ ହିଁ ବଙ୍ଗଳାକୁ ଭୋଗିବାକୁ ପଡ଼ିଥିଲା । ୧୭୬୪ ମସିହାରେ ବକ୍ସର ଯୁଦ୍ଧରେ ବିଜୟ ପରେ ଇଷ୍ଟ ଇଣ୍ଡିଆ କମ୍ପାନୀ (ଇଂରେଜମାନଙ୍କୁ) ହାତକୁ ବଙ୍ଗଳାର ଶାସନ ଦାୟୀତ୍ୱ ଆସିଥିଲା । ଇଂରେଜ ଶାସନର ଭୂ-ରାଜସ୍ୱ ବ୍ୟବସ୍ଥା କାରଣରୁ ବଙ୍ଗଳାର କୃଷକମାନ ନିଜର ଭୂମିରେ କ୍ଷେତ-ମଜଦୁର ହେବାକୁ ପଡ଼ିଥିଲା । ବ୍ୟବସାୟରେ ଇଂରେଜଙ୍କ ସମର୍ଥୀତ ବ୍ୟବସାୟୀମାନଙ୍କୁ ରିହାତି ମିଳୁଥିଲା। କିନ୍ତୁ ଟିକସ ଦେବାକୁ ପଡୁଥିବାରୁ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଜିନିଷର ମୂଲ୍ୟ ବଢିବା କାରଣରୁ ସ୍ଥାନୀୟ ବ୍ୟବସାୟମାନଙ୍କ ବ୍ୟବସାୟ ଡୁବିଯିବାକୁ ଲାଗିଲା । ଢାକାର କପଡ଼ା (ବସ୍ତ୍ର) ଉଚ୍ଚମାନର ଥିଲା ଓ ବିଦେଶରେ ଏହାର ଚାହିଦା ମଧ ଥିଲା କିନ୍ତୁ ଇଂଲଣ୍ଡରେ ୩ ହଜାର ଗୁଣ ସୀମା ଶୁଳକ ଲଗାଯିବାରୁ ଏହାର ରପ୍ତାନୀ କମିଗଲା । ଭାରତ କେବଳ କଞ୍ଚାମାଲର ଗୋଦାମ ହୋଇ ରହିଗଲା । ଏଣୁ ଭାରତ ମାତାଙ୍କ ହାତରେ ଥିବା ଧାନ ଓ ବସ୍ତ୍ର ଭୂମିହୀନ କୃଷକ ଏବଂ ରୋଜଗାର ହରେଇଥିବା ବୁଣାକାର ମାନଙ୍କର ପ୍ରତୀକ ଥିଲା । ଏହା ସତ୍ତ୍ୱେ ଭାରତ ମାତାଙ୍କ ଛବିରେ ଆଶାର ଝଲକ ଥିଲା । ସେ ସମୟରେ ପ୍ରଥମେ ବଙ୍ଗଳାର ଲୋକଙ୍କ ଭିତରେ ଚେତନା ଜାଗ୍ରତ ହୋଇଥିଲା । ପୁସ୍ତକ ଏବଂ ମାଳା ସେଇ ସୁପ୍ତ ଚେତନାର ଆହ୍ୱାନ ବୋଲି କୁହାଯାଇପାରେ ।

ଅବନୀନ୍ଦ୍ରନାଥ ଠାକୁରଙ୍କ ଭାରତମାତା ଚିତ୍ର ପରେ ଭାରତ ମାତାଙ୍କର ଅନେକ ଚିତ୍ର ଚିତ୍ରକାର ମାନେ ଆଙ୍କିଛନ୍ତି । ବିଗତ ୭ ଦଶନ୍ଧି ବା ତା'ଠାରୁ ଅଧିକ ସମୟ ହେବ ଭାରତ ମାତାଙ୍କର ସିଂହବାହିନୀ ଏବଂ ଗୋଲାପି ରଙ୍ଗର ପତାକା ଧରିଥିବା ଚିତ୍ର ଦେଖିବାକୁ ମିଳୁଛି । କିନ୍ତୁ ଭାରତମାତାଙ୍କ ଚେହେରାରେ ମମତା ଏବଂ ସୌମ୍ୟତା ଦେଖାଯାଉନାହିଁ । ମାତୃତ୍ୱବାଦୀ ପ୍ରସ୍ତୁତି ଏବେକାର ରାଜନେତା ମାନଙ୍କର ପସନ୍ଦ ନୁହେଁ ସେମାନେ ଏହାକୁ ଦୁର୍ବଳତା ବୋଲି ବୋଧହୁଏ ଭାବୁଛନ୍ତି । ଏବେକାର ରାଜନେତାଙ୍କର ସ୍ୱପ୍ନରଭାରତ ମଧ ଭିନ୍ନ । ଏମାନଙ୍କ ସ୍ୱପ୍ନର ଭାରତରେ ସମ୍ପନ୍ନ ବର୍ଗଙ୍କର ପ୍ରଭୁତ୍ୱ ଅଧିକ ହେବା ଏମାନେ ଚାହାଁନ୍ତି । ଭୟ, କ୍ରୋଧ ଏବଂ ଘୃଣା ଏମାନଙ୍କ ମଧ୍ୟରେ ଭରିରହିଛି । କେନ୍ଦ୍ରୀକୃତ ଶାସନ ଶକ୍ତି ପୁ ଏବଂ ସାମାଜିକ ସ୍ତରରେ ପ୍ରଭୁତ୍ୱ ଜାହିର କରିପାରୁଥିବା ଲୋକଙ୍କ ମେଣ୍ଟ । କିନ୍ତୁ ଶାସକ ବୁଝିବା ଉଚିତ୍ ଯେ ଦେଶ କ୍ଷମତାରେ ନୁହେଁ ସମତା ଏବଂ ମମତାରେ ଚାଲିବା ଆବଶ୍ୟକ ।

ଭାରତର ପ୍ରସିଦ୍ଧି ଚିତ୍ରକର ମକବୁଲ ଫିଦା ମଧ ଭାରତ ମାତାଙ୍କର ଏକ ଚିତ୍ର ଆଙ୍କିଥିଲେ କିନ୍ତୁ ଏହି ଚିତ୍ର ବିବାଦୀୟ ହୋଇଥିଲା । ଚିତ୍ରରେ ଗୌତମ ବୁଦ୍ଧ, ଗାନ୍ଧୀ ଏବଂ ଧର୍ମଚକ୍ର ଦେଖିବାକୁ ମିଳିଥିଲା । ଭାରତ ମାତା ଉନ୍ମୁକ୍ତ ଦେଖାଯାଉଥିଲେ । ଭାରତ ମାତାଙ୍କ ଉନ୍ମୁକ୍ତି ବର୍ଚ୍ଚସ୍ୱବାଦୀ ମାନଙ୍କର ମନକୁ ଆସିଲା ନାହିଁ । ଉନ୍ମୁକ୍ତ ଚେତନା ଏମାନଙ୍କର ପସନ୍ଦ ନୁହେଁ । ଆଜିର ଶାସକ ଭାରତ ମାତାଙ୍କୁ ନିଜ ପାଇଁ ସଂଶୋଧନ ଏବଂ ସମ୍ପତ୍ତି ବୋଲି ଭାବନ୍ତି । ପ୍ରକୃତି ସେମାନଙ୍କ ଦୋହନ ପାଇଁ । ଶକ୍ତିଶାଳୀ ବର୍ଗ ଶାସନ ସଂଚାଳନ ପାଇଁ, ଏଣୁ ସାଧାରଣ ଲୋକେ ଅଜାଣତରେ ବେଡିରେ ବାନ୍ଧି ହୋଇ ରହିଛନ୍ତି । ଏମାନଙ୍କର ଆଖିରେ ମଧପଟ୍ଟି ଚଢାଯାଇଛି ଓ ଏମାନଙ୍କର ପ୍ରଜ୍ଞା ଅଚେତ୍ ରହିଛି । ଏହା ଏକ ପ୍ରକାରର ଔପନିବେଶୀକରଣ ବୋଲି କହିବାକୁ ହେବ । ଶାସକ ଏହି ଅଚେତ୍ ଅବସ୍ଥାକୁ ମୁଖ୍ୟଧାରାକୁ ଆଣିବାକୁ ଚାହାନ୍ତି, ଅର୍ଥାତ୍ ବିଭିନ୍ନତାକୁ ତ୍ୟାଗକରି ସେମାନେ କହୁଥିବା ମୁଖ୍ୟକୁ ସ୍ୱୀକାର କରିବା, କିନ୍ତୁ ଭାରତରେ ମୁଖ୍ୟଧାରା କ'ଣ ? ଆମର ସଂସ୍କୃତିକୁ ଗଙ୍ଗା-ଯମୁନା ସଂସ୍କୃତି ବୋଲି କୁହାଯାଏ । କାହିଁକି କୁହାଯାଏ ? ଦେଶରେ ଅନେକ ନଦୀ ଅଛନ୍ତି । ଯମୁନା ନଦୀ ପ୍ରୟାଗରାଜ (ଏଲାହାବାଦ)ଠାରେ ଗଙ୍ଗାନଦୀରେ ମିଶିଛି । ଗଙ୍ଗା ଭାଗିରଥି ଏବଂ ଅଲକାନନ୍ଦାର ସଙ୍ଗମ (ମିଶ୍ରଣ)ରୁ ସୃଷ୍ଟି । କିନ୍ତୁ ତା ପୂର୍ବରୁ ଭାଗିରଥିରେ ବିଲାଙ୍ଗନା ମିଶିଛି । ଅଲକାନନ୍ଦାରେ ମନ୍ଦାକିନୀ ଏବଂ ଅନେକ ନଦୀ ମିଶିଛନ୍ତି । ଏଣୁ କହିବା କଠିନ ଯେ ମୁଖ୍ୟ ଧାରାକିଏ ? କୌଣସି ଏକ ଧାରା ଶୁଖିଗଲେ ଗଙ୍ଗା ଅବିରକ ରହିପାରିବ ନାହିଁ । ଏଣୁ ସବୁଧାରା ମୁଖ୍ୟ ।

ଏଣୁ ଭାରତର ସବୁଗୋଷ୍ଠୀର ଧାରା ଏବଂ ସେମାନଙ୍କ ବଂଶଜ ହେଉଛନ୍ତି ମୁଖ୍ୟ । ହୁଏତ କୌଣସି ଗୋଷ୍ଠୀ ୬୫ ହଜାର ବର୍ଷ ପୂର୍ବରୁ ଆଫ୍ରିକାରୁ ଆସିଥିଲେ, ଆଉବି କେହି ୩ ହଜାରରୁ ୭ ହଜାର ବର୍ଷ ପୂର୍ବେ ଇରାନରୁ ଆସିଥିଲେ ଅଥବା ୨ ହଜାର ବର୍ଷ ପୂର୍ବେ ଦକ୍ଷିଣ-ପୂର୍ବ ତଥା ମଧ ଏସିଆରୁ ଆସିଥିଲେ । ଏମାନେ ସମସ୍ତେ ଭାରତୀୟ ଓ ମୁଖ୍ୟ ଅଟନ୍ତି । ଖାସି, ଗାରୋ ହେଉ / ଦ୍ରାବିଡ ଏମାନଙ୍କ ଭାଷା ମଧ ରାଷ୍ଟ୍ରୀୟ ଅଟେ । ଏମାନଙ୍କ ଜୀବନ ଶୈଳୀ ମଧ ମୁଖ୍ୟ । ଏଣୁ ଭାରତମାତା କେବେ କେନ୍ଦ୍ରୀକୃତ ହୋଇନପାରେ । ଭାରତୀୟ ଧାରା ଚରୈବେତି - ଚରୈବେତି ଚଳିବ୍ୟାମଃ ନିରନ୍ତରରେ ପରିଭାଷିତ ହୋଇଥାଏ । ଏହା ବହିଥାଏ କିନ୍ତୁ ଉଛୁଳି ନଥାଏ, ନିରନ୍ତର ବହିଥାଏ, ଅଟକି ନଥାଏ । ଏଣୁ ଭାରତୀୟତାର ମୂଲ୍ୟାଙ୍କନ ଯିଏ ଯାହା କରୁନା କାହିଁକି ଏହାର କୌଣସି ଶବ୍ଦ - ସୀମାନାହିଁ । ଏହା ହଜାର ହଜାର ବର୍ଷର ଅନୁଭବର କଥା । ଯାହା ବିବେକର ପେଟି ଭିତରେ ସଞ୍ଚିତ ହୋଇ ରହିବାର ଅମୂଲ୍ୟ କଥା ।


ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪


## ପୌଷ ପୂର୍ଣ୍ଣିମା ଓ ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ




ଗୋପୀନାଥ ଦାଶ


ପୌଷ ମାସ ପୂର୍ଣ୍ଣିମାରେ ବ୍ରତ ଉପବାସ କରିବାର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନରେ ସ୍ନାନ ଏବଂ ଦାନର ଫଳ ଶ୍ରେଷ୍ଠ ହୋଇଥାଏ। ଶାସ୍ତ୍ର ଅନୁଯାୟୀ ପୌଷ ପୂର୍ଣ୍ଣିମାରେ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ଉପବାସ ରଖି ସୁଖ, ସମ୍ପତ୍ତି ପ୍ରାପ୍ତି ହୋଇଥାଏ। ଏହି ଦିନ ସତ୍ୟନାରାୟଣ ବ୍ରତ ରଖିବା ସହ ବିଧିବିଧାନ ସହିତ ପୂଜା କଲେ ବିଶେଷ ଫଳ ମିଳିଥାଏ। ଏହି ଦିନ ପ୍ରାତଃ ସ୍ନାନାଦି କାର୍ଯ୍ୟ ସାରି ଭଗବାନ ମଧୁସୂଦନଙ୍କ ପୂଜା କରି ନୈବେଦ୍ୟ ଅର୍ପଣ କରିବା ଆବଶ୍ୟକ। ପରେ ଗରିବଙ୍କୁ ଭୋଜନ କରାଇଲେ ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ। ଧର୍ମ ଶାସ୍ତ୍ର ଅନୁଯାୟୀ ପୌଷ ପୂର୍ଣ୍ଣିମା ଦିନ ପବିତ୍ର ନଦୀରେ ସ୍ନାନ କରିବାର ପରମ୍ପରା ମଧ୍ୟ ରହିଛି। ସେଥିପାଇଁ ସମସ୍ତ ତୀର୍ଥ ସ୍ନାନରେ ଥିବା ନଦୀଗୁଡ଼ିକରେ ଏହି ଦିନ ପୂଣ୍ୟ କାମନା କରି ଶ୍ରଦ୍ଧାଳୁମାନେ ସ୍ନାନ ଏବଂ ପୂଜାର୍ଚ୍ଚନା କରିଥାନ୍ତି। ଏହାଦ୍ୱାରା ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ। ଏହି ଅବସରରେ କରାଯାଇଥିବା ଦାନ ଅମୋଘ ଫଳ ଦେଇଥାଏ। ପୌଷ ପୂର୍ଣ୍ଣିମା ଦିନ ପବିତ୍ର ତୀର୍ଥ ସ୍ଥଳୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦାନ କରିବାର ମଧ୍ୟ ବିଧି ରହିଛି। କୌଣସି ତୀର୍ଥସ୍ଥାନ କିମ୍ବା ନଦୀକୁ ଯାଇନପାରିଲେ ଏହି ଦିନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କଲେ ମଧ୍ୟ ପିତୃପୁରୁଷମାନେ ଶାନ୍ତି ପ୍ରାପ୍ତି କରିଥାନ୍ତି। ଏହି ପବିତ୍ର ତିଥିରେ ଭଗବାନ ଜଗନ୍ନାଥଙ୍କର ପୁଷ୍ୟାଭିଷେକ କରାଯାଇଥାଏ। ତେଣୁ ଏହାକୁ ଦେବାଭିଷେକ ପୂର୍ଣ୍ଣିମା ମଧ୍ୟ କୁହାଯାଇଥାଏ। ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ଏହି ଦିନରେ ମହୋଦଧୀ ଆଳତୀ କରିଥାନ୍ତି। ଏହି ଦିନରେ ଭଗବାନ ମଧୁସୂଦନଙ୍କ ପୂଜା ସମସ୍ତ ବୈଭବ ଏବଂ ଦିବ୍ୟଲୋକ ପ୍ରଦାନ କରିଥାଏ। ମାଘ ମାସ ସ୍ନାନର ପ୍ରାରମ୍ଭ ମଧ୍ୟ ଏହି ପୂର୍ଣ୍ଣିମାରୁ ହୋଇଥାଏ।

> ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ପୌଷ ପୂର୍ଣ୍ଣିମା ଦିନ ରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ରାଜ୍ୟଭାର ଗ୍ରହଣ କରିଥିଲେ।
> ଏହାପୂର୍ବରୁ ତାଙ୍କର ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ପୌଷ ପୂର୍ଣ୍ଣିମା ଦିନ ରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ରାଜ୍ୟଭାର ଗ୍ରହଣ କରିଥିଲେ। ଏହାପୂର୍ବରୁ ତାଙ୍କର ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍ମୃତି ରୂପେ ଗ୍ରହଣ କରି ପ୍ରତିବର୍ଷ ଏହି ଦିନ ଦେବମନ୍ଦିର ଗୁଡ଼ିକରେ ଠାକୁରମାନଙ୍କର ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଥାଏ। ଏହିଦିନ ପୁରୀ ବଡ଼ ଦେଉଳରେ ଶ୍ରୀଜୀଉମାନଙ୍କର ପୁଷ୍ୟଭିଷେକ ହୁଏ। ଶାସ୍ତ୍ରରେ ଏ ଉତ୍ସବ ନେଇ ଉଲ୍ଲେଖ ଅଛି ପୌଷ ମାସି ସିତେ ପକ୍ଷେ ପୌର୍ଣ୍ଣମାୟାଂ ରୁକ୍ମିଣୀ ପତେଃ। ଭୂଷ୍ୟଭିଷେକଂ କୁର୍ବାତ୍ ସର୍ବକାମାର୍ଥ ସିଦ୍ଧୟେ। ଏହି ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କ ନିତ୍ୟ ପୂଜା ପରେ ନୂତନ ବସ୍ତ୍ର, ଭୂଷଣ ଓ ଗନ୍ଧ ପୁଷ୍ପ ଆଦି ଦ୍ୱାରା ଠାକୁରଙ୍କୁ ବେଶ କରାଯାଇ ଯାତ୍ରା ମଣ୍ଡପକୁ ନିଆଯାଏ। ସେଠାରେ ବରୁଣପୂଜା, ସ୍ୱସ୍ତି ବାଚନ, ମଙ୍ଗଳାରୋପଣ, ଯଜ୍ଞୋପବୀତ ସମର୍ପଣ, ହୋମ, ଆରତି ଇତ୍ୟାଦି ବିଧିରେ ବିଜେ ପ୍ରତିମା ସହ ଖଡ୍ଗ ପୂଜା ପରେ ଭକ୍ତ ଯଜ୍ଞୋପବୀତ ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ଓ ପରେ ଯାତ୍ରା ମଣ୍ଡପରେ ଯଥାବିଧି ଉପଚାର ସହିତ ରାଜାଙ୍କୁ ଅର୍ପଣ କରାଯାଏ। ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଅଭିଷେକ ଉତ୍ସବ ରାଜାଙ୍କ ଅଭିଷେକ ରୂପେ ପାଳିତ ହୁଏ। ଏହି ଅଭିଷେକୋତ୍ସବ ଦର୍ଶନରେ ଦର୍ଶନାର୍ଥୀ ପାପମୁକ୍ତ ହୋଇ ବୈକୁଣ୍ଠପୁରୀ ପ୍ରାପ୍ତ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏହି ଅବସରରେ ରତ୍ନସିଂହାସନରେ ଶ୍ରୀଜୀଉମାନଙ୍କୁ ସୁନାବେଶରେ ସଜ୍ଜିତ କରାଯାଏ।


କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ : ୮୮୯୫୨୯୬୧୬୭







## ଏକ ଭାବନା


ପବିତ୍ର ବେହେରା


ଏଠି ଋତୁ ଫେରିଯାଏ,ଦିନ
ସରିଯାଏ
ବାକି ରହିଯାଏ ସବୁ ଅଭୂଲା ଚିହ୍ନ
ସମୟର ନିଦ୍ରାଘରେ
ସ୍ୱପ୍ନ ଉଙ୍କିମାରେ ସାଜି ରୂପା ଜହ୍ନ ।

ଏଠି ଅତୀତ ଓ ଭାବନାକୁ ପୁଞ୍ଜି କରି
ଜୀବନ ଜୀଇଁ ହୁଏ
ବୟସର ମାପ କାଠିରେ
କିଛି ଅଭୂଲା ଦିନର ସ୍ମୃତିରେ ।

ଏଠି ପକ୍ଷୀ ଦିଗହରା ହୁଏ
ଋତୁର ଆଗମନରେ
ଏଠି ପ୍ରେମିକ ଭଅଁର ସାଜେ
ପ୍ରେମିକାର ପୁଷ୍ପବତୀ ରୂପରେ ।

ଏଠି କେତେ ଯେ ଦୁଃଖ ଖୁସି
ବିତିଯାଏ ଦିନର ଦେହରେ
ଦୁଇ ହଜାର ବାଇଶୀ ଅବସର
ନେଉଛି ତେଇଶୀର ଆଗମନରେ ।

ଏଠି ସୂର୍ଯ୍ୟ ବି ବଦଳିନି
ଏଠି ଚନ୍ଦ୍ର ବି ବଦଳିନି
ବଦଳିଛି ସମ୍ପର୍କର ସଂଜ୍ଞା
ବଦଳିଛି ପ୍ରେମର ରୂପ। ।

ଏଠି ଡିସେମ୍ବରର ଶେଷଦିନ
ଜାନୁଆରୀର ପ୍ରଥମ ଦିନ
ଦୁହେଁ ଦୁହିଁଙ୍କ ପାଖାପାଖି
ହେଲେ କେହି କାହାର ନୁହଁନ୍ତି ।


ବାହାଲପୁର, ଗଞ୍ଜାମ
ମୋ: ୭୭୮୮୮୮୬୬୦୨


## ମନର ମଣିଷ


ସୌଦାମିନୀ ପଣ୍ଡା


ଅମାନିଆ ମନେ ଉଠୁଛି ଜୁଆର
ଖୋଜିବାକୁ ସ୍ୱଚ୍ଛ ହୃଦୟ,
ଯୋଉଠି ନଥିବ ମାନ ଅଭିମାନ
ଅହଂକାର, ପାପ, ଭୟ ।

ଜାଣେନା ମୁଁ କେମିତି ସିଏ
ଦେଖିହେଲା କଉ ରାସ୍ତାରେ,
ପ୍ରଥମ ଦେଖାରେ ମନ କିଣିନେଲ
ପ୍ରେମ ହେଲା ଆଖିରେ ଆଖିରେ ।

ପ୍ରଥମ ଦିନର ପ୍ରଥମ ପରସେ
ମନକୁ ଭରଷା ଦେଇ,
ତୁମରି ଉପରେ ରଖିଛି ବିଶ୍ୱାସ
ପାରିବିନି ମୋଠୁ ଦୁରେଇ ।

ଚିରନ୍ତନ ସତ୍ୟ ପ୍ରେମ ଏ ଆମ
ଖୋଜେ ତାକୁ ବାରମ୍ବାର,
ଚଢ଼େଇ ଟେ ବସା ବାନ୍ଧିଲା ପରି
ବସିଛ ହୃଦୟେ ମୋର ।

ମୁଖେ ଝଲସେ ହସର ଲହରୀ
ଦେଖିବାକୁ କଳାକହ୍ନେଇ ସିଏ,
ଚାହାଣି ଟି ତାର କରିଛି କିମିଆ
ଧନ୍ୟ ସେ ବିଧାତା ଗଢ଼ିଛି ଯିଏ ।

ସୁଖ ଦୁଃଖେ ଛାଇ ଟିଏ ପରି
ମୋ ସାଥେ ଚଳନ୍ତା କି ସେ,
ଖୋଲା ହୃଦୟେ ଭଲ ପାଆନ୍ତା କି
କରିବାକୁ ହୃଦୟ ରାଣୀ ସେ ।

ପ୍ରେମରେ ପାଗଳ ଏ ମୋ ମନ
ନୀତି ଦେଖିବାକୁ ଇଚ୍ଛା କରେ,
ଶୟନେ ସପନେ ଦେଖୁଛି ତାକୁ
ହୃଦୟ ତାକୁ ଝୁରି ମରେ ।

ବିଧାତା ଗଢିଛି କି ଏ ସମ୍ପର୍କ
କରିବାକୁ ଏକା ସାଥିରେ,
କେମିତି ଏ ଅଜଣା ପ୍ରଶ୍ନ ଆଜି
ଉଙ୍କିମାରେ ଆଜି ମନରେ ।

ଭରସା ବିଶ୍ୱାସ ରହିବ କି ନାହିଁ
ଜଣା ନାହିଁ ଏ ସମ୍ପର୍କକୁ,
କରିବାକୁ ହେବ ପ୍ରେମ ଅତୁଟ
କାଳ କାଳ ସାତ ଯୁଗକୁ ।


ବରିହାପାଲି (ପଦ୍ମପୁର )
ବରଗଡ


## ସ୍ମୃତି ତୁମେ


ସୁହଂସ ଭୋଇ


ସ୍ମୃତି ତୁମେ ଆଜ କାହା ପାଇଁ ସାଜ
ସଂଗୀତର ମଧୁ ମୂର୍ଚ୍ଛନା
କାହାପାଇଁ ତୁମେ ବିରହ ରାଗିଣୀ
କାହା ପାଇଁ ମୃଦୁ ଯନ୍ତ୍ରଣା...

ଆକାର ତୁମର ନୀଳ ପାରାବାର
ଗଭୀର ଅଥଳ ଅସୀମ
କେବେ ଢେଉ ପୁଣି କେବେ ଉଠେ ଝଡ଼
ବୁଝିବାକୁ ବଡ ବିଷମ...

ତୁମେ ବସନ୍ତର ମଳୟ ସମୀର
ଶୀତଳ ତ କେବେ ଉତ୍ତାପ
ଅଦିନିଆ ମେଘେ ଚପଳା ଚମକ
କେବେ କ୍ଷୁଦ୍ର କେବେ ଅମାପ...

ଥୁଣ୍ଟା ବରଗଛ କେବେ ନଈତୁଠ
ବିବିଧ ବର୍ଣ୍ଣ ରୂପରେଖ
ବାସ୍ତବରେ ଖୋଜେ ପାଇବାକୁ ସ୍ପର୍ଶ
ପାଏଁ ତୁମେ ସପନରେ ପାଖ....

କବିତାରେ ଶବ୍ଦ କୁସୁମେ ମହକ
ମୋ ସହିତ ତୁମେ ଜଡିତ
ସ୍ମୃତିତୁମେ ମୋର ସୁନ୍ଦର ସୃଜନୀ
ଭବିଷ୍ୟ ଆଗତ ଅତୀତ....


ବିଜେପୁର, ବରଗଡ଼


## ଡର ଲାଗେ ....


ତ୍ରିନାଥ ମହାରଣା




ଶହେ ଜନ୍ମ କରି ଲାଭ ନାହିଁ ଏଠି,
ଯଦି ସାହା ନାହିଁ ବୁଢା ବାପକୁ ।
ଖୋଇ ପେଇ ପୁଣି ଭେଣ୍ଡିଆ କରିକି,
ସଞ୍ଚି ରଖି ଥାଏ ତାହାର ନାଁ କୁଁ ।

ଧାଁ ଧପଡରେ ବେଳ ସରିଯାଏ,
ଆଉ ସମୟ ବଳେନି ନିଜକୁ ।
ଗଣ୍ଡିଏ ଖାଇକି ଖଣ୍ଡିଏ ପିନ୍ଧକି,
ଥୋଇ ଥାଏ ଯାହା ଦେହକୁ ।

ସେହି ପୁଅ ଆଜି ଭେଣ୍ଡିଆ ହେଇକି,
ବାପକୁ ତଡୁଛି ଯାତୁମେ ଜରାଶ୍ରମକୁ ।
ସମୟ ସ୍ଥିତିକୁ ଦେଖି ଆଜିମୋତେ,
ଡର ଲାଗେ ବୃଦ୍ଧା ହେବାକୁ ।

ଡର ଲାଗେ ବୃଦ୍ଧା ହେବାକୁ ।
ପାଳି ପୋଷି କିରି ବଡ କରିଥିଲି,
ତାକୁ ଉଚ୍ଚ ଶିକ୍ଷିତ ଟେ କରି ।
ଆଜି ମୁଁ ସହୁଛି କେତେ ଯେ ଯାତନା,
କାନ୍ଦୁଛି ଭାଗ୍ୟକୁ ଆଦରି ।

ପୁଅ ମୋର ଆଜି ବିଦେଶରେ
ରହେ,
ସତେ ନାଁ ରେ ତ ପଡେ ହୁରି ।

ବାପା କାଳେ ହେଲା ଅଦିନ କୁଣିଆ,
ମୋତେ ଦେଖି ଦେଲେ ଯାଏ ଡରି ।

ବୟସ ବଢ଼ିଲା ବୋଝ ହେଇଗଲି,
କେମିତି ସଂସାରୁ ହୋଇବି ପାରି ।
ପିଲା ଦିନେ ମୁହିଁ କୋଳରେ ବସାଇ,
କହୁଥିଲି ମୁହିଁ କିଏ ହେବ ତୋରସରି ।

ସମୟ ତୁମେ ଯେ ସହଳ ଯେ ଆସ,
କର ନାହିଁ ଆଉ ଯେ ବେଶୀ ଡେରି ।
ସତ ପୁତ୍ର ଥାଇ ଅନାଥ ହେଲିଣି,
ବେଳ ମୋହର ସହଳ ଯାଉତ ସରି ।

ଏମିତି ମୋ ଦୁଃଖ କାହାକୁ କହିବି,
କିଏ ଅଛି ଅବା ମୋ ଦୁଃଖ ଶୁଣିବାକୁ
ସମୟ ସ୍ଥିତିକୁ ଦେଖି ଆଜି ମୋତେ
ଡର ଲାଗେ ବୃଦ୍ଧା ହେବାକୁ ।
ଡର ଲାଗେ ବୃଦ୍ଧା ହେବାକୁ ।


ଟିକରା, ଟାଙ୍ଗୀ, କଟକ
ମୋ: ୮୨୪୯୯୩୬୫୦୩

# ୬ ବର୍ଷ ବୟସରେ ଡେବ୍ୟୁ କରିବେ ଆଲ୍ଲୁ ଅର୍ଜୁନଙ୍କ ଲାଡଲି





ବୟସ ମାତ୍ର ୬ ବର୍ଷ। କିନ୍ତ ଅଭିନୟରେ କୌଣସି ବଡ ତାରକ ଠାରୁ କମ୍ ନୁହନ୍ତି । ନିଜ କ୍ୟୁଟ୍‌ନେସ୍‌ରେ ସମସ୍ତଙ୍କୁ କରିଛନ୍ତି ପାଗଳ। ସୋଶାଲ ମିଡିଆ ପରେ ଏବେ ବଡ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି ସାଉଥ ସୁପରଷ୍ଟାର ତଥା ପୁଷ୍ପା ଫେମ୍ ଅଭିନତୋ ଆଲ୍ଲୁ ଅର୍ଜୁନଙ୍କ ଝିଅ ଆରହା।

ସାଉଥର ହିଟ୍ ଅଭିନେତ୍ରୀ ସମନ୍ଥା ରୁଥ ପ୍ରଭୁଙ୍କ ସହ ସ୍କ୍ରିନ୍ ଶେଆର କରିବେ ଆରହା। ଅପ୍‌କମିଂ ସାଉଥ ଫିଲ୍ମ 'ଶକୁନ୍ତଲମ୍'ରେ ଡେବ୍ୟୁ କରିବେ ଆରହା। ଏହି ଖବର ଶୁଣି ଖୁସିରେ ଫାଟି ପଡିଛନ୍ତି ଅଭିନେତା ଆଲ୍ଲୁ ଅର୍ଜୁନ ଓ ତାଙ୍କ ପତ୍ନୀ।

ନିକଟରେ ଆଲ୍ଲୁ ଏକ ସାକ୍ଷାତକାରରେ କହିଥିଲେ ଯେ, ଆରହା ଏବେ ବେଶ୍ ଛୋଟ। ପାଠ ପଢ଼ିବା ସାରିବା ପରେ ସେ ନିଜ ଫିଲ୍ମ କ୍ୟାରିୟର ଆରମ୍ଭ କରିବେ। କିନ୍ତୁ ଆଲ୍ଲୁଙ୍କ ଏହି କଥା ଏବେ ଭୁଲ ପ୍ରମାଣିତ ହେବାକୁ ଯାଉଛି। ଆରହା ୬ ବର୍ଷ ବୟସରୁ ହିଁ ନିଜର ଫିଲ୍ମ କ୍ୟାରିୟର୍ ଆରମ୍ଭ କରିବାକୁ ଯାଉଛନ୍ତି।

ଏନେଇ ଆଲ୍ଲୁ ଅର୍ଜୁନ କହିଛନ୍ତି, ଛୋଟ ବୟସରେ ଆରହା ଯଦି ବଡ ସଫଳତା ନିଜ ନାଁରେ କରିପାରିଛନ୍ତି ତେବେ ବାପା ହିସାବରେ ମୁ ବେଶ୍ ଗର୍ବିତ। ମୁଁ ତାକୁ ଅନ୍‌ସ୍କ୍ରିନ୍‌ରେ ଦେଖି କିଭଳି ଅନୁଭବ କରିବି ଆଉ କିଭଳି ରିଆକ୍ଟ କରିବି ତାହା ମୁଁ ନିଜେ ଜାଣିନି।

୨୦୧୬ ନଭେମ୍ବର ୨୧ରେ ଜନ୍ମ ଗ୍ରହଣ କରିଥିଲେ ଆରହା। ତାଙ୍କୁ ବର୍ତ୍ତମାନ ୬ ବର୍ଷ ବୟସ ହୋଇଛି। ଆରହାଙ୍କ ବଡ ଭାଇ ମଧ ଅଛନ୍ତି, ତାଙ୍କ ନାଁ ଆଲ୍ଲୁ ଅୟାନ୍। ଆରହା ବାପା ଆଲ୍ଲୁ ଅର୍ଜୁନଙ୍କ ବେଶ୍ ନିକଟତର।

# ସୁଶାନ୍ତଙ୍କ ଫ୍ଲାଟ୍‌ରେ ନୂଆ ଭଡ଼ାଟିଆ

ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ଫ୍ଲାଟରେ ନୂଆ ଭଡାଟିଆ। ତାଙ୍କ ମୃତ୍ୟୁର ଦେଢ଼ ବର୍ଷ ପରେ ତାଙ୍କ ମୁମ୍ବାଇ ସ୍ଥିତ ଫ୍ଲାଟକୁ ମିଳିଛି ନୂଆ ଭଡାଟିଆ। ସୁଶାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ବାନ୍ଦ୍ରା ସ୍ଥିତ ଫ୍ଲାଟଟି ଖାଲି ପଡିଥିଲା। ସେହି ଘରକୁ ଯିବା ପାଇଁ କେହି ରାଜି ନଥିଲେ। କିନ୍ତୁ ଏବେ ଏହି ଘରକୁ ନୂଆ ଭଡାଟିଆ ମିଳିଥିବା ସୂଚନା ମିଳିଛି।

ପ୍ରକୃତରେ ସୁଶାନ୍ତ ସିଂହ ରାଜପୁତ ଯେଉଁ ଡ୍ୟୁପ୍ଲେକ୍ସ ଫ୍ଲାଟରେ ରହୁଥିଲେ, ତାକୁ ଅଭିନେତାଙ୍କ ମୃତ୍ୟୁ ପରେ କେହି ଭଡାରେ ନେବାକୁ ରାଜି ହେଉନଥିଲେ। ଲୋକେ ସେଠାରେ ରହିବାକୁ ଭୟ କରୁଥିଲେ। ଏହି ଘରର ମାଲିକ ବିଦେଶରେ ରୁହନ୍ତି। ଏଭଳି ସ୍ଥିତିରେ ସେ ଦୀର୍ଘ ଦିନ ହେବ ଗ୍ରାହକ ଖୋଜୁଥିଲେ। ଏବେ ତାଙ୍କ ସନ୍ଧାନ ଶେଷ ହୋଇଛି।

ରିଅଲ ଇଷ୍ଟେଟ୍ ବ୍ରେକରଙ୍କ କହିବା ମୁତାବକ, ସୁଶାନ୍ତଙ୍କ ଏହି ଫ୍ଲାଟର ମାସିକା ଭଡା ୫ ଲକ୍ଷ ଟଙ୍କା। ଘର ନେବା ପୂର୍ବରୁ ମାଲିକଙ୍କ ୩୦ ଲକ୍ଷ ଟଙ୍କା ଡିପୋଜିଟ୍ ଦେବାକୁ ପଡିବ। ଏଭଳି ସ୍ଥିତିରେ ଏକ ପରିବାର ଏହି ଫ୍ଲାଟରେ ରହିବାକୁ ରାଜି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ମଣ୍ଟ ବ୍ଲାଙ୍କ ଆପାର୍ଟମେଣ୍ଟରେ ସ୍ଥିତି ଏହି ଫ୍ଲାଟ୍ ପିଛା ସୁଶାନ୍ତ ମାସିକ ୪.୫ ଲକ୍ଷ ଟଙ୍କା ଭଡା ଦେଉଥିଲେ। କିନ୍ତୁ ଏବେ ଘର ମାଲିକ ଏହାର ଦାମ୍ ବଢ଼ାଇ ୫ ଲକ୍ଷ କରିଦେଇଛନ୍ତି। ୩୬୦୦ ସ୍କୁଏର ଫୁଟ୍‌ରେ ତିଆରି ଏହି ଫ୍ଲାଟରେ ୪ଟି ବେଡ୍‌ରୁମ୍ ରହିଛି, ଏହା ସହ ଛାତ ମଧ ଆଟାଚ ରହିଛି। ୨୦୧୯ରେ ସୁଶାନ୍ତ ଏହି ଫ୍ଲାଟକୁ ଭଡାରେ ନେଇଥିଲେ। ତାଙ୍କ ସହ ରିଆ ଚକ୍ରବର୍ତ୍ତୀ ଓ ତାଙ୍କର କିଛି ସାଙ୍ଗ ଏଠାରେ ରହୁଥିଲେ। ପରେ ଜୁନ୍ ୨୦୨୦ରେ ଏହି ଫ୍ଲାଟରେ ହିଁ ସୁଶାନ୍ତ ଆତ୍ମହତ୍ୟା କରିଥିଲେ।



# ସୋନୁ ସୁଦ୍‌ଙ୍କ ଭିଡିଓକୁ ନେଇ ରେଳବାଇ ଦେଲା ଏହି ପରାମର୍ଶ

ସୋନୁ ସୁଦ ବଲିଉଡ୍‌ର ଜଣେ ଏପରି ଅଭିନେତା ଯିଏକି ପ୍ରଶଂସକଙ୍କ ହୃଦୟରେ ରାଜ୍ କରନ୍ତି। ମାତ୍ର ନିକଟରେ ସେ ଏକ ଏପରି କାମ କରି ଦେଇଛନ୍ତି, ଯେଉଁଥିପାଇଁ ତାଙ୍କୁ ଆଦୌ ବି ପ୍ରଶଂସା ମିଳିନାହିଁ। ସୋନୁ ସୁଦ୍ କିଛି ଦିନ ତଳେ ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ନିଜର ଏକ ଭିଡିଓ ସେୟାର କରିଥିଲେ। ସେହି ଭିଡିଓ ଦେଖି ରେଳବାଇ ସୋନୁ ସୁଦ୍‌ଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି। ଭିଡିଓରେ ସୋନୁ ଟ୍ରେନ୍ ଫାଟକ ପାଖରେ ବସିଥିବାର ଦେଖିବାକୁ ମିଳିଥିଲା। ସୋନୁ ଟ୍ରେନ୍ ଫାଟକକୁ ଲାଗି ବସି ବାହାରର ଦୃଶ୍ୟକୁ ଉପଭୋଗ କରୁଥିବାର ଭିଡିଓରେ ଦେଖିବାକୁ ମିଳିଛି। ସୋନୁଙ୍କର ଏହି ଭିଡିଓ ଦେଖି ରେଳବାଇ ଟ୍ୱିଟ୍ କରିଛି, 'ପ୍ରିୟ ସୋନୁ ସୁଦ୍, ଆପଣ ଦେଶ ଏବଂ ଦୁନିଆ ଲୋକଙ୍କ ପାଇଁ ଆଦର୍ଶ। ଟ୍ରେନ୍‌ର ଫାଟକ ନିକଟରେ ବସି ଯାତ୍ରା କରିବା ବିପଦପୂର୍ଣ୍ଣ। ଆପଣଙ୍କର ଏହି ଭିଡିଓରୁ ଦର୍ଶକଙ୍କୁ ଭୁଲ୍ ବାର୍ତ୍ତା ଯାଉଛି। ଦୟାକରି ଏପରି କରନ୍ତୁ ନାହିଁ। ସୁଗମ ଏବଂ ସୁରକ୍ଷିତ ଯାତ୍ରାର ଆନନ୍ଦ ନିଅନ୍ତୁ।' ସୋନୁ ସୁଦ୍‌ଙ୍କୁ ପ୍ରଶଂସକ ଖୁବ୍ ଭଲପାଇବା ଦେଇଛନ୍ତି। ମାତ୍ର ଏହି ଭିଡିଓରେ କିଛି ପ୍ରଶଂସକ ତାଙ୍କୁ ଦାୟିତ୍ୱହୀନ ବୋଲି ଆରୋପ ଲଗାଇଛନ୍ତି। ଯା ପୂର୍ବରୁ ଜିଆରପି ମୁମ୍ବାଇ ଏକ ଟ୍ୱିଟ୍ କରି ଲେଖିଥିଲା, 'ଫୁଟବୋର୍ଡରେ ବସି ଯାତ୍ରା କରିବା ହୁଏତ ଚଳଚ୍ଚିତ୍ରର ମନୋରଞ୍ଜନ ପାଇଁ ଜରୁରୀ, ବାସ୍ତବ ଜୀବନ ପାଇଁ ନୁହେଁ। ନିୟମ ପଳନ କରନ୍ତୁ। ନବ ବର୍ଷ ଆପଣଙ୍କ ପାଇଁ ସୁଖମୟ ହେଉ।'

# ବିଗ୍ ବି'ଙ୍କ ନାତିଙ୍କୁ ଡେଟ୍ କରୁଛନ୍ତି ଶାହରୁଖଙ୍କ ଝିଅ !

ଡେଟିଂ, ଅଫେୟାର୍ସ, ରିଲେସନ୍‌ଶିପ୍, ଲଭ୍, ଧୋକା, ବ୍ରେକଅପ୍ ଏସବୁ ବି-ଟାଉନରେ ସାଧାରଣ କଥା। କିଏ କାହା ସହ ଡେଟିଂ କରୁଛି ତ ଆଉ କିଏ କାହା ସହ କରୁଛି ବ୍ରେକ୍‌ଅପ୍। କିନ୍ତୁ ଏହାରି ଭିତରେ ଷ୍ଟାର୍ କିଡ୍‌ଙ୍କ ଅଫେୟାର୍ସକୁ ନେଇ ବି-ଟାଉନ୍‌ରେ ଏବେ ଜୋରସୋରରେ ଚର୍ଚ୍ଚା ଚାଲିଛି। ବଲିଉଡର ବାଦଶାହ ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନଙ୍କ ପରେ ଏବେ ତାଙ୍କ ଝିଅ ସୁହାନ ଖାନ୍‌ଙ୍କ ଡେଟିଂକୁ ନେଇ ଆସିଛି ବଡ ଖବର। ବିଗ୍ ବି' ଅମିତାଭ ବଚ୍ଚନଙ୍କ ନାତିକୁ ଡେଟ୍ କରୁଛନ୍ତି କିଙ୍ଗ ଖାନ୍ ଶାହରୁଖଙ୍କ ଝିଅ। ଏ କଥା ଆମେ କହୁନୁ ଏଭଳି କିଛି ଚର୍ଚ୍ଚା ଏବେ ବି-ଟାଉନ୍‌ରେ ଚାଲିଛି। ଅମିତାଭ ବଚ୍ଚନଙ୍କ ନାତୀ ଅଗସ୍ତ୍ୟା ନନ୍ଦାଙ୍କୁ ଡେଟ୍ କରୁଛନ୍ତି ସୁହାନା ଖାନ୍। ଏବୁହେଁ ଅପ୍‌କମିଂ ଫିଲ୍ମ ଆର୍ଚିଜ୍‌ରେ ଏକାଠି କାମ କରିବାକୁ ଯାଉଛନ୍ତି। ନିକଟରେ କପୁର ଖାନ୍‌ଦାନର ଖ୍ରୀଷ୍ଟମାସ ପାର୍ଟି ଆୟୋଜନ କରାଯାଇଥିଲା। ଏହି ପାର୍ଟିରେ ସୁହାନା ଖାନ୍ ଓ ଅଗସ୍ତ୍ୟା ନନ୍ଦାଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ରିପୋର୍ଟ ମୁତାବକ, ଅଗସ୍ତ୍ୟା ସୁହାନାଙ୍କୁ ତାଙ୍କ ପରିବାର ସହ ପରିଚିତ କରାଇଛନ୍ତି। ଉଭୟଙ୍କ ଲଭ୍ ଅଫେୟାର୍ସ ଫିଲ୍ମ ଆର୍ଚିଜ୍ ଶୁଟିଂ ସେଟ୍‌ରୁ ଆରମ୍ଭ ହୋଇଥିବା କୁହାଯାଉଛି। ଏବୁହେଁ ଖୁବଶୀଘ୍ର ନିଜ ରିଲେସନ୍‌ସିପ୍‌କୁ ଅଫିସିଆଲ୍ କରିବେ ବୋଲି ମଧ ଖବର ମିଳିଛି। କେବଳ ସେତିକି ନୁହେଁ ଅମିତାଭଙ୍କ ଝିଅ ତଥା ଅଗସ୍ତ୍ୟାଙ୍କ ମା' ଶ୍ୱେତା ନନ୍ଦା ମଧ ଏହି ସମ୍ପର୍କଙ୍କ ପାଇଁ ଗ୍ରୀନ୍ ସିଗ୍‌ନାଲ ଦେଇଛନ୍ତି।





# ଜାଣନ୍ତୁ ଦୀପିକା ପାଦୁକୋନଙ୍କ ରୋଜଗାର ଓ ପୂରା ସଂପତ୍ତିର ମୂଲ୍ୟ

ନିଜର ଆଗାମୀ ଚଳଚ୍ଚିତ୍ର 'ପଠାନ୍'କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି ଭଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ। ଆପଣ ଜାଣିଥିବେ ନିଶ୍ଚୟ ଯେ ଅଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀମାନଙ୍କ ମଧ୍ୟରୁ ଦୀପିକା ପାଦୁକୋନ ଅନ୍ୟତମ। ଆପଣ ଜାଣନ୍ତି କି ଦୀପିକା ପାଦୁକୋନଙ୍କ ରୋଜଗାର ବିଷୟରେ କିଛି ?

ରିପୋର୍ଟରୁ ଜାଣିବାକୁ ମିଳିଛି ଯେ ଦୀପିକା ବଲିଉଡ୍‌ରେ ସବୁଠାରୁ ଅଧିକ ପାରିଶମ୍ରିକ ଦାବି କରୁଥିବା ଅଭିନେତ୍ରୀ। ସେ ତାଙ୍କର ଗୋଟାଏ ସିନେମା ପାଇଁ ୧୫ରୁ ୩୦ କୋଟି ଟଙ୍କା ଦାବି କରିଥାନ୍ତି। ଏହାଛଡ଼ା ତାଙ୍କର ମାସିକ ରୋଜଗାର ପ୍ରାୟ ୨ କୋଟି ଟଙ୍କା। ଏହା ଛଡ଼ା ସୋସିଆଲ୍ ମିଡିଆରେ ଦୀପିକାଙ୍କର ୮୦ ମିଲିୟନ୍‌ରୁ ଅଧିକ ଫଲୋର୍ସ। ସେ ନିଜର ଫଟୋ ଜରିଆରେ ସୋସିଆଲ୍ ମିଡିଆରେ ବି ଖୁବ୍ ଭଲ ରୋଜଗାର କରିଥାନ୍ତି। ଇନ୍‌ଷ୍ଟାରେ କୌଣସି ବ୍ରାଣ୍ଡକୁ ପ୍ରମୋଟ କରି କିମ୍ବା ନିଜର ଏକ ଫଟୋ ପୋଷ୍ଟ କରି ସେ ପ୍ରାୟ ୧.୫ କୋଟି ରୋଜଗାର କରିଥାନ୍ତି।

ମଡେଲିଂରୁ କ୍ୟାରିୟର ଆରମ୍ଭ କରିଥିବା ଦୀପିକା ପ୍ରାୟ ୪୦ ମିଲିୟନ୍ ଡଲାର ବା ୩୩୦ କୋଟି ଟଙ୍କାରୁ ଅଧିକ ଟଙ୍କାର ମାଲିକାଣୀ। ସେ ୨୦୦୬ ମସିହାରେ କନ୍ନଡ ଫିଲ୍ମ 'ଐଶ୍ୱର୍ଯ୍ୟ'ରୁ ନିଜର ଚଳଚ୍ଚିତ୍ର ଯାତ୍ରା ଆରମ୍ଭ କରିଥିଲେ। ତାପରେ ସେ ଶାହାରୁଖଙ୍କ ସୁପରହିଟ୍ ଫିଲ୍ମ 'ଓମ୍ ଶାନ୍ତି ଓମ୍'ରେ ୨୦୦୭ରେ ନଜର ଆସି ଦର୍ଶକଙ୍କୁ ନିଜର ଅଭିନୟ ଯାଦୁରେ ବାନ୍ଧି ପାରିଥିଲେ। ତାଙ୍କ ଜନ୍ମ ୧୯୮୬ ମସିହା ଜାନୁଆରି ୫ ତାରିଖରେ ହୋଇଥିଲା। ତାଙ୍କୁ ଏବେ ୩୭ ବର୍ଷ।

# ମଡେଲ୍ ନେହା ରାଣାଙ୍କ ପାହୁନି ଅମାରାତି

ଦୀର୍ଘ ସାତ ବର୍ଷ ତଳେ ମରାଠୀ ଫିଲ୍ମ ମାଧମରେ ସିନେ ଦୁନିଆରେ ପାଦ ଥାପିଥିବା ନବାଗତା ନାୟିକା ନେହା ରାଣାଙ୍କ ହାତକୁ ସେଭଳି ଭାଗ୍ୟଶାଳୀ ସୁଯୋଗ ଆସିପାରିନାହିଁ। ଫଳରେ ନିଜକୁ ସିନେଜଗତ୍‌ରେ ପ୍ରତିଷ୍ଠିତ କରିବା ଲାଗି ସ୍ୱପ୍ନ ଦେଖୁଥିବା ଏହି ସୁନ୍ଦରୀ ମଡେଲ୍‌ଙ୍କର ଅମାରାତି ପାହୁନଥିବାରୁ ତାଙ୍କ ଚିନ୍ତା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ତାଙ୍କ ଭାଗ୍ୟରେ ଜାରି ରହିଥିବା ମରୁଡ଼ିରେ ଦିନେ ନା ଦିନେ ପରିବର୍ତ୍ତନ ଆସିବ ଏବଂ ତାହାକୁ ହାସଲ କରିବା ପାଇଁ ସେ ଆଦୌ ହତୋତ୍ସାହିତ ନହୋଇ ନିଜର ଅଧ୍ୟବସାୟ ଜାରି ରଖିଥିବା କହିଛନ୍ତି। ମୁମ୍ବାଇରେ ୧୯୯୭ ମାର୍ଚ୍ଚ ୨୩ରେ ଏକ ରକ୍ଷଣଶୀଳ ମରାଠୀ ହିନ୍ଦୁ ପରିବାରରେ ଜନ୍ମ ନେଇଥିବା ନେହା ଶିକ୍ଷାରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି। ମାୟାନଗରୀ ମୁମ୍ବାଇରେ ପ୍ରତିପାଳିତ ହୋଇଥିବାରୁ ସ୍ୱାଭାବିକ ଭାବେ କଳାକାର ହେବାର ଏକ ସଂକଳ୍ପ ତାଙ୍କ ମନରେ ବସା ବାନ୍ଧି ରହିଥିଲା। ତେବେ ନୃତ୍ୟଗୀତରେ ପ୍ରବୀଣା ନେହା ନିଜର ସ୍ୱପ୍ନକୁ ଚରିତାର୍ଥ କରିବା ଲାଗି ପ୍ରଥମେ ବିଭିନ୍ନ ବିଜ୍ଞାପନରେ ମଡେଲିଂ କରିବା ଆରମ୍ଭ କରିଥିଲେ। ଅବଶ୍ୟ ଏହା ପଛରେ ତାଙ୍କ ପରିବାର ଲୋକଙ୍କ ପ୍ରୋତ୍ସାହନକୁ ସେ ସବୁ ଶ୍ରେୟ ଦେଇଛନ୍ତି। ତେବେ ମଡେଲିଂ କରିବା ଭିତରେ ତାଙ୍କୁ ବଡ଼ ପରଦାରେ ଆସିବାର ପ୍ରଥମ ସୁଯୋଗ ମିଳିଥିଲା ୨୦୧୬ ମସିହାରେ ମରାଠୀ ଚଳଚ୍ଚିତ୍ର 'ଗନ୍ ୱିଥ୍ ଦି ୱିଣ୍ଡ୍'ରେ। ତେବେ ଏଥିରେ ମିଳିଥିବା ଗୌଣ ଭୂମିକା ଯୋଗୁଁ ଅଭିନୟର ପରୀକ୍ଷା ନିରୀକ୍ଷା ପାଇଁ ସେଭଳି ପରିସର ନଥିଲା। ଅବଶ୍ୟ ଏହାପରେ ତାଙ୍କୁ ଫିଲ୍ମରେ ଅଭିନୟ କରିବା ପାଇଁ ମନଲାଖି ଚରିତ୍ରଟିଏ ନମିଳିବାରୁ ସେ ସିନେଦୁନିଆରୁ ଅପସରି ଯାଇ ମଡେଲିଂରେ ମନୋନିବେଶ କରିବାକୁ ପ୍ରୟାସ ଚଳାଇଲେ। ଏହି ଅବସରରେ ୨୦୨୦ରେ ସାରିବଙ୍କ ସଂଗୀତ ଭିଡିଓ 'ମରିଜ୍-ଇ-ଇସ୍କ'ରେ ଚମତ୍କାର ନୃତ୍ୟାଭିନୟ କରି ନେହା ଦର୍ଶକମାନଙ୍କର ମନ ଜିଣିବାରେ ସଫଳ ହୋଇଥିଲେ। ସେହିବର୍ଷ ହିନ୍ଦୀ ଫିଲ୍ମ 'ବେଲାପନ୍ତି'ରେ ପ୍ରଥମ ପ୍ରବେଶ କରି ସେ ଏକ ଭିନ୍ନ ଅନୁଭୂତି ହାସଲ କରିଥିଲେ। ସେହି ୨୦୨୦ରେ ମଧ ଅଜୟ ହୁଦାଙ୍କ ସହିତ ସଂଗୀତ ଆଲ୍‌ବମ୍ 'ଲେଫ୍‌ଟ ରାଇଟ୍'ର ଉତ୍ତେଜକ ଗୀତ 'କମର ତେରି ଲେଫ୍‌ଟ ରାଇଟ୍ ହଲ୍ଲେ'ରେ ଅଭିନୟ କରି ଦର୍ଶକମାନଙ୍କୁ ମତୁଆଲା କରିବାରେ ସକ୍ଷମ ହୋଇଥିଲେ। ନେହା କିନ୍ତୁ ଏ ଯାବତ୍ ଜଣେ ସଫଳ ସିନେନାୟିକା ହେବାର ଈପ୍‌ସିତ ସ୍ୱପ୍ନକୁ ସାର୍ଥକ କରିପାରିନଥିବାରୁ ଦୁଃଖିତ ଅଛନ୍ତି। ଟିଭି ଧାରାବାହିକ 'ଇସ୍କ ପର ଜୋର ନହିଁ' ଓ 'ଛୋଟି ସର୍ଦ୍ଦାରିଣୀ' ଜରିଆରେ ଅଳ୍ପ ପ୍ରଭାବ ପକାଇଥିବା ନେହାଙ୍କୁ ଆଗାମୀ ଧାରାବାହିକ 'ଜୁନୂନିୟତ୍'ରେ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ।



# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ଓ ଅଧ୍ୟକ୍ଷଙ୍କ ୪ଦିନିଆ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ଜନଜାତି ବ୍ୟାପାର ମନ୍ତ୍ରାଳୟର ଏକ ସ୍ୱୟଂଶାସିତ ଅନୁଷ୍ଠାନ, ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟ ଶିକ୍ଷା ସିମିତି ଏବଂ ଭାରତୀୟ ଜନସ୍ୱାସ୍ଥ୍ୟ ଫାଉଣ୍ଡେସନ ମିଳିତ ଭାବରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ଓ ଅଧ୍ୟକ୍ଷମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଆଗେଇ ଆସିଛନ୍ତି । ଜାନୁୟାରୀ ୩ ରୁ ୬ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଏହି ପ୍ରଶିକ୍ଷଣର ପ୍ରଥମ ବ୍ୟାଚ ଅନୁଷ୍ଠିତ ହେଉଛି । ଏହି ଚାରିଦିନିଆ ପ୍ରଶିକ୍ଷଣ ଶିବିର ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା ପୁଷ୍ଟିସାଧନ, ମାନସିକ ସ୍ୱାସ୍ଥ୍ୟ ଏବଂ ସାଧାରଣ ସ୍ୱାସ୍ଥ୍ୟ ବିକାଶ ଉପରେ ଦୃଷ୍ଟି ଦେଇଛି । ଏହି ପ୍ରଶିକ୍ଷଣ ଜନଜାତି ଅଂଚଳରେ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ପ୍ରାସଂଗିକତା ଉପରେ ଅଧ୍ୟକ୍ଷ ତଥା ଶିକ୍ଷକମାନଙ୍କୁ ମାର୍ଗଦର୍ଶନ ଦେବ ଏବଂ ସେମାନଙ୍କ ନିଜର ବିଦ୍ୟାଳୟରେ ଏହାର ନିଷ୍କର୍ଷକୁ ପ୍ରୟୋଗ କରିବାକୁ ସହାୟକ ହେବ। ସାରା ଓଡ଼ିଶାର ୨୭ ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରୁ ୫୪ ଜଣ ପ୍ରଥମ ବ୍ୟାଚରେ ଯୋଗଦାନ କରିଛନ୍ତି । ସେମାନଙ୍କୁ ପୁଷ୍ଟିସାଧନ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ତାଲିମ ଦିଆଯିବ। ଏହି କର୍ମଶାଳାକୁ ଭାରତ ସରକାରଙ୍କ ଜନଜାତି ବ୍ୟାପାର ରାଜ୍ୟ ମନ୍ତ୍ରୀ ଶ୍ରୀମତୀ ରେଣୁକା ସିଂ ସାରୁତା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ଜନଜାତି ବ୍ୟାପାର ରାଜ୍ୟ ମନ୍ତ୍ରୀ ଶ୍ରୀମତୀ ସାରୁତା ତାଙ୍କ ଅଭିଭାଷଣରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଶିକ୍ଷକମାନେ ପ୍ରତିଦିନ ଛାତ୍ରଛାତ୍ରୀଙ୍କ ସହ ଭାବର ଆଦାନପ୍ରଦାନ କରୁଥିବାରୁ ସେମାନେ ସ୍ୱାସ୍ଥ୍ୟ ସମସ୍ୟାର ବିଭିନ୍ନ ଦିଗ ପ୍ରତି ସଚେତନ ହେବା ସହ ତାକୁ ସମ୍ପାଦନ କରିବା ପାଇଁ ଅନୁପ୍ରେରିତ ହେବାର ଆବଶ୍ୟକତା ରହିଛି ବୋଲି ଆଲୋଚନା କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଶ୍ରୀମତୀ ଇନ୍ଦିରା ମୁଦଗଲ, ଉପ ଆୟୁକ୍ତ, ଜାତୀୟ ଶିକ୍ଷା ସିମିତି ଏବଂ ଡ. ପୁଷ୍କର କୁମାର, ନିର୍ଦ୍ଦେଶକ, ପ୍ରଶିକ୍ଷଣ, ଭାରତୀୟ ଜନସ୍ୱାସ୍ଥ୍ୟ ଫାଉଣ୍ଡେସନ, ଶ୍ରୀ ବିଶ୍ୱରଞ୍ଜନ ସାସମଲ, ସ୍ୱତନ୍ତ୍ର ସଚିବ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ବିଭାଗୀୟ ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି ) ଶ୍ରୀକାନ୍ତ ତରାଇ, ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକା ଇନ୍ଦ୍ରମଣି ତ୍ରିପାଠୀ, ଆସିଷ୍ଟାଂଟ ସେକ୍ରେଟାରୀ, ଓଏମ୍‌ଟିଇଏସ୍ ଡ. ଗୀତାଂଶୁ ମୋହନ ଦାଶ ଯୋଗଦାନ କରିଥିଲେ। ଏହି ପ୍ରଶିକ୍ଷଣ କର୍ମଶାଳା ଜନଜାତି ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ପୂରଣ ପାଇଁ ସକ୍ଷମ ହେବା ସହ ଦେଶର ସମସ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ପହଂଚିପାରିବ। ଅଧ୍ୟକ୍ଷ ଏବଂ ଶିକ୍ଷକମାନଙ୍କୁ ଦିଆଯାଇଥିବା ଏହି ପ୍ରଶିକ୍ଷଣ ପିଲାମାନଙ୍କ ବିକାଶ ଦିଗରେ ସହାୟକ ହେବ। ଏହା ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧି ସହିତ ବିଭିନ୍ନ ବିଭାଗର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କିତ ଶିକ୍ଷାକୁ ଯୋଡ଼ିବାରେ ସହାୟକ ହେବ।

# ଉନ୍ନତ ସ୍ୱାସ୍ଥ୍ୟ ସେବାର ନିରନ୍ତର ବିକାଶ ନିମନ୍ତେ ୬ ଜଣ ପରାମର୍ଶଦାତା ନିୟୋଜିତ

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଚାଲିଥିବା ଉନ୍ନତମାନର ସାର୍ବଜନୀନ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିରନ୍ତର ବିକାଶ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଏବଂ ମେଡ଼ିକାଲ୍ କଲେଜ ଓ ହସ୍ପିଟାଲରେ ୬ ଜଣ ନୂଆ ପରାମର୍ଶଦାତାଙ୍କୁ ନିଯୁକ୍ତି ଦେଇଛନ୍ତି ।

କ୍ୟାପିଟାଲ୍ ହସ୍ପିଟାଲର ସୁପରିଚାଳନା ଓ ବିକାଶ ପାଇଁ ସଂଜୟ ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ପୁଷ୍ପାଞ୍ଜଳି ରଣା, କେ. ଶାନ୍ତି ଓ ରଂଜନ ବିଶ୍ୱାଳଙ୍କୁ ଯଥାକ୍ରମେ ବି.ଏସ୍.କେ.ୱାଇ.; ଏମ୍.କେ.ସି.ଜି. ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ ବରହମପୁର; ଏବଂ ନିରାମୟ ଯୋଜନାର ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି ।

ଓଡ଼ିଶାର ଗାଁ ଗହଳିରେ ବଡ ମେଡ଼ିକାଲ୍ ଭାବେ ଜଣାଶୁଣା କଟକର ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ ଏବଂ ହସ୍ପିଟାଲ ପାଇଁ ଦୁଇ ଜଣ ପରାମର୍ଶଦାତା ନିଯୁକ୍ତି ହୋଇଛନ୍ତି । ସେମାନେ ହେଲେ ଦିଲ୍ଲୀପ କୁମାର ସାହୁ ଏବଂ ସ୍ୱପ୍ନାରାଣୀ ପାତ୍ର ।ଏହି ନବ ନିଯୁକ୍ତ ପରାମର୍ଶଦାତାମାନେ ଅବୈତନିକ ଭାବେ ଜନସାଧାରଣଙ୍କ ପାଇଁ ଓ ସରକାରୀ ବ୍ୟବସ୍ଥା ମଧ୍ୟରେ ସେବା ପ୍ରଦାନ ନିମନ୍ତେ ଇଚ୍ଛା ପ୍ରକଟ କରିଛନ୍ତି । ତେବେ ରାଜ୍ୟ ସରକାର ନିର୍ଦ୍ଧାରିତ ନିୟମ ଅନୁଯାୟୀ ସେମାନଙ୍କ ଗସ୍ତ ଏବଂ ଆନୁସଙ୍ଗିକ ସୁବିଧା ଯୋଗାଇଦେବେ ବୋଲି ବିଭାଗୀୟ କାର୍ଯ୍ୟାଳୟ ବିଜ୍ଞପ୍ତିରୁ ଜଣାପଡ଼ିଛି ।

# ଚୋରା ନିଶା କାରବାର ବିରୁଦ୍ଧରେ ବିଭାଗର ଅଭିଯାନକୁ ବଡ ସଫଳତା

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ରାଜ୍ୟ ଅବକାରୀ ବିଭାଗ ଚୋରା ନିଶା କାରବାର ବିରୁଦ୍ଧରେ ଅଭିଯାନକୁ ଜୋରଦାର କରିଛି ଫ୨୦୨୦ ମସିହାରେ ଚୋରା ନିଶା କାରବାର ଅଭିଯୋଗରେ ୧୭,୯୨୧ ଜଣ ଗିରଫ ହୋଇଥିବାବେଳେ ୨୦୨୨ରେ ତାହା ୪୬ହଜାରକୁ ଟପିଯାଇଛି । ସେହିଭଳି ମାମଲା ସଂଖ୍ୟା ୨୩,୨୧୨ ରୁ ଆସି ୫୭,୯୪୯ରେ ପହଂଚିଛି । ଅବକାରୀ ବିଭାଗର ହିସାବରୁ ଜଣାଯାଇଛି ଯେ ୨୦୨୦ ମସିହାରେ ଚୋରା ନିଶା କାରବାର ଅଭିଯୋଗରେ ୨୩,୨୧୨ଟି ମାମଲା ରୁଜୁ ହୋଇଥିବାବେଳେ ୨୦୨୧ରେ ଏହା ୩୬,୨୯୧ ଏବଂ ୨୦୨୨ରେ ୫୭,୯୪୯ରେ ପହଂଚିଥିଲା । ସେହିଭଳି ଗିରଫଦାରୀ ସଂଖ୍ୟା ଏହି ତିନି ବର୍ଷରେ ଯଥାକ୍ରମେ ୧୭,୯୨୧, ୩୦,୦୬୭ ଏବଂ ୪୬,୮୦୫ରେ ପହଂଚିଛି । ଗତବର୍ଷ କେବଳ ୩୧,୮୬୬ଟି ମାମଲାରେ ଅବକାରୀ ବିଭାଗ ଚାର୍ଜସିଟ ଦାଖଲ କରିଛି ।

ସେହିଭଳି ଏହି ତିନିବର୍ଷ ମଧ୍ୟରେ ଅବକାରୀ ବିଭାଗ ବିପୁଳ ପରିମାଣର ଭାରତ ତିଆରି ବିଦେଶୀ ମଦ ଜବତ କରିବାରେ ସଫଳ ହୋଇଛନ୍ତି । ୨୦୨୦ ରେ ୬୨୨୮ ଲିଟର ବିଦେଶୀ ମଦ ଜବତ ହୋଇଥିବାବେଳେ ୨୦୨୧ ରେ ୧୮,୭୨୩ ଏବଂ ୨୦୨୨ ରେ ୨୨,୬୮୫ ଲିଟର ଜବତ ହୋଇଥିଲା । ତେବେ ଗତବର୍ଷ ଜବତ ବିଦେଶୀ ମଦ ପରିମାଣ ୨୦୨୦ ଠାରୁ ୨୬୪ ପ୍ରତିଶତ ଅଧିକ ରହିଥିଲା । ସେହିଭଳି ଏହି ତିନି ବର୍ଷ ମଧ୍ୟରେ ଜବତ ହୋଇଥିବା ବିୟର, ଦେଶୀ ମଦ, ଭାଙ୍ଗ, ମଦ ତିଆରି ସାମଗ୍ରୀ ଓ ଟିକସ ଫାଙ୍କି ବିଦେଶୀ ମଦ ପରିମାଣ ବି ବଢ଼ି ବଢ଼ି ଚାଲିଛି । ୨୦୨୨ରେ ଟିକସଫାଙ୍କି ଅଭିଯୋଗରେ ୧୦,୫୧୭ ଲିଟର ବିଦେଶୀ ମଦ ଜବତ କରିବାରେ ଅବକାରୀ ବିଭାଗ ସଫଳ ହୋଇଥିଲା ।

ସେହିପରି ୨୦୨୦ ମସିହାରେ ରାଜ୍ୟରେ ୧୬,୭୩୩ କିଲୋ ଗଞ୍ଜେଇ ଜବତ ହୋଇଥିବାବେଳେ ୨୦୨୧ରେ ଏହା ୩୨,୮୭୧ କିଲୋ ଏବଂ ଗତବର୍ଷ ୩୮,୦୩୫ କିଲୋ ଗଞ୍ଜେଇ ଜବତ ହୋଇଥିଲା । ୨୦୨୦ ତୁଳନାରେ ଗତବର୍ଷ ୧୨୭ ପ୍ରତିଶତ ଅଧିକ ଗଞ୍ଜେଇ ଜବତରେ ଅବକାରୀ ବିଭାଗ ସଫଳ ହୋଇଥିଲା । ତେବେ ଅବକାରୀ ବିଭାଗ ପକ୍ଷରୁ ବ୍ରାଉନସୁଗାର କାରବାର ଉପରେ ତୀକ୍ଷ୍ଣ ନଜର ରଖାଯିବା ଫଳରେ ୨୦୨୦ ମସିହାରେ ରାଜ୍ୟରୁ ମାତ୍ର ୧୮୬୩ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିବାବେଳେ ୨୦୨୧ରେ ତାହା ୧୨,୪୯୦ ଗ୍ରାମ ଏବଂ ଗତବର୍ଷ ଏହି ସାମଗ୍ରୀର ଜବତ ପରିମାଣ ୨୮,୭୬୯ଗ୍ରାମରେ ପହଂଚିଥିଲା । ଅନ୍ୟାନ୍ୟ ଚୋରା ନିଶା ସାମଗ୍ରୀ ମଧ୍ୟରେ ଅବକାରୀ ବିଭାଗର ଅଧିକାରୀମାନେ ମୋଲାସେସ, ତାଡି, କଫସିରଫ ଆଦି ଜବତରେ ସଫଳ ହୋଇଛନ୍ତି ।

ନିର୍ଦ୍ଦେଶ ମୁତାବକ ସମଗ୍ର ରାଜ୍ୟରେ ଚଢଉ ଜୋରଦାର ଚାଲିଥିବାବେଳେ ତ୍ୱରିତ ଦଣ୍ଡ ବିଧାନ ଓ ମାମଲା ପରିଚାଳନା ନେଇ ପ୍ରତିମାସରେ ଅବକାରୀ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି । ଆଗାମୀ ଦିନରେ ନିୟମିତ ଚଢଉ ସହିତ ଚୋରା ନିଶା କରୁଥିବା ଲୋକଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ କୁହାଯାଇଛି ।

# ଏନ୍‌ଏଚ୍‌ରେ ଖାଲଖମା ପାଇଁ ବଢୁଛି ଦୁର୍ଘଟଣା

ଭୁବନେଶ୍ୱର , ୦୫/୦୧ (ନି.ପ୍ର): ଜାତୀୟ ରାଜପଥ କହିଲେ, ଅନେକଙ୍କ ଭାବନା ରହିଥାଏ ଯେ ରାସ୍ତା ଚକାଚକ ହୋଇଥିବ। ଗମନାଗମନରେ କେ ?ଣସି ସମସ୍ୟା ନ ଥିବ। ଗନ୍ତବ୍ୟ ସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚି ହେବ। କିନ୍ତୁ ଏସବୁ ଧାରଣା ଏବେ ବଦଳି ଯାଇଛି । ଓଲଟା ଜାତୀୟ ରାଜପଥରେ ଥିବା ଖାଲଖମା ଏବେ କାଳ ହୋଇଛି। ଏହି ଖାଲଖମା ପାଇଁ ଓଡ଼ିଶା ଦେଇ ଯାଇଥିବା ଜାତୀୟ ରାଜପଥରେ ୩ ବର୍ଷରେ ୬୦୫ଟି ଦୁର୍ଘଟଣା ଘଟିଛି, ଯେଉଁଥିରେ ୨୯୦ ଜଣଙ୍କ ଜୀବନ ଯାଇଛି। ସାରା ଦେଶରେ ମଧ୍ୟ ଏହା ରେକର୍ଡ। ଉତ୍ତରପ୍ରଦେଶ ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ମଧ୍ୟପ୍ରଦେଶ, ତୃତୀୟ ସ୍ଥାନରେ ପଞ୍ଜାବ ଓ ଚତୁର୍ଥରେ ରହିଛି ଓଡ଼ିଶା। ମିଳିଥିବା ତଥ୍ୟ ଅନୁସାରେ, ଓଡ଼ିଶା ଦେଇ ୩୨ଟି ଜାତୀୟ ରାଜପଥ ଯାଇଛି। ଭୁବନେଶ୍ୱର-କଟକ ଜାତୀୟ ରାଜପଥ ଚକାଚକ ହୋଇଥିବାବେଳେ ଅନ୍ୟ ସ୍ଥାନରେ ଜାତୀୟ ରାଜପଥ ଖାଲ ଖମାରେ ଭର୍ତି। ଏନେଇ ସ୍ଥାନୀୟ ଲୋକ ବାରମ୍ବାର ଜାତୀୟ ରାଜପଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ବି ଫଳ ମିଳୁ ନାହିଁ। ଫଳରେ ଅନ୍ୟ ରାଜ୍ୟରୁ ଆସୁଥିବା ଭାରିଯାନ ଏଠାରେ ଦୁର୍ଘଟଣା ଘଟାଉଛନ୍ତି। ଶୀତ ଦିନର କୁହୁଡ଼ି ଓ ବର୍ଷା ଋତୁରେ ଦୁର୍ଘଟଣା ସଂଖ୍ୟା ବଢୁଛି। ୨୦୧୯ ମସିହାରେ ଓଡ଼ିଶା ଦେଇ ଯାଇଥିବା ରାଜପଥରେ ୨୧୮ଟି ଦୁର୍ଘଟଣା ଘଟିଥିବାବେଳେ ୧୧୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୦ରେ ୧୭୪ଟି ଦୁର୍ଘଟଣା ଘଟିଥିବାବେଳେ ୮୦ ଜଣଙ୍କ ମୃତ୍ୟୁ ଓ ୨୦୨୧ରେ ୨୧୩ଟି ଦୁର୍ଘଟଣା ଘଟିଥିବାବେଳେ ୯୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏସବୁ ଦୁର୍ଘଟଣାର କାରଣ ହେଉଛି ଜାତୀୟ ରାଜପଥରେ ଥିବା ଖାଲଖମା। ଆଉ ସବୁଠାରୁ ବଡ଼ କଥା ହେଉଛି ଅଧିକାଂଶ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ତଥ୍ୟ କହୁଛି ପ୍ରତି ୧୦୦ ମୃତକଙ୍କ ମଧ୍ୟରେ ୪୪ ଜଣ ହେଉଛନ୍ତି ବାଇକ ଚାଳକ। ଦୁର୍ଘଟଣା ପରେ ଟୋଲ-ଫ୍ରି ନମ୍ବର ୧୦୩୩ରେ ଯୋଗାଯୋଗ କଲେ ମଧ୍ୟ ଯେଉଁ ଭଳି ଭାବେ ତୁରନ୍ତ ଡାକ୍ତରୀ ସେବା ମିଳିବା କଥା ତାହା ମଧ୍ୟ ମିଳୁ ନାହିଁ। ଫଳରେ ଦୁର୍ଘଟଣାର ଶିକାର ହୋଇଥିବା ଅନେକଙ୍କ ମେଡ଼ିକାଲ ନେବା ବାଟରେ ମୃତ୍ୟୁ ଘଟୁଛି।

ଜାତୀୟ ରାଜପଥରେ ଥିବା ଖାଲଖମାକୁ ଜରୁରୀକାଳୀନ ପରିସ୍ଥିତିରେ ମରାମତି କରିବାକୁ କେନ୍ଦ୍ର ସଡ଼କ ପରିବହନ ବିଭାଗ ନିର୍ଦ୍ଦେଶ ଦେଇଛି। ଜାତୀୟ ରାଜପଥକୁ ଖାଲଖମା ମୁକ୍ତ କରିବାକୁ କୁହାଯାଇଛି। ଜାତୀୟ ରାଜପଥରେ ଏନଏଚ୍‌ଏଆଇ ସମେତ ପିଡବ୍ଲ୍ୟୁଡି, ବିଆରଓ, ଏନଏଚ୍‌ଆଇଡିସିଏଲ୍ ପ୍ରମୁଖ ଜାତୀୟ ରାଜପଥ ମରାମତି କରୁଛନ୍ତି। କିନ୍ତୁ ଏବେ ୩୨ଟି ଜାତୀୟ ରାଜପଥରେ ଏତେ ଖାଲ ଖମା ଅଛି, ଯାହାର ମରାମତି ବର୍ଷ ବର୍ଷ ପର୍ଯ୍ୟନ୍ତ ହୋଇ ନାହିଁ। ଯାହା ଫଳରେ ଗତ ୩ ବର୍ଷ ମଧ୍ୟରେ ଏତେ ସଂଖ୍ୟାରେ ଦୁର୍ଘଟଣା ଘଟିବା ସହିତ ୨୯୦ ଜଣଙ୍କ ଜୀବନ ଗଲା। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ପ୍ରୋଜେକ୍ଟ ଡାଇରେକ୍ଟର ପ୍ରଭାତ କୁମାର ସିଂହଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଏହାର କେ ?ଣସି ଉତ୍ତର ଦେଇ ନ ଥିଲେ। ପ୍ରକାଶଥାଉକି ଓଡ଼ିଶାରେ ଦୁର୍ଘଟଣାରେ ବର୍ଷକୁ ପାଖାପାଖି ୫ ହଜାର ଲୋକଙ୍କ ଜୀବନ ଯାଉଛି। ଯାହାକୁ ନେଇ ସୁପ୍ରିମକୋର୍ଟ ଉଦବେଗ୍ ପ୍ରକାଶ କରିଛନ୍ତି।

# ପିଇଓ, ଜିଆରଏସଙ୍କ ଚକ୍ରାନ୍ତରେ ଅଯୋଗ୍ୟ ଲୋକ ପାଇଲେ ଆବାସ ଯୋଜନାରେ ଘର

ବୌଦ୍ଧ, ୦୫/୦୧ (ନି.ପ୍ର): ପଂଚାୟତର ପିଇଓ, ଜିଆରଏସ, ଜେଇ ଚକ୍ରାନ୍ତ କରି ଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ ଦେଇ ଅଯୋଗ୍ୟ ବ୍ୟକ୍ତିମାନଙ୍କ ନାମ ତାଲିକା ଭୂକ୍ତ କରିଛନ୍ତି । ଏହିପରି ଏକ ଗୁରୁତର ଅଭିଯୋଗ ଆସିଛି ହରଭଙ୍ଗା ବ୍ଲକର ତଳଗାଁ ପଂଚାୟତରୁ । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ନେଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି ପଂଚାୟତବାସୀ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତଳଗାଁ ପଂଚାୟତର ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ତାଲିକା ଭୂକ୍ତ ହୋଇଥିଲା । ହେଲେ ପଂଚାୟତର ପିଇଓ, ଜିଆରଏସ, ଜେଇ ଙ୍କ ଚକ୍ରାନ୍ତ ଯୋଗୁଁ ଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ ପଡିଛି । ବାଦ ପଡିଥିବା ହିତାଧିକାରୀମାନେ ସମସ୍ତେ ଗରିବ, ନିରିହ, ଆଦିବାସୀ, ହରିଜନ ଓ ଖଟିଖିଆ ମୁଲିଆ ଶ୍ରେଣୀର ଅଟନ୍ତି । ଏହାର ତଦନ୍ତ କରାଯିବା ସହିତ ତାଲିକାରୁ ବାଦ ପଡିଥିବା ହିତାଧିକାରୀଙ୍କୁ ସାତ ଦିନ ମଧ୍ୟରେ ଆବାସ ଯୋଜନା ରେ ଘର ଦିଆନଗଲେ ଆମରଣ ଅନଶନ କରିବା ସହ ଆଇନର ଆଶ୍ରୟ ନେବାକୁ ଚେତାବନୀ ଦେଇଛନ୍ତି । ଏହାସହିତ ଦୁର୍ନିତୀ ଗ୍ରସ୍ତ କର୍ମଚାରୀଙ୍କୁ କଠୋର ଦଣ୍ଡ ଦିଆଯିବାକୁ ମଧ୍ୟ ଦାବୀ କରିଛନ୍ତି ପଂଚାୟତବାସୀ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତଳଗାଁ ପଂଚାୟତର ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ତାଲିକା ଭୂକ୍ତ ହୋଇଥିଲା । ହେଲେ ପଂଚାୟତର ପିଇଓ, ଜିଆରଏସ, ଜେଇ ଭୂଲ ତଥ୍ୟ ଦର୍ଶାଇ ଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ ଦେଇଛନ୍ତି ଓ ଅଯୋଗ୍ୟ ବ୍ୟକ୍ତିମାନଙ୍କ ନାମ ତାଲିକା ଭୂକ୍ତ କରିଛନ୍ତି । ଏହାର ସଠିକ ତଦନ୍ତ କରାନଯାଇ ସେମାନଙ୍କ ନାମକୁ କାଟି ଦିଆଯାଇଛି । ଏଣୁ ଏହାର ସଠିକ ତଦନ୍ତ କରାଯିବା ସହିତ ତାଲିକାରୁ ବାଦ ପଡିଥିବା ହିତାଧିକାରୀଙ୍କୁ ସାତ ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଦେବାର ବ୍ୟବସ୍ଥା କରାଯାଉ ଓ ଦୁର୍ନିତୀ ଗ୍ରସ୍ତ କର୍ମଚାରୀଙ୍କୁ କଠୋର ଦଣ୍ଡ ଦିଆଯାଉ । ନଚେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ବସିବା ସଙ୍ଗେ ସଙ୍ଗେ ଆଇନର ଆଶ୍ରୟ ନେବାକୁ ବାଧ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

# ହକି ବିଶ୍ୱକପ୍-୨୦୨୩: ୪ ଜିଲ୍ଲାର ସ୍ୱାସ୍ଥ୍ୟକର୍ମୀଙ୍କ ଛୁଟି ବାତିଲ

ଭୁବନେଶ୍ୱର , ୦୫/୦୧ (ନି.ପ୍ର): ଆଉ ଅଳ୍ପଦିନ ପରେ ରାଜ୍ୟରେ ହକି ବିଶ୍ୱକପ୍ ଖେଳାଯିବ। କରୋନା ସଂକ୍ରମଣ ଭୟକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତି କରିଛି। ଭୁବନେଶ୍ୱର, କଟକ, ରାଉରକେଲାର ସମସ୍ତ ସହରାଞ୍ଚଳ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋଭିଡ ପରୀକ୍ଷାର ବ୍ୟବସ୍ଥା ରହିବ। ଏହାସହ ବିଶ୍ୱକପ୍ ଚାଲିଥିବା ସମୟରେ ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ସ୍ୱାସ୍ଥ୍ୟକର୍ମୀଙ୍କ ଛୁଟି ବାତିଲ କରାଯାଇଛି। ଅତି ଜରୁରୀ ପରିସ୍ଥିତିରେ ଛୁଟି ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ହକି ବିଶ୍ୱକପ୍ ନେଇ ଗତ ଡିସେମ୍ବର ୩୦ତାରିଖରେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ କୋଭିଡ ଟେଷ୍ଟିଂ, ଶଯ୍ୟା, ଆମ୍ବୁଲାନ୍‌ସ, ଔଷଧ ଓ ମାନବ ସମ୍ବଳ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭୁବନେଶ୍ୱର ଓ ରାଉରକେଲାରେ ମ୍ୟାଚ୍ ଖେଳା ଯାଉଥିବାରୁ ସୁନ୍ଦରଗଡ଼ଠାରୁ ରାଉରକେଲା ଓ ଝାରସୁଗୁଡ଼ାରୁ ରାଉରକେଲା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟାନୁଷ୍ଠାନକୁ ସୁଦୃଢ଼ କରିବା ଉପରେ ନିଷ୍ପତ୍ତି ହୋଇଛି। ଏସବୁ ସ୍ଥାନର ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକରେ ଟ୍ରମା କେୟାର ବ୍ୟବସ୍ଥା ପ୍ରସ୍ତୁତ ରଖାଯିବାକୁ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କ ପରାମର୍ଶରେ ଖୋର୍ଦ୍ଧା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ର ସିଡିଏମ୍‌ଓ ମାନବ ସମ୍ବଳର ବ୍ୟବସ୍ଥା କରିବେ। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଆନ୍ତଃଜିଲ୍ଲା ମାନବ ସମ୍ବଳର ନିୟୋଜିତ କରିବାକୁ କୁହାଯାଇଛି। ସୁନ୍ଦରଗଡ଼, ବୁର୍ଲା, ଆରଜିଏଚ୍‌ରେ ଟ୍ରମା କେୟାର



ପରିଚାଳନା ପାଇଁ ଆବଶ୍ୟକ ମାନବ ସମ୍ବଳର ବ୍ୟବସ୍ଥାର ତଦାରଖ ଡିଏମ୍‌ଇଟି କରିବେ।

କ୍ୟାପିଟାଲ ହସ୍ପିଟାଲ, ଆରଜିଏଚ୍‌ରେ ୫୦ ଲେଖାଏ ଶଯ୍ୟା, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଭୁବନେଶ୍ୱରସ୍ଥିତ ୟୁନିଟ୍-୪ରେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦ ଲେଖାଏ ଓ ପଟିଆ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ଟି ଶଯ୍ୟା ରହିବ। ମ୍ୟାଚ୍ ସମୟରେ ୪ ଜିଲ୍ଲାର ସମସ୍ତ ୟୁପିଏଚ୍‌ସି ଓ ୟୁସିଏଚ୍‌ସିକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କଳିଙ୍ଗ ହସ୍ପିଟାଲ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କ୍ୟାପିଟାଲ ହସ୍ପିଟାଲ ଓ ବିର୍ସା ମୁଣ୍ଡା ଷ୍ଟାଡିୟମ ପାଇଁ ଆରଜିଏଚ୍ ଓ ସୁନ୍ଦରଗଡ଼ରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ବା ଫାଷ୍ଟ ଏଡ୍ ବ୍ୟବସ୍ଥା ରହିବ।

# ଜାତୀୟ ଦୁଃସାହସିକ କ୍ରୀଡା ପାଇଁ କନ୍ଧମାଳରୁ ୬ ଜଣ ମନୋନୀତ

କନ୍ଧମାଳ, ୦୫/୦୧ (ନି.ପ୍ର): ଉତ୍ତରାଖଣ୍ଡ ରାଜ୍ୟର ମସୁରୀଠାରେ ଜାତୀୟ ଦୁଃସାହସିକ କ୍ରୀଡା ଏକାଡେମୀ ଓ ରାଜ୍ୟ ଦୁଃସାହସିକ ସଂଘ ମିଳିତ ଆନୁକୁଲ୍ୟରେ ଗତ ୨୦୨୨ ଡିସେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖରେ ଉଦଯାପିତ ହୋଇଯାଇଛି। କନିଷ୍ଠ ବର୍ଗରେ ଫୁଲବାଣୀର ପ୍ରୀତମ ପାତ୍ର, ଅୟନ କୁମାର ସାହୁ ଓ ଅମିତ କୁମାର ରଥ, ଋତୁରାଜ ପ୍ରଧାନ, ନରେନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ଫୁଲବାଣୀ କେନ୍ଦ୍ରୀୟ ବିଦ୍ୟାଳୟର ଅୟନ କୁମାର ସାହୁ ଓ ଅମିତ କୁମାର ରଥ ଉଚ୍ଚ ମାନର କ୍ରୀଡା ପ୍ରଦର୍ଶନ କରିବା ସହ କନ୍ଧମାଳର ନାମକୁ ସର୍ବ ଭାରତୀୟ ସ୍ତରରେ ଉନ୍ନିତ କରିପାରିଥିଲେ। ସେହିପରି ବରିଷ୍ଠ ବର୍ଗରେ ପ୍ରକାଶ କୁମାର ଦେହୁରୀ, ମନୋଜ ପାତ୍ର, ଦିବ୍ୟ ରଞ୍ଜନ ପାତ୍ର, ରାକେଶ ମହାପାତ୍ର ଉଚ୍ଚ ମାନର କ୍ରୀଡା ପ୍ରଦର୍ଶନ କରିଥିଲେ। ସମୀର କୁମାର ପ୍ରଧାନ ଜ୍ୟୋତି ରଞ୍ଜନ ସାସମଲ ଙ୍କ ନେତୃତ୍ୱରେ କ୍ରୀଡାବିତ ମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଥିବା ବେଳେ ଆଗାମୀ ମେ ମାସରେ ହିମାଞ୍ଚଳ ପ୍ରଦେଶର ରାଜଧାନୀ ସିମଳା ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଦୁଃସାହସିକ କ୍ରୀଡା ଶିବିରରେ ଓଡିଶାରୁ କନିଷ୍ଠ ବର୍ଗର ୨ ଜଣ ବରିଷ୍ଠ ବର୍ଗର ୪ ଜଣ ମନୋନୀତ ହୋଇଥିବା ରାଜ୍ୟ ଦୁଃସାହସିକ କ୍ରୀଡା ସଂଘର ସଚିବ ତଥା କମାଣ୍ଡେଣ୍ଟ ଦୀପକ କୁମାର ରଥ ସୂଚନା ଦେଇଛନ୍ତି।

# ଗାନ୍ଧୀଙ୍କୁ ମହାତ୍ମା କରିଥିଲା ଓଡିଶା : ରାଜ୍ୟପାଳ

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ମହାତ୍ମା ଗାନ୍ଧୀଙ୍କ ଜୀବନ ଓ କାର୍ଯ୍ୟଶୈଳୀରେ ପରିବର୍ତନ ଆଣିବା କ୍ଷେତ୍ରରେ ଓଡିଶାର ପ୍ରମୁଖ ଅବଦାନ ରହିଥିଲା । ଅଧ୍ୟାତ୍ମିକତା ଠାରୁ ଆରମ୍ଭ କରି ରାଜନୈତିକ କ୍ଷେତ୍ର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଓଡିଶାର ଅନବଦ୍ୟ ଅବଦାନ ରହିଛି ବୋଲି କହିଛନ୍ତି ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କର ।

ଜୟଦେବ ଭବନରେ ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ପୂଣ୍ୟତିଥି ଅବସରରେ ଆୟୋଜିତ ତ୍ରୟୋଦଶ ଗାନ୍ଧୀ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ ଭାରତକୁ ସ୍ୱାଧୀନ କରିବା ସହ ବିଭିନ୍ନ କ୍ଷେତ୍ରରେ କ୍ରାନ୍ତି ଆଣିବାପାଇଁ ଯେଉଁ ମହାପୁରୁଷମାନେ ଅବଦାନ ଦେଇ ଯାଇଛନ୍ତି ସେମାନଙ୍କ ଜୀବନ ଶୃଙ୍ଖଳା, ନୈତିକତା ଓ ଅଧ୍ୟାତ୍ମିକ ଭିତିଭୂମିରେ ବିକଶିତ ହୋଇଥିଲା । ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ରାଜ କିଶୋର ନାୟକଙ୍କ ପର୍ଯ୍ୟନ୍ତ ତ୍ୟାଗୀ ପୁରୁଷମାନଙ୍କ ଜୀବନୀ ବିଶ୍ଳେଷଣ କଲେ ଏହା ଜଣାପଡେ। ଭାରତ ଭୂମି ଭୋଗର ନୁହେଁ, ଏହା ତ୍ୟାଗ ଓ ସେବାର ବୋଲି ଆମ ଦେଶର ସଂଗ୍ରାମୀମାନେ ବାରମ୍ବାର ଚେତାଇ ଦେଇ ଯାଇଛନ୍ତି । ଏହାକୁ ଆଦର୍ଶ ଭାବେ ରଖି ବର୍ତମାନର ପୀଢି ଆଗେଇଲେ ଦେଶର ଅଭୂତପୂର୍ବ ବିକାଶ ହୋଇପାରିବ । ଭାରତ ଏବେ ପଛରେ ନାହିଁ । ବିଶ୍ୱର ନେତୃତ୍ୱ ନେଉଛି । ଏ ପରିପ୍ରେକ୍ଷୀରେ ବିକାଶର ଧାରା ଠାରୁ ପଛରେ ରହିଥିବା ବ୍ୟକ୍ତି ବିଶେଷଙ୍କୁ ଆଗକୁ ଆଣିବା କ୍ଷେତ୍ରରେ ସମସ୍ତଙ୍କର ସକ୍ରିୟ ସହଯୋଗ ଆବଶ୍ୟକ।

ଏହି ଉତ୍ସବରେ ସ୍ମାରକୀ ବକ୍ତୃତା ପ୍ରଦାନ କରି ସୁପ୍ରିମକୋର୍ଟର ପ୍ରାକ୍ତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ମହାତ୍ମା ଗାନ୍ଧୀଙ୍କର ଜୀବନର ବିଶ୍ଳେଷଣ କରି ଭାରତୀୟମାନଙ୍କ ମଧ୍ୟରେ ସୁପ୍ତ ସିଂହର ଶକ୍ତି ଜାଗ୍ରତ କରିବାଲାଗି ଗାନ୍ଧୀଜୀ ତିନିଟି ଉପାୟ ଅବଲମ୍ବନ କରିଥିଲେ । ତାହା ହେଉଛି ସତ୍ୟ, ଅହିଂସା ଓ ନିର୍ଭିକତା। ଗାନ୍ଧୀଜୀଙ୍କ ବିଚାରଧାରା କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ ହୋଇଛି ଏବଂ ମଣିଷ ସମାଜ ଯେତେସବୁ ସମସ୍ୟାର ସମ୍ମୁଖୀନ ହେଉଛି ସେସବୁର ଉପଚାର ଗାନ୍ଧୀ ବିଚାରରେ ରହିଛି। ଆମ ଗଣତନ୍ତ୍ରର ତିନିଟି ଯାକ ସ୍ତମ୍ଭ ଗାନ୍ଧୀଜୀଙ୍କ ପ୍ରଦର୍ଶିତ ମାର୍ଗକୁ ଠିକଣା ଭାବେ ଅନୁଶୀଳନ କରି ଶୃଙ୍ଖଳା ଓ ସଂଜମତାର ସହ ଆଗକୁ ବଢିବା ସଂଗେ ସଂଗେ ଲୋକଙ୍କ ମନରେ ନିର୍ଭିକତାର ବାତାବରଣ ସୃଷ୍ଟିକଲେ ଦେଶରେ ନୂଆ କ୍ରାନ୍ତି ଆସିପାରିବ ବୋଲି ନ୍ୟାୟମୂର୍ତି ଶ୍ରୀ ମିଶ୍ର ଉଲ୍ଲେଖ କରିଛନ୍ତି ।

ଗାନ୍ଧୀ ବିଚାରର ସର୍ବକାଳୀନ ପ୍ରାସଙ୍ଗିକତା ଶୀର୍ଷକ ଏହି ବକ୍ତୃତାମାଳାରେ ଭିତିଭାଷଣ ଉପସ୍ଥାପନ କରି ପ୍ରଫେସର ସଂଘମିତ୍ରା ମିଶ୍ର ପାଟକୁରା ଗାନ୍ଧୀ ଭାବେ ଖ୍ୟାତ ରାଜ କିଶୋର ନାୟକଙ୍କ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହିତ ଯେଉଁ ସଂଗ୍ରାମୀମାନଙ୍କ ସାଧନା, ସେବା, ସଙ୍କଳ୍ପ, ସଂଘର୍ଷ ଫଳରେ ଆମେ କଷ୍ଟଲବ୍ଧ ସ୍ୱାଧୀନତାକୁ ଫେରିପାଇଛୁ ସେମାନଙ୍କ ପ୍ରତି ଜାତି ସବୁବେଳେ କୃତଜ୍ଞ ହୋଇ ରହିବ ବୋଲି ଉଲ୍ଲେଖ କରିଥିଲେ ।

ରାଜ କିଶୋର ନାୟକ ଜାତୀୟ ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରହଲାଦ ସିଂହ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ଯେ ଭଲ ମଣିଷ ହେବାପାଇଁ ଗାନ୍ଧୀଜୀ ଯେଉଁ ମାର୍ଗଦର୍ଶନ ଦେଇଯାଇଛନ୍ତି ତାହା ସବୁକାଳ ପାଇଁ ପ୍ରାସଙ୍ଗିକ। ସତ୍‌ର ସରଳରେଖା ଉପରେ ମଣିଷର ଚିନ୍ତା, କାମ ଓ କଥା ତିନିଟି ବିନ୍ଦୁ ହୋଇ ରହିପାରିଲେ ଜଣେ ସଚ୍ଚା ସତ୍ୟାଗ୍ରହୀ ହେବା ସହ ସମାଜରେ ବ୍ୟାପକ ପରିବର୍ତନ ଆଣିପାରିବ। ଗାନ୍ଧୀଙ୍କ ଠାରୁ ରାଜକିଶୋର ନାୟକଙ୍କ ପର୍ଯ୍ୟନ୍ତ କ୍ରାନ୍ତିକାମୀମାନେ ଏହା ବାରମ୍ବାର ପ୍ରମାଣିତ କରି ଯାଇଛନ୍ତି ।

ଫାଉଣ୍ଡେସନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ଦେଇ ରାଜକିଶୋର ନାୟକଙ୍କ ଜୀବନର ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ କିଶୋର ନାୟକଙ୍କ ପତ୍ନୀ ନିର୍ମଳାପ୍ରଭା ନାୟକଙ୍କ ରଚିତ "ସାୟାହ୍ନର ସ୍ମୃତି" ପୁସ୍ତକର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା । ଏହି ପୁସ୍ତକ ବିକ୍ରିରୁ ଲବ୍ଧ ଅର୍ଥ ଅସୁରେଶ୍ୱର ସ୍ଥିତ ଗୋରକ୍ଷଣୀକୁ ପ୍ରଦାନ କରାଯିବ ବୋଲି ଉତ୍ସବରେ ଘୋଷଣା ହୋଇଥିଲା।

## ଉଦଳାରେ ବୀର ବାଳକ ଦିବସ ପାଳିତ

ଉଦଳା,୦୫/୦୧ (ନି.ପ୍ର): ଆମ ଦେଶକୁ ମୁସଲମାନ ମାନେ ଶାସନ କରୁଥିବା ସମୟରେ ହିନ୍ଦୁ ମାନଙ୍କୁ ବଳ ପ୍ରୟୋଗ କରି ଜୋର ଜବରଦସ୍ତ ମୁସଲମାନ କରୁଥାନ୍ତି । ଏହିଭଳି ୧୭୦୪ ମସିହା ଡ଼ିସେମ୍ବର ୨୭ ତାରିଖର ଘଟଣା । ଦଶମ ଗୁରୁ ଶ୍ରୀ ଗୋବିନ୍ଦ ସିଂହଙ୍କ ଦୁଇ ପୁତ୍ର ଜୋରାବର ସିଂହ ଓ ଫତେହ ସିଂହ ଇସଲାମ ଧର୍ମ ଗ୍ରହଣ ନକରିବାରୁ ମୋଗଲ ଶାସନ ତାଙ୍କୁ ଜିଅନ୍ତା ସମାଧି ଦେଇଥିଲେ । ଏହି ଦିବସକୁ ମନେ ରଖିବା ପାଇଁ ଭାରତ ସରକାର ଏହାକୁ ବୀର ବାଳକ ଦିବସ ଭାବେ ଘୋଷଣା କରିଛନ୍ତି । ଏକଲ ଅଭିଯାନ ବାରିପଦା ଅଞ୍ଚଳ, ଉଦଳା କେନ୍ଦ୍ର ଅଧିନରେ ଥିବା ୨୦୨ ଗୋଟି ବିଦ୍ୟାଳୟରେ ଏହି ଦିବସ ପାଳିତ ହୋଇଯାଇଛି । ସମ୍ଭାଗ ସମ୍ବାଦ ପ୍ରମୁଖ ଚୌଧୁରୀ ମହାନ୍ତ ଓ ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଡି ଏହି ଦିବସ ପାଳନର ନେତୃତ୍ୱ ନେଇଛନ୍ତି । ବିଦ୍ୟାଳୟ ମାନଙ୍କୁ ଯାଇ ପିଲାମାନଙ୍କୁ ଉକ୍ତ ଦୁଇ ବୀର ବାଳକଙ୍କର ଜୀବନ ଇତିହାସ ଓ ବୀରତ୍ୱ ସଂପର୍କରେ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ତୃତୀୟ ଦିବସ

ଭଦ୍ରକ,୦୫/୦୧ (ନି.ପ୍ର): ଭଦ୍ରକ ଜିଲ୍ଲା ଯାତ୍ରା ସଂସ୍କୃତିର ଏନ୍ତୁଡ଼ିଶାଳ । ଏହି ମାଟିରେ ମୋଗଲ ତାମସାର ସ୍ରଷଷ୍ଟା ବଂଶୀ ବଲ୍ଲଭ ଗୋସ୍ୱାମୀ, ଲୋକ କବି ଜଗନ୍ନାଥ ପାଣୀ, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, କେଶବ କବି କୃଷଷ୍ଠ ପ୍ରସାଦ ବେହେରା, ବସନ୍ତ ମହାପାତ୍ର, ଉମାକାନ୍ତ ବେହେରା, ଶ୍ୟାମସସୁନ୍ଦର ମହାପାତ୍ରଙ୍କ ପରି ନାଟ୍ୟକାର ସେମାନଙ୍କ କାଳଜୟୀ ରଚନା ଦ୍ୱାରା ଓଡିଶା ନାଟ୍ୟ ଆକାଶକୁ ସମୁଜ୍ୱଳ କରିଛନ୍ତି । ସେହିପରି ଯାତ୍ରାଭିନେତା ଦଇତାରୀ ପଣ୍ଡାଙ୍କ ଠାରୁ ଆରମ୍ଭ କରି ସୁରେଶ ପଣ୍ଡାଙ୍କ ପର୍ଯ୍ୟନ୍ତ ଶତାଧିକ କଳାକାର ସେମାନଙ୍କ ପାରଦର୍ଶିତା ଦେଖାଇବାରେ ସକ୍ଷମ ହୋଇଛନ୍ତି । ଅନୁରୂପ ବହୁ ଯାତ୍ରା ଅନୁଷ୍ଠାନ ମଧ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ବୋଲି ଭଦ୍ରକ ସସାଂସ୍କୃତିକ ମହୋସତ୍ସବର ତୃତୀୟ ସଂଧ୍ୟାରେ ବହୁ ଅତିଥି ଯୋଗଦେଇ ମତବ୍ୟକ୍ତ କରିଛନ୍ତି । କମିଟିର ସଭାପତି ରବି ନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସାଂଧ୍ୟାକଳୀନ ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମକୁମାରୀ ଆଶ୍ରମର ମୁଖ୍ୟ ଭଉଣୀ ମଞ୍ଜୁ, ମୁଖ୍ୟବକ୍ତା ଭାବେ ସେବାନିବୃତ୍ତ ଗୋଷଷ୍ଠି ଶିକ୍ଷାଧିକାରୀ ସନ୍ତୋଷ ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଦୟାନିଧି ବେହେରା, ସଂଗୀତଜ୍ଞ ରାମ ନାରାୟଣ ମହହାନ୍ତି, କୁମାର ଗୌତମ ପ୍ରମୁଖ୍ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

# ନିଗମାନନ୍ଦ ହାଇସ୍କୁଲ ଗୋପ ୧୯୯୦ ବ୍ୟାଚର ବନ୍ଧୁମିଳନ



ଗୋପ,୦୫/୦୧ (ନି.ପ୍ର): ପୁରୀ ଜିଲ୍ଲାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ନିଗମାନନ୍ଦ ହାଇସ୍କୁଲ ଗୋପର ୧୯୯୦ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି କ୍ଷ ଉକ୍ତ ବିଦ୍ୟାଳୟକୁ ସ୍ୱର୍ଗତ ବନମାଳୀ ଦାଶ ୧୯୪୪ ମସିହାରେ ପ୍ରତିଷ୍ଠା କରିଥିଲେ । ପ୍ରଥମେ ସ୍ୱର୍ଗତ ବନମାଳୀ ଦାଶ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ ସହ ତାଙ୍କର ପ୍ରଚେଷ୍ଟା ଫଳରେ କିପରି ପୁରୀ ଜିଲ୍ଲା ଓ ଏହାର ଆଖପାଖ ଜିଲ୍ଲାରୁ ହଜାର ହଜାର ଛାତ୍ରଛାତ୍ରୀ ମାନେ ଶିକ୍ଷା ସହ ବିଭିନ୍ନ କ୍ଷେତ୍ରରେ ଅନେକ କୃତିତ୍ୱ ଅର୍ଜନ କରିଚାଲିଛନ୍ତି । ସୂଚନା ଥାଉ କି ଉକ୍ତ ବିଦ୍ୟାଳୟ ପୁରାତନ ଛାତ୍ରଥିଲେ ସ୍ୱର୍ଗତ ରବି ରାୟ ଯିଏ କି ଓଡିଶା ର ପ୍ରଥମ ଓଡ଼ିଆ ଭାବେ ଲୋକସଭା ବାଚସ୍ପତି ହୋଇଥିଲେ । ଏହିପରି ଅନେକ ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତର ରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଛନ୍ତି । ପ୍ରତି ବର୍ଷପରି ଚଳିତ ବର୍ଷ ମଧ୍ୟ ୧୯୯୦ ମସିହା ବ୍ୟାଚର ୫୦ ରୁ ଉର୍ଦ୍ଧ ପୁରାତନ ଛାତ୍ରମାନେ ଏକାଠି ହୋଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଥିଲେ । ଗୋପ ନିକଟସ୍ଥ ଆଦର୍ଶ ଗୋକୁଳ ବନରେ ଏକାଠି ହୋଇ ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟ ପାଠ୍ୟକ୍ରମ ବ୍ୟତୀତ ସାମାଜିକ କାର୍ଯ୍ୟ, ବିଜ୍ଞାନ, କଳା, କ୍ରୀଡା, ପରିବେଶ, ସ୍ୱଚ୍ଛତା ଅଭିଯାନ ପାଇଁ ପରିବର୍ତ୍ତନ ଓ ଅନ୍ୱେଷଣ ପ୍ରଭୃତି ଅନ୍ୟାନ୍ୟ କାର୍ଯ୍ୟ ରେ ଛାତ୍ରୀ ଓ ଛାତ୍ରମାନଙ୍କୁ ଆସନ୍ତା ବର୍ଷଠାରୁ ପ୍ରୋତ୍ସାହନ ଦେବାପାଇଁ ଏକ ପାଣ୍ଠି ଗଠନ କରାଯାଇଥିଲା କ୍ଷ ବିଦ୍ୟାଳୟ ଶିକ୍ଷାଧିକାରୀ ଯଦି ଆଗ୍ରହ ପ୍ରକାଶ କରନ୍ତି ତେବେ ବୌଦ୍ଧିକ ଶିକ୍ଷା ଓ ପ୍ରଯୁକ୍ତି କ୍ଷେତ୍ରରେ ଛାତ୍ରୀ ଓ ଛାତ୍ରମାନଙ୍କୁ ପରାମର୍ଶ ଓ ପ୍ରେରଣା ଯୋଗାଇଦେବା ପାଇଁ ଆଗେଇ ଆସିବାକୁ ଏହି ବ୍ୟାଚର ସମସ୍ତ ବନ୍ଧୁମାନେ ନିଜର ସହମତି ପ୍ରଦାନ କରିଥିଲେ । ୧୯୯୦ ମସିହା ବ୍ୟାଚ ର ପୁରାତନ ଛାତ୍ରମାନଙ୍କୁ ନେଇ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ଭାବେ ଡକ୍ଟର ଭବାନୀ ଶଙ୍କର ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରଦୀପ୍ତ କୁମାର ସିଂହ, ସମ୍ପାଦକ ଭାବେ ତ୍ରୈଲୋଚନ ସାହୁ,କୋଷାଧକ୍ଷ ଭାବେ ସାମ୍ବାଦିକ ମିଳନ କୁମାର ମହାନ୍ତି, ସହ ସମ୍ପାଦକ ଭାବେ ସଚ୍ଚିଦାନନ୍ଦ ଗୋଛାୟତଙ୍କୁ ଦାଇତ୍ୱ ଦିଆଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବରିଷ୍ଠ ସମାଜସେବୀ ରତ୍ନାକର ସେଠୀ । ଉପଦେଷ୍ଟା ଭାବେ ପୂର୍ଣ୍ଣ ଚନ୍ଦ୍ର ବାରିକ ଆବାହକ ଭାବେ ଶେକ ରାହେମ ତୁଲ୍ଲା ଓ ଶିକ୍ଷାବିତ ଗୋପୀନାଥ ସାହୁଙ୍କୁ ଚୟନ କରାଯାଇଥିଲା ।

# ରୂପ୍‌ସା ଆରସିସି କ୍ରିକେଟ କ୍ଲବ ଦ୍ୱାରା ଟି-ଟେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ



ବସ୍ତା,୦୫/୦୧ (ନି.ପ୍ର): ଦୀର୍ଘ ଦୁଇବର୍ଷ ଧରି ବନ୍ଦ ହୋଇ ରହିଥିବା ରୂପସା ଦଲଦଲି ପଡିଆ ରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୁଣି ନବ ବର୍ଷ ୨୦୨୩ ରେ ମୁଣ୍ଡ ଟେକିଛି । ଆର ସି ସି କ୍ରିକେଟ କ୍ଲବ ଆନୁକୁଲ୍ୟରେ ଏକ ଟି ୧୦ କ୍ରିକେଟ ମେଚ ଅନୁଷ୍ଠିତ ହାଇଯାଇଚି । ଏହି ଟୁର୍ଣ୍ଣାମେଣ୍ଟ ରେ ୮ ଟି ଭାଗ ନେଇଥିବା ବେଳେ ଫାଇନାଲ କୁ ଉର୍ତିନ୍ନ ହୋଇଥିବା ଚିରାଗ ଇଲେଭେନ ରାଜଘାଟ ବନାମ ମାର୍କେଟ ଇଲେଭେନ ମୁହାଣ ମଧରେ ଖେଳା ଯାଇଥିଲା । ଫାଇନାଲକୁ ମଜାଦାର କରିବା ପାଇଁ ୧୫ ଓଭର ବିଶିଷ୍ଟ ଖେଳ ହୋଇଥିଲା । ପ୍ରଥମେ ଚିରାଗ ଇଲେଭେନ ୧୫ ଓଭର ବ୍ୟାଟିଂ କରି ୯୯ ରନ କରିଥିଲେ । ୧୦୦ ରନ କରି ବିଜୟ ଲକ୍ଷ୍ୟରେ ମାର୍କେଟ ଇଲେଭେନ ମୁହାଣ ୧୫ ଓଭର ରେ ୯ ଗୋଟି ୱିକେଟ ହରାଇ ୯୨ ରନ କରିଥିଲେ । ଫାଇନାଲ ରେ ଚମ୍ପିୟାନ ହେଇଥିବା ଚିରାଗ ଇଲେଭେନ କୁ ବିଜୟ ଟ୍ରଫି ସହ ୧୦୦୦୦/- ଟଙ୍କାର ନଗଦରାଶି ଓ ଉପ ବିଜୟୀ ହେଇଥିବା ମାର୍କେଟ ଇଲେଭେନ କୁ ଟ୍ରଫି ସହ ୭୦୦୦/- ଟଙ୍କାର ନଗଦ ରାଶି ପ୍ରଦାନ କରାଯାଇଥିଲା । ମେନ୍ ଅଫ ଦି ମ୍ୟାଚ ଦିପୁ ଓ ମେନ ଅଫ ଦି ସିରିଜ୍ ମୋନାଜ ହେଇଥିଲେ । ମୁଖ୍ୟ ଅତିଥି ଭାବେ ରୂପସା ନୀଳମଣି ମହାବିଦ୍ୟାଳୟ ର ଅଧକ୍ଷ ଡ. ତପନ କୁମାର ବେହେରା ଓ ପଲିଟିକାଲ ସାଇନ୍ସ ର ଅଧାପକ ତପନ କୁମାର ଦାସ ଉପସ୍ଥିତ ରହି ଖେଳାଳିଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ ।ଉକ୍ତ ଟୁର୍ଣ୍ଣାମେଣ୍ଟ କୁ ଆର ସିସି କ୍ରିକେଟ କ୍ଲବ ର ସଦସ୍ୟ ବସନ୍ତ, ବିଶି , ଜିନି, ଅଜୁ, ଚିନ୍ଟୁ, ସୁମନ, ପପୁ , ଜିତୁ,ଅମର ଓ ଅନ୍ୟ ମାନେ ସୁଚାରୁ ରୂପେ ସମ୍ପାଦନା କରି ଥିଲେ ।

## ବିଶ୍ୱ ହକି ପାଇଁ ଶୋଭାଯାତ୍ରା

ଖଇରା,୦୫/୦୧ (ନି.ପ୍ର): ଖଇରା ବ୍ଲକ କୁପାରୀ ସ୍ଥିତ ଡ. ହେରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ବିଶ୍ୱ ହକି କୁ ଉତ୍ସାହିତ କରିବା ସହିତ ଜନସାଧାରଣ ଙ୍କୁ ସଚେତନ କରିବା ପାଇଁ ଛାତ୍ର ଛାତ୍ରୀ ଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ମାନେ ବିଶାଳ ଶୋଭା ଯାତ୍ରା କରିଛନ୍ତି । ଏହି ଶୋଭା ଯାତ୍ରା କଲେଜ ପରିସରରୁ ବାହାରି କୁପାରୀ ବଜାର ପରିକ୍ରମା କରିଥିଲା । ମହାବିଦ୍ୟାଳୟର ଅଧକ୍ଷ ରାମକୃଷ୍ଣ ନାୟକ ବିଶ୍ୱ ହକିର ପତାକା ଧାରି ଶୁଭାରମ୍ଭ କରିଥିଲେ । ତିନିଦିନ ଧରି ମହାବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତି ଯୋଗିତା ହେବ ବୋଲି ଅଧକ୍ଷ ଶ୍ରୀ ନାୟକ ପ୍ରକାଶ କରିଛନ୍ତି ।ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ ।

## ଅର୍ଚ୍ଚନା, ଜଗବନ୍ଧୁଙ୍କ ଘର ମାପ ଚୁପ କଲା ଇଡି

ଭୁବନେଶ୍ୱର,୦୫/୦୧ (ନି.ପ୍ର): ଲେଡି ବ୍ଲାକ୍ ମେଲର ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁଙ୍କ ସମ୍ପତି ବାଜ୍ୟାପ୍ତି କରିବା ପ୍ରକ୍ରିୟା ଆରମ୍ଭ କରିଛି ଇଡି । ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଅର୍ଚ୍ଚନା ନାଗଙ୍କ ସତ୍ୟନଗର ସ୍ଥିତ ଘରର ମାପଚୁପ କରିଛି । ଇଡିର ଦୁଇଟି ଦଳ ଘରର ମାପ କରିଥିବା ଜଣାଯାଇଛି । ଏହି ଟିମ୍ ରେ ଦୁଇ ଜଣ ଇଡି ଅଫିସରଙ୍କ ସହ ଦୁଇ ଜଣ ଅମିନ ଆଉ ଜଣେ ଟେକ୍ନିକାଲ ଅଫିସର ଥିଲେ । ଏହା ପୂର୍ବରୁ ଇଡି ଅର୍ଚ୍ଚନା ନାଗ, ଜଗବନ୍ଧୁ ଓ ତାଙ୍କ ସହଯୋଗୀ ଖଗେଶ୍ୱର ପାତ୍ରଙ୍କ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତି ବାଜ୍ୟାପ୍ତି କରିବା ପ୍ରକ୍ରିୟା ଆରମ୍ଭ କରିଛି । ଏଡଜୁକେଟିଙ୍ଗ୍ ଅଥରିଟି ଅନୁମତି ଦେବା ପରେ ଇଡି ୩ ଜଣଙ୍କ ସମ୍ପତି ଆଟାଚ୍ କରିବା ପ୍ରକ୍ରିୟା ଆରମ୍ଭ କରିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

# ମହାତ୍ମା ଲୁଇସ୍ ବ୍ରେଲଙ୍କ ୨୧୪ ତମ ଜୟନ୍ତି



ବାଲେଶ୍ୱର,୦୫/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରାନିପାଟନା ଦୃଷ୍ଟିହୀନ ବିଦ୍ୟାଳୟରେ ୨୧ ତମ ବାର୍ଷିକ ଉତ୍ସବ ଓ ମହାତ୍ମା ଲୁଇସ୍ ବ୍ରେଲଙ୍କ ୨୧୪ ତମ ଜୟନ୍ତି ବିଦ୍ୟାଳୟର ସଭାପତି ସୁବ୍ରତ କର ଅଧକ୍ଷତରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ,ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଅଭିରାମ ସାବତ ଓ ମୁଖ୍ୟ ବକ୍ତା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିଷ୍ଣୁ ଚରଣ ସୁତାର ଯୋଗ ଦେଇଥିଲେ । ଏପରିକି ସୁନିଲ କୁମାର ବିଶ୍ୱାଳ ଅତିଥି ମାନଙ୍କୁ ସମ୍ବୋର୍ଦ୍ଧନା ଓ ମଞ୍ଚାସିନ କରାଇଥିଲେ ଏପରିକି ଜ୍ୟୋତିର୍ମୟୀ ଦାସ, ଗୀତାଞ୍ଜଳି ପ୍ରଧାନ, ଅର୍ଚ୍ଚନା ବିନ୍ଧାଣି ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇଥିଲେ, ସଭାପତି ରୋଟରୀୟନ୍ ସୁବ୍ରତ କର ସ୍ୱାଗତ ଭାଷଣ ଦେଇଥିଲେ । ତାହା ବ୍ୟତିତ ହାଇସ୍କୁଲ ପରୀକ୍ଷାରେ ସର୍ବୋଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ । ଏପରିକି ଶ୍ରୀମତୀ ଗିତାରାନି ସେନ ଓ ଶ୍ରୀମତୀ ସୁଜାତା ମହାପାତ୍ରଙ୍କୁ ବିଧାୟକ ସ୍ୱରୂପ ଦାସ ମାନପତ୍ର ଦେଇ ସମ୍ମାନିତ କରିଥିଲେ ।ଏପରିକି ୨୦୨୨ ବର୍ଷର ବାର୍ଷିକ ବିବରଣୀ ଜଗତଦ୍ଦିତ୍ ପତି ଉପସ୍ଥାପନ କରିଥିଲେ ତାହାଛଡା ଦୃଷ୍ଟିହୀନ ଛାତ୍ରଛାତ୍ରୀମାନେ ନାଚ ଗୀତ ଡ୍ରାମା ପ୍ରଦର୍ଶନ କରିଥିଲେ । ସର୍ବଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଉତ୍ସବକୁ ଦୃଷ୍ଟିହୀନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ସମାଜ ସେବୀ ପରିଚାଳନରେ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରାଉରକେଲାରେ ବିର୍ସା ମୁଣ୍ଡା....

ସେ କହିଥିଲେ । ଦେଶରେ ଅନେକ ଚମ୍ପିଆନ ସୃଷ୍ଟି କରିବ ଏବଂ ଦେଶ ତଥା ରାଜ୍ୟର ଗୌରବ ବୃଦ୍ଧି କରିଚାଲିବ ବୋଲି ସେ କହିଥିଲେ । ମହାପ୍ରଭୁ ଙ୍କ ଆଶୀର୍ବାଦ ଓ ସମସ୍ତଙ୍କ ସଦିଚ୍ଛା ଓ ଭଲପାଇବା ଯୋଗୁ ଆମର ସ୍ୱପ୍ନ ସାକାର ହୋଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ସବୁକ୍ଷେତ୍ରରେ ଶ୍ରେଷ୍ଠ ହେବାର ଉଦ୍ୟମର ଏହା ପ୍ରତିଫଳନ । ଦେଶର କ୍ରୀଡା ଭିତିଭୂମିର ବିକାଶ କ୍ଷେତ୍ରରେ ଏହି ଷ୍ଟାଡିଅମ ଓଡିଶାର ଛବିକୁ ଆହୁରି ଉଜ୍ଜଳ କରିଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ଅନେକ ଯୁଗ ପର୍ଯ୍ୟନ୍ତ ଏହି ଷ୍ଟାଡିଅମ ଆମର ମୁକୁଟମଣି ହୋଇ ହକି ପ୍ରତି ଭାରତୀୟ ମାନଙ୍କର ଭାବାବେଗ ଓ ଭଲପାଇବାକୁ ପରିପ୍ରକାଶ କରିଚାଲିବ । ଏହା ଭାରତୀୟ ହକିର ଏନ୍ତୁଡିଶାଳା ହୋଇ ରହିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାନ ସଂଗ୍ରାମୀ ତଥା କିମ୍ବଦନ୍ତୀ ପୁରୁଷ ବିର୍ସା ମୁଣ୍ଡାଙ୍କ ପ୍ରତି ତାଙ୍କର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ୨୬୧ କୋଟି ଟଙ୍କା ଖର୍ଚ୍ଚରେ ରେକର୍ଡ ପନ୍ଦର ମାସ ସମୟ ମଧରେ ଏହି ଷ୍ଟାଡିୟମ୍ ନିର୍ମିତ ହୋଇଛି । ଏହି କାର୍ଯ୍ୟକ୍ରମରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତ ବେହେରା ,ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ,୫ -ଟି ସଚିବ ଭିକେ ପାଣ୍ଡିଆନ୍ ଓ ହକି ଇଣ୍ଡିଆର କର୍ମକର୍ତା ମାନେ ଉପସ୍ଥିତ ଥିଲେ । ଇଣ୍ଡିଆ ଏ ଓ ଇଣ୍ଡିଆ ବି ଟିମ୍ ମଧରେ ଉଦଘାଟନୀ ମ୍ୟାଚ କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଉଦଘାଟନ କରିଥିଲେ । ମୁଖ୍ୟମନ୍ତ୍ରୀ ଗୁରୁବାର ରାଉରକେଲାରେ ପହଂଚିବା ପରେ ବିର୍ସା ମୁଣ୍ଡା ହକି ଷ୍ଟାଡିଅମ ପରିଦର୍ଶନ କରି ସେଠାରେ ଭାରତୀୟ ହକି ଟିମ୍ ର ଖେଳାଳୀ ମାନଙ୍କ ସହିତ ବାର୍ତାଳାପ କରିଥିଲେ । ଏହାପରେ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ ମେଡିକାଲ କଲେଜ ଉଦ୍‌ଘାଟନ କରିବା ସହିତ ସୁନ୍ଦରଗଡ ପାଇଁ ଅନେକ ବିକାଶମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ରାଉରକେଲା ସହରରେ ମୋ ବସ୍ ଚଳାଚଳର ଶୁଭାରମ୍ଭ ମଧ କରିଥିଲେ ।

## ମାର୍ଚ୍ଚ ୧୦ରୁ ମାଟ୍ରିକ....

ଏଥିରେ କୌଣସି ପରିବର୍ତନ ହେବ ନାହିଁ । ସମ୍ମେଟିଭ ୧ ଯେତେ ସଂଖ୍ୟକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ସେତିକି ସଂଖ୍ୟକ ପରୀକ୍ଷାର୍ଥୀ ସମ୍ମେଟିଭ ୨ ପରୀକ୍ଷା ଦେବେ । ସେହିପରି ଧନ୍ଦାମୂଳକ ଶିକ୍ଷାର ପ୍ରାକ୍ଟିକାଲ ପରୀକ୍ଷା ଫେବ୍ରୁଆରୀ ୧୫ରୁ ଆରମ୍ଭ ହେବ ଏବଂ ୨୨ ଫେବ୍ରୁଆରୀ ପର୍ଯ୍ୟନ୍ତ ଚାଲିବ । ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଫେବ୍ରୁଆରି ୨୦ରୁ ୨୫ ତାରିଖ ଯାଏ ନବମ ଶ୍ରେଣୀର ପରୀକ୍ଷା କରାଯିବା ଲାଗି ସ୍ଥିର ହୋଇଛି । ସେହି ମାସ ୨୨ରୁ ୨୮ ତାରିଖ ଯାଏ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତାର ମୂଲ୍ୟାୟନ ଚାଲିବ । ମଧମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ ୧୦ରୁ ୧୭ ତାରିଖ ମଧରେ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ।

## ଟ୍ରାକ୍ କରି ୟୁକ୍ରେନ୍ର ମିସାଇଲ ମାଡ....

ବ୍ୟକ୍ତିଗତ ତଥ୍ୟ ହାସଲ କରିବା ସହ ସେମାନଙ୍କ ଲୋକସେନ୍ ଟ୍ରାକ୍ କରି ମିଶାଇଲ ମାଡ କରୁଛି ୟୁକ୍ରେନ । ପୂର୍ବ ୟୁକ୍ରେନର ଡୋନେସ୍କ ପ୍ରଦେଶର ରାଜଧାନୀ ମାକିଭିକାରେ ଥିବା ଏକ ଧନ୍ଦାମୁଳକ କଲେଜକୁ ଅସ୍ଥାୟୀ ବେସ ବନାଇ ରହୁଥିଲେ ଋଷ ଯବାନ । ଯାହା ମିଶାଇଲ ମାଡରେ ଛାରଖାର ହୋଇଯାଇଛି । ଏଥିରେ ୪୦୦ ଋଷ ଯବାନଙ୍କ ମୃତ୍ୟୁ ହୋଇଥିବା ଦାବି କରିଛି ୟୁକ୍ରେନ୍ । ମାକିଭିକାରେ ପ୍ରାଣ ହରାଇଥିବା ଯବାନଙ୍କ ପାଇଁ ଗୁରୁବାର ଋଷରେ ଏକ ଶ୍ରଦ୍ଧାଞ୍ଜଳୀ ସଭାର କରାଯାଇଛି । ତେବେ ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ଯବାନଙ୍କ ମୃତ୍ୟୁ ହୋଇଥିବା ନେଇ ନେଇ ସ୍ୱୀକାର କରିଛି ଋଷ । ଯାହା ୟୁକ୍ରେନର ବଡ ବିଜୟ ବୋଲି କୁହାଯାଉଛି ।

## ଜମାକାରୀଙ୍କୁ କେବେ ମିଳିବ....

ଦେଇଛନ୍ତି ସୁପ୍ରିମକୋର୍ଟ । ଦୁର୍ନୀତି କରୁଥିବା ଲୋକ ଜେଲରେ ଖୁସିରେ ଅଛନ୍ତି । କିନ୍ତୁ ଜମାକାରୀମାନେ ତାଙ୍କ ଟଙ୍କା ଫେରି ପାଉନାହାଁନ୍ତି ବୋଲି କୋର୍ଟ କହିଛନ୍ତି । ୨୦୧୨-୧୩ରେ ହୋଇଥିଲା ରାଜ୍ୟରେ ଚିଟଫଣ୍ଡର ମହାଠକେଇ । ୨୦୧୪ରେ ୪୪ଟି ଚିଟଫଣ୍ଡ କମ୍ପାନୀ ବିରୋଧରେ ତଦନ୍ତ ହୋଇଥିଲା । ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ ରାଜ୍ୟ ସରକାର ୩ଶହ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରିଥିଲେ । ଅନ୍ୟପଟେ ଗଠନ ହୋଇଥିବା କମିଶନଙ୍କ କାର୍ଯ୍ୟକାଳ ଅନେକ ଥର ବଢିବା ସହିତ ଶେଷରେ ବନ୍ଦ ହୋଇଗଲା । ଅଭିଯୋଗ ହୁଏ ରାଜ୍ୟରେ ୫୦ହଜାର କୋଟି ଟଙ୍କାର ଚିଟଫଣ୍ଡ ଠକେଇ ହୋଇଥିଲା । ଯାହାକୁ ନେଇ ଜଷ୍ଟିସ ଏମଆର ଶାହ ଏବଂ ଜଷ୍ଟିସ୍ କ୍ରିଷ୍ଣମୂର୍ତିଙ୍କ ଖଣ୍ଡପୀଠ ଅର୍ଥ ଫେରସ୍ତରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ୪୯ ତମ ରାଜ୍ୟ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନି ଉଦ୍‌ଘାଟନ ସମାରୋହ

ଖୋର୍ଦ୍ଧା,୦୫/୦୧ (ନି.ପ୍ର): ବୁଧବାର ଖୋର୍ଦ୍ଧା ବିଜେବି ହାଇସ୍କୁଲ ଖେଳପଡିଆରେ ସମୟ ସକାଳ ୧୧ ଘଟିକାରେ ୪୯ ତମ ରାଜ୍ୟ ସ୍ତରୀୟ ବିଜ୍ଞାନ, ଗଣିତ ପ୍ରଯୁକ୍ତିବିଦ୍ୟା ଉଦଘାଟନ ହୋଇ ଯାଇଛି । ଏହି ସମାରୋହରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ସମୀର ଦାସ, ମୁଖ୍ୟ ଅତିଥି, ବରେଣ୍ୟ ଅତିଥି ଅସ୍ୱତି ଏସ କମିଶନର ଓଡିଶା ଶିକ୍ଷା ବିଭାଗ, ମୁଖ୍ୟ ବକ୍ତା ଡା. ପ୍ରମୋଦ କୁମାର ପଣ୍ଡା, ନାଇଜର ଜଟଣୀ ଖୋର୍ଦ୍ଧା, ସମ୍ମାନନୀୟ ଅତିଥି ଖୋର୍ଦ୍ଧା ବିଧାୟକ ଜିତେନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ପୌରାଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ସଭାର ସଭାପତି ମନୋଜ କୁମାର ପାଢ଼ୀ, ଶିକ୍ଷା ନିର୍ଦ୍ଦେଶକ ଓଡ଼ିଶା ଓ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ସଂଗଠନ ସମ୍ପାଦକ ଯୋଗ ଦେଇ ମଞ୍ଚ ଉପରେ ଜେ ଯାହାର ବକ୍ତବ୍ୟ ରଖିଥିଲ । ଖୋର୍ଦ୍ଧା ଜିଲ୍ଲାପାଳ କ. ସୁଦର୍ଶନ ଚକ୍ରବର୍ତ୍ତୀ, ଆଇଏଏସ ସିଦ୍ଧାର୍ଥ କଟାରିଆ ଖୋର୍ଦ୍ଧା ଏସପି, ଆଇପିଏସ ଓ ଖୋର୍ଦ୍ଧା ଏସଡିପିଓ ଦିଲୀପ କୁମାର ଦାସ ଓ ଗେର ଖୋର୍ଦ୍ଧା ଜିଲ୍ଲାର ବହୁ ବିଭାଗ ଅଧିକାରୀଗଣ ଯୋଗ ଦେଇଥିଲେ ।

# ବାଲେଶ୍ୱର ଜିଲ୍ଲା ବାରିକ ସମିତି, ରୂପସା-ଶାଖାର ବୈଠକ



ରୂପସା,୦୫/୦୧ (ନି.ପ୍ର): ସନ୍ଧ୍ୟା ୬ଘଟିକା ସମୟରେ ଗେଟ୍ ବଜାର ମୃତ୍ୟୁଞ୍ଜୟ ବାରିକଙ୍କ ସେଲୁନ ପ୍ରାଙ୍ଗଣରେ,ବାଲେଶ୍ୱର ଜିଲ୍ଲା ବାରିକ ସମିତି ରୂପସା-ଶାଖାର ଏକ ବୈଠକ ସଭାପତି ଶ୍ରୀଯୁକ୍ତ ଜୟନ୍ତ ବାରିକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି ।ଆଗାମି ଜାନୁୟାରୀ୨୭ ତାରିଖରେ ହେବାକୁଥିବା ଜିଲ୍ଲା ସ୍ତରୀୟ ୮୪ ତମ ଅଧିବେଶନ କିପରି ସଫଳ କରାଯିବ,ତା ଉପରେ ଶ୍ରୀଯୁକ୍ତ ପରମାନନ୍ଦ ବାରିକ ଆଲୋକ ପାତ କରିଥିଲେ । ସମସ୍ତେ ଏକାଠି ହୋଇ ରୂପସା ଅଞ୍ଚଳରୁ ଅନ୍ତତଃ ୫୦ରୁ ଅଧିକ ବାରିକ ଜାତିଭାଇ ଯେପରି ସେ ଦିନ ସେଠାରେ ଉପସ୍ଥିତ ରହିବେ,ତା ଉପରେ ସମ୍ପାଦକ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ବାରିକ ଗୁରୁତ୍ୱାରୋପ କରିଥିଲେ । ଶେଷରେ, ମନମୋହନ ବାରିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଉପସ୍ଥିତ ଥିଲେ ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ବାରିକ,ସଞ୍ଜୟ ବାରିକ, ସରୋଜ ବାରିକ,ତପନ ବାରିକ ଇତ୍ୟାଦି ବହୁ ବାରିକ ଜାତିଭାଇ ମାନେ ।

# ଅମର୍ଦ୍ଦାରୋଡ ଏପିଏଲ ଉଦ୍‌ଯାପିତ, ଓସିଏ ଏକାଦଶକୁ ହରାଇ ତପସ୍ୱିନୀ ଏଣ୍ଡ ଭାଇ ଭାଇ ଚମ୍ପିୟାନ




ବସ୍ତା,୦୫/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅମର୍ଦାରୋଡ ବେଡମିଟନ ଆସୋସିଏସନ୍ ପକ୍ଷରୁ ଅମର୍ଦାରୋଡ ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଝିଞ୍ଜିପୁରା ଓଶିଏ ଏକାଦଶକୁ ଦୁଇ ୱିକେଟରେ ହରାଇ କାନ୍ଥି ତପସ୍ୱିନୀ ଏଣ୍ଡ ଭାଇ ଭାଇ ଚମ୍ପିୟାନ ହୋଇଛି । ଫାଇନାଲ ମ୍ୟାଚ ରେ ଓଶିଏ ଏକାଦଶ ନିର୍ଦ୍ଧାରିତ ୧୦ ଓଭରରେ ୮୭ ରନ ସକ୍ଷମ ହୋଇଥିଲା,ମାତ୍ର ତପସ୍ୱିନୀ ଏଣ୍ଡ ଭାଇ ଭାଇ ୯ ଓଭଲ ୩ ବଲରେ ୮ ୱିକେଟ ବିନିମୟରେ ୯୧ ରନ କରି ବିଜୟୀ ହୋଇଥିଲା ।,ଏହି ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୨୬ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା, ଏଥିରେ ୮ ଟି ଦଳ ଅଂଶଗ୍ରହଣ କରିଛନ୍ତି । ଆଇ ପି ଏଲ ଢାଞ୍ଚାରେ ଖେଳା ଯାଇଥିବା ଏହି ଟୁର୍ଣ୍ଣାମେଣ୍ଟ, ପ୍ରତ୍ୟେକ ଦଳ ସମସ୍ତ ଅଂଶଗ୍ରହଣ କରିଥିବା ଦଳ ସହିତ ମୁକାବିଲା କରିଥିଲେ, ଫାଇନାଲରେ କାନ୍ଥି ତପସ୍ୱିନୀ ଏଣ୍ଡ ଭାଇ ଭାଇ ଏବଂ ଝିଞ୍ଜିପୁରା ଓଶିଏ ଏକାଦଶ ମୁହାଁମୁହିଁ ହୋଇଥିଲେ,ଚମ୍ପିଆନ ଦଳକୁ ଟ୍ରଫି ସହିତ ୨୫ ହଜାର ,ରନର୍ସ ଦଳକୁ ଟ୍ରଫି ସହିତ ୨୦ ହଜାର ଏବଂ ତୃତୀୟ ସ୍ଥାନ ରେ ରହିଥିବା ମାମା ଏକାଦଶକୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି । ଟୁର୍ଣ୍ଣାମେଣ୍ଟରେ ରାଜେଶ ବେହେରା,ମେନ୍ ଓଫ୍ ଦା ସିରିଜ ମେନ୍ ଓଫ୍ ଦା ମ୍ୟାଚ ପପୁ, ସର୍ବାଧିକ ରନ୍ ବବଲୁ ପାହାଡି , ଓ୍ୱେଷ୍ଟ ୱିକେଟ କିପର ଭାନ୍ନା, ଆଶ୍ଚର୍ଯ୍ୟ ଜନକ ଖେଳାଳି ଶେଖର,ଡିଶିପ୍ଲିନ ଦଳ ବି ଏମ୍ ସି ଦଳକୁ ଟ୍ରଫି ଦେଇ ପୁରଷ୍କୃତ କରା ଯାଇଥିଲା,ଆଙ୍କରିଂ ଚିତ୍ତରଞ୍ଜନ ଦାସ,ସରୋଜ ବେହେରା ଏବଂ ରଥ ହେମ୍ବ୍ରମ କରିଥିବା ବେଳେ ସ୍କୋରର ଥିଲେ ଶିବାଜୀ ଏବଂ କୃଷ୍ଣ ଶେଖର ରଣା ,ଉଦଯାପନି ଉତ୍ସବରେ ଅମର୍ଦାରୋଡ ବେଡମିଟନ ଆସୋସିଏସନ୍ ର ସଭାପତି ରାମଚନ୍ଦ୍ର ସାହୁ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଭୁବନ ଚନ୍ଦ୍ର ରଣା, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଦାମ ଚରଣ ସାମଲ ଯୋଗଦେଇ ଚମ୍ପିୟାନ ଦଳ ଏବଂ ଅନ୍ୟ ମାନଙ୍କୁ ପୁରସ୍କୃତ କରିଥିଲେ, ସେକ୍ରେଟାରୀ ନିରଞ୍ଜନ ବେହେରା ଏବଂ ଆସୋସିଏସନ୍ ର ସମସ୍ତ ମେମ୍ବର ସହଯୋଗ କରିଥିଲେ ।

WORKS DEPARTMENT
OFFICE OF THE EXECUTIVE ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-E.E.-69 /2022-23

1. Number of works - 22 (Twenty Two) number of works.
2. Approximate estimated cost: - 42 Thousand & 11.01 Lakh
3. Period of Completion: - 1 (One) Calendar month
4. Date & Time of availability of bid documents in the portal :- Dt. 09.01.2023 to 16.01.2023
5. Last Date / Time of receipt of bid in the portal :- Dt. 16.01.2023 up to 4.00 PM
6. Date of Opening of bid :- Dt. 17.01.2023 at 11.00 AM
7. Name & address of the Office inviting bid :- Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

OIPR : 34025/11/0021/2223

Executive Engineer
Mayurbhanj (R&B) Division

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସାଲନ୍ଦୀ ବହିମେଳାରେ ଟାଇମପାସ୍‌ର ସୃଜନ ସଂଧ୍ୟା

ଭଦ୍ରକ,୦୫/୦୧ (ନି.ପ୍ର): ଗୀତ ହୃଦୟର ଅକୁହା ରାଗିଣୀ ଶୁଣାଇଲା ବେଳେ ଚିତ୍ର ପ୍ରତିକାତ୍ମକ ଭାବେ ମନ ଗହନର କଥା କହେ। କଥା ଭାବ-ଭାବନାର ଅଂତରଂଗ ଅନୁଭବକୁ ନିଖୁଣ ଭାବେ ପ୍ରକାଶ କଲାବେଳେ କବିତା ପ୍ରଜ୍ୱଳିତ ମୁହୂର୍ତ୍ତର ସୂକ୍ଷ୍ମ ଆବେଗକୁ ତୋଳିଧରେ। ମାତ୍ର ସବୁର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଗୋଟିଏ- ବହୁବର୍ଣ୍ଣୀ ଜୀବନରେ ରହସ୍ୟ ଅନ୍ୱେଷଣ, ଯାହା ମାଧ୍ୟମରେ ସଂଗୀତଜ୍ଞ, ଚିତ୍ରକର, କଳାକାର, କଥାକାର ଓ କବି ଜୀବନକୁ ନୂଆ ଢଙ୍ଗରେ ବୁଝି ନିଜେ ଆନନ୍ଦ ପାଇବା ସହ ଅନ୍ୟକୁ ଆନନ୍ଦ ବାଣ୍ଟିଥାନ୍ତି। ତେଣୁ ଗୀତ-ଚିତ୍ର ଓ କଥା-କବିତାରେ ଜୀବନର ଅଂତରଂଗ ଓ ମନମତାଣିଆ ଗାଥା ଥାଏ ବୋଲି ନୂଆବଜାର ଭାଗବତ ମଣ୍ଡପ ଠାରେ ଆୟୋଜିତ ସାଲନ୍ଦୀ ବହିମେଳାର ପଂଚମ ସୃଜନ ସଂଧ୍ୟାରେ ମତ ପ୍ରକାଶ ପାଇଛି। ଟାଇମ୍‌ପାସ୍‌ର ଏହି ଗୀତ-ଚିତ୍ରକଥା-କବିତାର ଆସରକୁ ଉଦ୍‌ଘାଟନ କରିଥିଲେ ଅସିବର୍ଷିୟ ସ୍ଥପତି ପ୍ରହ୍ଲାଦ ପାଣି ଏବଂ ସଂଚାଳନ କରିଥିଲେ ବିଜୟ ମଲ୍ଲ ଓ ସରୋଜ ବଳ। ଏହି ରାଜ୍ୟସ୍ତରୀୟ ସାହିତ୍ୟୋତ୍ସବରେ ଅତିଥି ଭାବେ ପ୍ରକାଶ ମହାପାତ୍ର କଥା ଓ ବଂଶୀ, ସୂର୍ଯ୍ୟ ମିଶ୍ର କବିତା ଓ ସଂଗଠନ, ପଂଚାନନ ନାୟକ କବିତା ଓ ବହି, ଅମରେଶ ବିଶ୍ୱାଳ ଗପ, ପବିତ୍ର ମୋହନ କର କବିତା, ତପନ ମହାପାତ୍ର ଗପ, ଶରତ ନାୟକ କବିତା ଓ ସଂଗୀତ, ଅରୁଣ ମନ୍ତ୍ରୀ ଗପ ଓ ଗୀତ, କିଶୋର ପାଣିଗ୍ରାହୀ କବିତା ଓ ସମୀକ୍ଷା, ସଂଜିତ ବଳ, ସୁବ୍ରତ ଦାସ, ସୀତାଂଶୁ ଲେଙ୍କା ଓ ବିମଳ ପତି କବିତା ଓ ବୀରେନ୍ଦ୍ର ପାଣି ଚିତ୍ରକୁ ନେଇ ଦର୍ଶକ- ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଅବସରରେ ଗୀତିକାର ପଂଚାନନ ନାୟକଙ୍କ ପୁସ୍ତକ 'ଅନ୍ୟ ଏକ ରାଧା' ଲୋକାର୍ପିତ ହୋଇଥିଲା। ପୁସ୍ତକର ସୂଚନା ଦେଇଥିଲେ କିଶୋର ପାଣିଗ୍ରାହୀ। ଅପରାହ୍ନରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂପାଦକ ଅଭିଜିତ୍ ନାୟକ ଧନ୍ୟବାଦ ଅର୍ପଣ କରି ୭ ତାରିଖରେ ଶେଷ ହେଉଥିବା ବହିମେଳା ପ୍ରତି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଭାପତି ପବିତ୍ର ପାଣିଗ୍ରାହୀ, ବିକାଶ ନାରାୟଣ ନନ୍ଦ, ହରମୋହନ କୁଅଁର, ନାସିର ବକ୍ସ, ପ୍ରଫୁଲ୍ଲ ନାୟକ, ବାଦଲ କିଶୋର ମହାପାତ୍ର, ସୁଚିତ୍ରା ପାଣିଗ୍ରାହୀ, ବସୁମିତ୍ରା ସାହୁ ଓ ଅନିମା ନାୟକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ପୁଷପୁନିରେ ଛୁଟି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି

ଭୁବନେଶ୍ୱର,୦୫/୦୧ (ନି.ପ୍ର): ପଶ୍ଚିମ ଓଡିଶାରେ ପୌଷ ପୂର୍ଣ୍ଣିମା ବା ପୁଷପୁନିକୁ ସ୍ଥାନୀୟ ଛୁଟିଦିନ (ଲୋକାଲ ହଲିଡେ) ଭାବେ ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର। ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ବିରୋଧୀ ନେତା ଜଣାଇଛନ୍ତି ଯେ ଚାଷୀ ପରିବାର ଗୁଡିକ ଧାନ ଅମଳ ଖୁସିରେ ପୁଷପୁନି ପାଳନ କରିଥାନ୍ତି। ଚଳିତ ବର୍ଷ ଜାନୁଆରୀ ୬ ତାରିଖରେ ଏହି ପର୍ବ ପାଳନ କରାଯିବ । ତେଣୁ ପଶ୍ଚିମ ଓଡିଶାରେ ଥିବା ୧୧ ଟି ଜିଲ୍ଲା ଯଥା ସମ୍ବଲପୁର, ବରଗଡ, ଝାରସୁଗୁଡା, ଦେବଗଡ, ସୁନ୍ଦରଗଡ, ବୌଦ୍ଧ, ବଲାଙ୍ଗିର , ସୁବର୍ଣ୍ଣପୁର , କଳାହାଣ୍ଡି , ନୂଆପଡା ଓ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ସବଡିଭିଜନ୍ ରେ ଏହି ଦିନକୁ ଛୁଟି ଘୋଷଣା କରିବାକୁ ପଦକ୍ଷେପ ନେବାକୁ ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ସାମ୍ବାଦିକ ପରିବାରର ସ୍ୱାଭିମାନ ବୈଠକ




ଉଦଳା,୦୫/୦୧ (ନି.ପ୍ର): କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାର ତରଫରୁ ଆଜି ଜାନୁଆରୀ ୫ ତାରିଖ ଗୁରୁବାର ଦିନ ଏକ ସ୍ୱାଭିମାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘଟଣାରୁ ଜଣାଯାଏ ଉଦଳା ଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଚଳିତ ବର୍ଷ କେମିତି ପାଳନ କରାଯିବ ସେ ସମ୍ପର୍କରେ ପ୍ରସ୍ତୁତି ବୈଠକ ଚଳିତ ଜାନୁଆରୀ ୪ ତାରିଖ ଦିନ ବସିଥିଲା । ଉକ୍ତ ବୈଠକକୁ ସାମ୍ବାଦିକ ମାନଙ୍କୁ ଡ଼କାଯାଇ ନଥିଲା । ଏହାକୁ ସାମ୍ବାଦିକ ମାନେ ପ୍ରତିବାଦ ଜଣାଇ ଆଜିର ସ୍ୱାଭିମାନ ବୈଠକରେ ଏକତ୍ରିତ ହୋଇଥିବାର ଜଣାଯାଇଛି । ଉକ୍ତ ବୈଠକରେ କପ୍ତିପଦା ଉପଜିଲ୍ଲାପାଳ, ଭଗବାନ ବେହେରାଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଦାବି ହୋଇଛି । ଖୁବ୍ ଶୀଘ୍ର ଏ ବାବଦରେ ସାମ୍ବାଦିକ ପରିବାର ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାର ନିଷ୍ପତ୍ତି ହୋଇଛି । ଗତ ୪ ତାରିଖ ଦିନ ସାମ୍ବାଦିକ ମାନଙ୍କର ପ୍ରତିବାଦକୁ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ସମର୍ଥନ ଜଣାଇଥିବାରୁ ସାମ୍ବାଦିକ ପରିବାର ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଚିନ୍ମୟ ମିଶନ ପକ୍ଷରୁ ଗୀତା ଜ୍ଞାନଯଜ୍ଞ

ବାଲେଶ୍ୱର,୦୫/୦୧ (ନି.ପ୍ର): ଚିନ୍ମୟ ମିଶନ ପକ୍ଷରୁ ଗୀତାଜ୍ଞାନ ଯଜ୍ଞ ପ୍ରବଚନ କାର୍ଯ୍ୟକ୍ରମ ମାଣିଖମ୍ବସ୍ଥିତ ହରିସଭା ମନ୍ଦିର (ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉ ଭାଗବତ ଟୁଙ୍ଗି) ପ୍ରାଙ୍ଗଣରେ ଆନୁଷ୍ଠିତ ହୋଇଯାଇଛି। ସଭାପତି ଡକ୍ଟର କ୍ଷିତୀଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂରାଜୀ ନୂଆବର୍ଷର ପ୍ରଥମ ସନ୍ଧ୍ୟାରୁ ୫ଦିନ ଧରି ଶ୍ରୀମଦ୍ ଭଗବଦ୍ ଗୀତାର ସପ୍ତଦଶ ଅଧ୍ୟାୟ 'ଶ୍ରଦ୍ଧାତ୍ରୟ ବିଭାଗ ଯୋଗ' ଉପରେ ପ୍ରବଚନ ଚାଲିଥିଲା। ଚିନ୍ମୟ ମିଶନ ବାଲେଶ୍ୱର ଶାଖାର ମୁଖ୍ୟ ଆଚାର୍ଯ୍ୟ ଅଗସ୍ତ୍ୟ ଚୈତନ୍ୟ ଓ ଉଦଳା ଶାଖାର ଆଚାର୍ଯ୍ୟ ଅଚ୍ୟୁତ ଚୈତନ୍ୟ ପ୍ରବଚନ ପ୍ରଦାନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଗୀତା ଉପରେ ପ୍ରବଚନ ହେବା ସହିତ ସକାଳେ ବେଦାନ୍ତ ବିଷୟକ ଆଲୋଚନା 'ଭଜଗୋବିନ୍ଦମ୍' ଜାରି ରହିଥିଲା। ଉକ୍ତ ଆଧ୍ୟାତ୍ମିକ ସଭାରେ ଶତାଧିକ ମହିଳା ଓ ପୁରୁଷ ଅଂଶଗ୍ରହଣ କରି ନିଜର ଆଧ୍ୟାତ୍ମିକ ଜୀବନକୁ ପରିପୁଷ୍ଟ କରିଥିଲେ। ହରିସଭା ମନ୍ଦିରର ସଭାପତି ତଥା ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଏହି ଆଧ୍ୟାତ୍ମିକ ଆସର ଅଧିକ ଆକର୍ଷଣୀୟ ହୋଇଥିଲା। ଏହି ପାଞ୍ଚ ଦିବସୀୟ କାର୍ଯ୍ୟକ୍ରମକୁ ମିଶନର ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ, ଡା. ବେଣୁମାଧବ ଶତପଥୀ, ଜଗଦୀଶ ଖଣ୍ଡେଲୱାଲ୍ ଓ ସଭ୍ୟ ଦିବାକର ମହାପାତ୍ର, ପ୍ରଫୁଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଗଙ୍ଗାଧର ପୃଷ୍ଟି, ବିଜୟ କୁମାର ଦାସ ଅଧିକାରୀ, ଇଂ. ବନମାଳି ନାୟକ ତଥା ଚିନ୍ମୟ ଯୁବକେନ୍ଦ୍ରର ସଦସ୍ୟମାନେ ପରିଚାଳନା କରିଥିଲେ।

## ନୂଆବର୍ଷରେ ଦୁବଲାଗଡି ମହୋତ୍ସବ ଉଦ୍‌ଘାଟିତ



ବାଲେଶ୍ୱର,୦୫/୦୧ (ନି.ପ୍ର): ନୂଆବର୍ଷ ଅବସରରେ ଦୁବଲାଗଡି ବେଳାଭୂମିରେ ପ୍ରଥମ 'ଦୁବଲାଗଡି ମହୋତ୍ସବ' ଉଦଘାଟନ ହୋଇଯାଇଛି । ଦୁବଲାଗଡି ବିଜ କ୍ୟାପ୍ ଓ୍ୱନର ଏସୋସିଏସନ ଦ୍ୱାରା ଆୟୋଜିତ ଦୁବଲାଗଡି ମହୋତ୍ସବ ବହୁ ଧୁମଧାମ୍‌ରେ ପାଳନ ହୋଇଯାଇଛି । ଉଦଘାଟକ ଭାବେ ଯୋଗ ଦେଇଥିଲେ ଓଡ଼ିଶାର ସୁନାମଧନ୍ୟ ଚିତ୍ରଶିଳ୍ପୀ ଶିଳ୍ପୀକେଶୁଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରି ମହୋତ୍ସବ ମାଧ୍ୟମରେ କଳା, ସଂସ୍କୃତି, ସୁସମ୍ପର୍କର ବିକାଶ ହେବା ସହ ଅଞ୍ଚଳର ଅର୍ଥନୈତିକ ବିକାଶ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉଦଘାଟନ ଉତ୍ସବରେ ବିଚ୍ କ୍ୟାମ୍ପ ଏସୋସିଏସନର ସଭାପତି ରାଜୀବ ଲୋଚନ ଦାସ ସଭାପତିତ୍ୱ କରିଥିବା ବେଳେ ଗୋବିନ୍ଦ ପ୍ରସାଦ ଦାସ ମଞ୍ଚ ପରିଚାଳନା କରିଥିଲେ । ବାଲେଶ୍ୱର ରୁ ଆସିଥିବା ସୁନାମ ଧନ୍ୟ କଣ୍ଠଶିଳ୍ପୀ କୁମାର ସୋମୁ, କୁମାର ସନ୍ତୋଷ, ଶୁଶ୍ରୀ ତନୁଶ୍ରୀ, କୁମାର କ୍ରିଷ୍ଣା, କୁମାର ବିକାଶ ପ୍ରମୁଖ ସଂଗୀତ ପରିବେଷଣ କରି ହଜାର ହଜାର ପର୍ଯ୍ୟଟକ ଓ ଦର୍ଶକଙ୍କ ମନମୁଗ୍ଧ କରିଥିଲେ । ଏଥିସହ ଦୁବଲାଗଡି ରୁ କୁନିକୁନି ପ୍ରତିଭା ଧାରି ଓ୍ୟାନସର ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଦିନତମାମ ସ୍ଥାନୀୟ ଆଦିବାସୀମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରିଥିବା ବେଳେ ପର୍ଯ୍ୟଟକମାନେ ଆଦିବାସୀ ନୃତ୍ୟ ତାଳରେ ଅଣ୍ଟକୁ ଅଣ୍ଟା ଧରି ନୃତ୍ୟ କରି ନୂତନବର୍ଷକୁ ଉପଭୋଗ କରିଥିଲେ । ଏହା ଦୁବଲାଗଡି ବେଳାଭୂମି ର ବିସ୍ତୀର୍ଣ୍ଣ ଝାଉଁଜଙ୍ଗଲ ମଧ୍ୟରେ ହୋଇଥିବାରୁ ବହୁ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ବହୁତ ଆକୃଷ୍ଟ କରିଥିଲା। ଉଜ୍ଜାପନି ସଭାରେ ଦୁବଲାଗଡି ଗ୍ରାମପଞ୍ଚାୟତ ର ସରପଞ୍ଚ ପ୍ରବୀର କୁମାର ସାହୁ। ଦୁବଲାଗଡି କୃଷକ ସାଥିର ମୁଖ୍ୟ ଜୟଦେବ ସାହୁ, ସମାଜସେବି ରିଣ୍ଟୁ ମାନ୍ନା, ଦୁବଲାଗଡି ର ଉଜ୍ଜଗି ପୁଅ ମହେଶ୍ୱର ମାନ୍ନା, ଦୁବଲାଗଡି ବୀଜ କ୍ୟାପ ଓ୍ୱନର ଏସୋସିଏସନ ର ସଭାପତି ରାଜିବ ଲୋଚନ ଦାସ, ସମସ୍ତ କ୍ୟାପ୍ ମ୍ୟାନ୍ଧର, ଶ୍ରୀକୃଷ୍ଣ ଗିରି, ଗୋପାଳ ମାନବ, ସୁଦର୍ଶନ ମାଇତି, ପ୍ରଦୀପ ପାତ୍ର, ପଞ୍ଚାନନ ମାନ୍ନା, ଯୋଗଦେଇ କାର୍ଯ୍ୟକ୍ରମକୁ ଭୂରିଭୂରି ପ୍ରଶଂସା କରିବା ସହ ଆଗାମି ଦିନରେ ଏହାକୁ ଦୁବଲାଗଡି ର ସର୍ବଶ୍ରେଷ୍ଠ ମେଳାଭାବେ ଗଢିତଳିବାର ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଆମଦୁନିଆର ସଭାପତି ଗୋବିନ୍ଦ ପ୍ରସାଦ ଦାସ ସମସ୍ତ ଙ୍କୁ ଧନ୍ୟବାଦ ଦେଇ କାଯ୍ୟକ୍ରମକୁ ପରିସମାପ୍ତି କରାଯାଇଥିଲା।

## ଶ୍ରୀମା'ମହିଳା କଲେଜର ଷ୍ଟଡିଟୁର

ମୟୂରଭଞ୍ଜ,୦୫/୦୧ (ନି.ପ୍ର): ଗତ ରବିବାର ଦିନ ବାରିପଦାସ୍ଥିତ ଶ୍ରୀମା'ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ରେଶମଷ ଶାମାଖୁଣ୍ଟା ବ୍ଲକର ଆଲୁବଣି ଗ୍ରାମ ଅଞ୍ଚଳକୁ ଏକ "ଷ୍ଟଡିଟୁର" କାର୍ଯ୍ୟକ୍ରମରେ ୬୫ ଜଣ ଛାତ୍ରୀ ଯୋଗ ଦେଇଥିଲେ। ଏଥିରେ କଲେଜର ଅଧକ୍ଷ ଶ୍ରୀ ନବଟର ଗିରି, ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ଅଧାପିକା ଜ୍ୟୋତ୍ସ୍ନା ପାତ୍ର, ଅଧାପିକା ବାସନ୍ତୀ ହାଁସଦା, ଡେମନଷ୍ଟେଟର ବୀଣାପାଣି କଲିଆ ପ୍ରମୁଖ ସଂପୃକ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ "ଟୁରିଜିମ୍ କେୟାର ହବ୍"ର ଅଧକ୍ଷ ଶ୍ରୀ ସୁଶାନ୍ତ କୁମାର ସିଂହ ଆୟୋଜନ କରିଥିଲେ। ଉକ୍ତ ଗ୍ରାମର ୩୫ ଜଣ ପୁରୁଷ ମହିଳା ଟସର ଷୀ ନିଜର ଅଭିଜ୍ଞତା, ଟସର ଷର ଉପାଦୟତା ସଂପର୍କରେ ଛାତ୍ରୀମାନଙ୍କ ସହିତ ଭାବ ବିନିମୟ କରିଥିଲେ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ବାରିପଦା,୦୫/୦୧ (ନି.ପ୍ର): ଆଜି ଅପରାହ୍ନରେ ଫେସିଲିଟେସନ ସେଂଟର ଠାରେ ମୟୁରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସଭାପତିତ୍ୱରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବୈଠକକୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ, ଜିଲ୍ଲାପାଳ ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପୂର୍ଣ୍ଣାଙ୍ଗ ଭାବେ ପାଳିତ ହେବାକୁ ଥିବାରୁ ଏହି ଜାତୀୟ ଦିବସକୁ ଜିଲ୍ଲା ସ୍ତରରେ ସୁବ୍ୟବସ୍ଥିତ ଭାବରେ ପାଳନ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରତିଯୋଗିତା ଆୟୋଜନ, ପ୍ୟାରେଡ ପଡିଆ ସଜ୍ଜିକରଣ, ପରିଷ୍କାର ପରିଚ୍ଛନ୍ନ, ପ୍ୟାରେଡ ପରିଚାଳନା, ରାମ ଧୁନ ପରିବେଷଣ, କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ବିତରଣ ଇତ୍ୟାଦି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଉକ୍ତ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ ଓ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲା ସ୍ତରୀୟ ବିଭିନ୍ନ ପଦାଧିକାରୀ, ଶିକ୍ଷକନୁଷ୍ଠାନର ମୁଖ୍ୟ ତଥା ଶିକ୍ଷକ ଶିକ୍ଷୟତ୍ରୀ, ଅଧାପକ, ଅଧାପିକା, ବରିଷ୍ଠ ନାଗରିକ, ଆଇନଜୀବୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଂଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଫକୀରମୋହନ ସାହିତ୍ୟ ପରିଷଦର ପୁରସ୍କାର ଓ ସମ୍ବର୍ଦ୍ଧନା ପାଇଁ ନାମ ଘୋଷିତ

ବାଲେଶ୍ୱର,୦୫/୦୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦର ଜୟନ୍ତୀ ଉତ୍ସବରେ ପ୍ରଦାନ କରାଯାଉଥିବା ବିଭିନ୍ନ ପୁରସ୍କାର ଓ ସମ୍ବର୍ଦ୍ଧନା ପାଇଁ ବିଭିନ୍ନ ନାମ ଘୋଷିତ ହୋଇଯାଇଛି। ଚଳିତ ବର୍ଷ ପାଇଁ ଫକୀରମୋହନ ସାହିତ୍ୟଶ୍ରୀ ପୁରସ୍କାର ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ପ୍ରଦାନ କରିବାପାଇଁ ସ୍ଥିର କରାଯାଇଛି। ଯୁବ ସାହିତ୍ୟିକା କବି ଓ ସମାଲୋଚିକା ପ୍ରତ୍ୟାଶା ଧଳଙ୍କୁ ହାଜି ଅସରଫ ଅଲ୍ଲି ଉଦୟ ପ୍ରତିଭା ପୁରସ୍କାର ପ୍ରଦାନ କରାଯିବ। ମାନପତ୍ର ଓ ଉପଢୌକନ ସହ ଏମାନଙ୍କୁ ଆର୍ଥିକ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ। ଏହା ବ୍ୟତୀତ ମନ୍ମଥ କୁମାର ଶତପଥୀଙ୍କୁ କାର୍ତ୍ତିକ ପତିଙ୍କ ସ୍ମୃତିରେ ଫକୀରମୋହନ ନାଟ୍ୟ ସମ୍ମାନ, କବୟିତ୍ରୀ ମମତା ଦାଶଙ୍କୁ ରତ୍ନମଣିଙ୍କ ସ୍ମୃତିରେ ଫକୀରମୋହନ କବିତା ସମ୍ମାନ,ପ୍ରୀତୀଶ ଆଚାର୍ଯ୍ୟଙ୍କୁ ରାଧାକାନ୍ତ ଦାସଙ୍କ ସ୍ମୃତିରେ ଫକୀରମୋହନ ସମ୍ବାଦ ସାହିତ୍ୟ ସମ୍ମାନ,ଡ. ବସନ୍ତ କୁମାର ପଣ୍ଡାଙ୍କୁ ଡା.ବିଜୟ ଗିରିଙ୍କ ସ୍ମୃତିରେ ଫକୀରମୋହନ ପ୍ରବନ୍ଧ ସମ୍ମାନ, ବସନ୍ତ କୁମାର ଦାସଙ୍କୁ ଡ.ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ପ୍ରଦତ୍ତ ଗୀତିଶ୍ରୀ ସମ୍ମାନ, ଅରୁଣ ହୋତାଙ୍କୁ ହାରାମଣିଙ୍କ ସ୍ମୃତିରେ ଫକୀରମୋହନ ଅନୁବାଦ ସମ୍ମାନ, ଡ.ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ହରେକୃଷ୍ଣ ଓ ପ୍ରତିଭା ଦାସଙ୍କ ସ୍ମୃତିରେ ଫକୀରମୋହନ ଶିଶୁସାହିତ୍ୟ ସମ୍ମାନ, ବ୍ୟଙ୍ଗବାରୁଦ ଶ୍ରୀଅବାଗିଆଙ୍କୁ ଛବିରାୟଙ୍କ ସ୍ମୃତିରେ ଫକୀରମୋହନ ବ୍ୟଙ୍ଗସାହିତ୍ୟ ସମ୍ମାନ,ଡ.ରବୀନ୍ଦ୍ର କୁମାର ବିହାରୀଙ୍କୁ ରାଜେନ୍ଦ୍ର ନାୟକଙ୍କ ସ୍ମୃତିରେ ଫକୀରମୋହନ ସମାଲୋଚନା ସାହିତ୍ୟ ସମ୍ମାନ, ଡ.ମୌସୁମୀ ପରିଡ଼ାଙ୍କୁ ସନ୍ଧ୍ୟାରାଣୀଙ୍କ ସ୍ମୃତିରେ ଫକୀରମୋହନ ଉପନ୍ୟାସ ସାହିତ୍ୟ ସମ୍ମାନ, ସତ୍ୟ ମିଶ୍ରଙ୍କୁ ଡ.ଶ୍ୟାମସୁନ୍ଦର ମହାପାତ୍ରଙ୍କ ସ୍ମୃତିରେ ଫକୀରମୋହନ ଗଳ୍ପ ସାହିତ୍ୟ ସମ୍ମାନ, ଚନ୍ଦ୍ରମୋହନ ମହାପାତ୍ରଙ୍କୁ ପଞ୍ଚାନନ ଦାଶଙ୍କ ସ୍ମୃତିରେ ଫକୀରମୋହନ ସାହିତ୍ୟ ସଙ୍ଗଠନ ସମ୍ମାନ,ଲାବଣ୍ୟ ଶବରଙ୍କୁ ତୁଷାରକାନ୍ତ ମହାପାତ୍ରଙ୍କ ସ୍ମୃତିରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସମ୍ମାନ,ରମାକାନ୍ତ ଜେନାଙ୍କୁ ରାଧାଦେବୀଙ୍କ ସ୍ମୃତିରେ ଫକୀରମୋହନ ପତ୍ରିକା ସମ୍ପାଦନା ସମ୍ମାନ, ପ୍ରଦୀପ କୁମାର ମିଶ୍ରଙ୍କୁ ମହେଶ୍ୱର ବାଗଙ୍କ ସ୍ମୃତିରେ ସାହିତ୍ୟିକ ଓ ସମାଜସେବୀ ସମ୍ମାନ,ଡ.ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ବୈକୁଣ୍ଠନାଥ ମାହପାତ୍ରଙ୍କ ସ୍ମୃତିରେ ଫକୀରମୋହନ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, ପ୍ରିୟବ୍ରତ ପାତ୍ରଙ୍କୁ ହରନାରାୟଣ ଦାଶଙ୍କ ସ୍ମୃତିରେ ଫକୀରମୋହନ ଭ୍ରମଣ ସାହିତ୍ୟ ସମ୍ମାନ ତଥା ଗୀତିକାର ରମାକାନ୍ତ ଦାସଙ୍କୁ ପରିଷଦ ଗୌରବ ସମ୍ମାନ ପ୍ରଦାନ କରାଯିବ। ସମସ୍ତ ପ୍ରତିଭାଧରଙ୍କୁ ଆସନ୍ତା ୧୪ ତାରିଖ ଫକୀରମୋହନ ଜୟନ୍ତୀରେ ପୂର୍ବାହ୍ଣ ୧୧ଟା ସମୟରେ ଶାନ୍ତିକାନନଠାରେ ପୁରସ୍କୃତ ଓ ସମ୍ମାନିତ କରାଯିବ ବୋଲି ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ସମ୍ପାଦକ ଦୀପକ ଘୋଷ ପ୍ରକାଶ କରିଛନ୍ତି।

## ହୃଦଘାତରେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ପରଲୋକ



ବାଲେଶ୍ୱର,୦୫/୦୧ (ନି.ପ୍ର): ଅବସରପ୍ରାପ୍ତ ଗ୍ରାମ୍ୟବ୍ୟାଙ୍କ ମ୍ୟାନେଜର ଅମିତ କୁମାର ଆଶଙ୍କର ୬୬ ବର୍ଷ ବୟସରେ ଗତକାଲି ପରଲୋକ ହୋଇଯାଇଛି। ବାଲେଶ୍ୱର ସହରର ହେମକାପଦା ମଣ୍ଡଳବଗିଚା ବାସଭବନରେ ଥିବା ବେଳେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର କେୟାର ହସପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତି ପ୍ରାୟ ୩ଟା ୩୦ ମିନିଟରେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁ ବେଳକୁ ପତ୍ନୀ ଶ୍ୟାମଳୀ ଆଶଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ।

## ଯୁବ ବାଥୁଡ଼ି ସମାଜ ଉଦଳାର ବନ୍ଧୁମିଳନ ପର୍ବ

ଉଦଳା,୦୫/୦୧ (ନି.ପ୍ର): ଉଦଳା ନିର୍ବାଚନ ମଣ୍ଡଳୀ ମଧ୍ୟରେ ବାଥୁଡ଼ି ସମ୍ପ୍ରଦାୟର ଭୋଟର ସବୁଠାରୁ ଅଧିକ । ତେଣୁ ବିଭିନ୍ନ ରାଜନୈତିକ ଦଳ ତରଫରୁ ପ୍ରାର୍ଥୀ ଖୋଜିବା ସମୟରେ ବାଥୁଡ଼ି ସମ୍ପ୍ରଦାୟର ପ୍ରାର୍ଥୀଟିଏ ମିଳିଲେ ଖୁସି ହୋଇଥାନ୍ତି । କାରଣ ପ୍ରାର୍ଥୀ ଯାହାବି ହୋଇଥାଆନ୍ତୁ ନା କାହିଁକି ତାଙ୍କର କିଛି ପକେଟ ଭୋଟ ରହିଛି । ଏତିକି ବେଳେ ଯୁବ ବାଥୁଡ଼ି ସମାଜର ବନ୍ଧୁମିଳନ ପର୍ବ ସମସ୍ତ ରାଜନୈତିକ ଦଳର ଦୃଷ୍ଟି ଆକର୍ଷଣ କରିଛି । ମଝିଗଡ଼ିଆ ଗ୍ରାମପଞ୍ଚାୟତର ସରପଞ୍ଚ ଶାନ୍ତି ଲତା ନାଏକ ଉକ୍ତ ପର୍ବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେଶ ସ୍ୱାଧୀନ ହେବା ଦିନ ଠାରୁ ଦୀର୍ଘ ୩୫ ବର୍ଷ ଧରି ବାଥୁଡ଼ି ସଂପ୍ରଦାୟର ବିଧାୟକ ଉଦଳାରେ କ୍ଷମତାରେ ରହିଛନ୍ତି । ଅଥଚ ଥରଟିଏ ମଧ କୌଣସି ବାଥୁଡ଼ି ବିଧାୟକଙ୍କୁ ମନ୍ତ୍ରୀ ପଦ ମିଳିନାହିଁ । ସେଥିପାଇଁ ସେ କ୍ଷୋଭ ପ୍ରକାଶ କରିଛନ୍ତି । ସେହିପରି ଯୁବ ବାଥୁଡ଼ି ସମାଜର ଉଦଳାର ସଭାପତି ବୀରେନ୍ଦ୍ର ନାଥ ମଢ଼େଇ ବାଥୁଡ଼ି ସମ୍ପ୍ରଦାୟର ପରମ୍ପରା, ନୀତି, ନିୟମକୁ ସମସ୍ତେ ପାଳନ କରିବା ସହିତ ନିଶା ଦ୍ରବ୍ୟ ସେବନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି । କୋଳିଅଣା ବ୍ଲକର ସମିତି ସଭ୍ୟା ଅନୁସୟା ନାଏକ, ଶାଳଚୁଆ ସରପଞ୍ଚ ସଚୀନ୍ଦ୍ର ଖାରପାଳିଆ, ଉଦଳା ବ୍ଲକର ଅଧକ୍ଷା ପ୍ରତିନିଧି ଶତ୍ରୁଘନ ବିଶ୍ୱାଳ, ବାଥୁଡ଼ି ସମାଜ ଉଦଳାର ଉପସଭାପତି ରମେଶ ଚନ୍ଦ୍ର ଖଣ୍ଡେଇ ଇତ୍ୟାଦି ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ନିଜ ନିଜ ର ମତାମତ ଉପସ୍ଥାପନ କରିଛନ୍ତି । ଶେଷରେ ଦୋଳିଗୀତ ଓ ଚାଙ୍ଗୁ ନାଚରେ ସମସ୍ତେ ଝୁମି ଥିଲେ । ଶୁଣିବାକୁ ମିଳୁଛି ଆଗାମୀ ନିର୍ବାଚନରେ ଯେଉଁ ଦଳ ବାଥୁଡ଼ି ଲୋକଙ୍କୁ ମନ୍ତ୍ରୀ ପଦ ଦେବାର ପ୍ରତିଶ୍ରୁତି ଦେବ ସେହି ଦଳ ଓ ସେହି ନେତାଙ୍କୁ ଯୁବ ବାଥୁଡ଼ି ସମାଜ ସମର୍ଥନ ଜଣାଇବ ।

## ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ ପାଇଁ ପୌରପାଳିକା ପକ୍ଷରୁ ବ୍ୟାପକ ପ୍ରସ୍ତୁତି



ବାରିପଦା,୦୫/୦୧ (ନି.ପ୍ର): ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ହକି ବିଶ୍ୱକପର ଟ୍ରଫିକୁ ବାରିପଦାରେ ସ୍ୱାଗତ ପାଇଁ ପୌରପାଳିକା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଜାନୁୟାରୀ ୭ ତାରିଖ ଦିନ ଟ୍ରଫି ସନ୍ଧ୍ୟା ୭ ଘଟିକା ସମୟରେ ମୁର୍ଗାବାଡିରେ ପହଂଚିବା ପରେ ଜିଲ୍ଲା ପ୍ରସାସନ ଏବଂ ବାରିପଦା ପୌରପାଳିକା ପକ୍ଷରୁ ଏହାକୁ ଭାବ୍ୟ ସ୍ୱାଗତ କାର୍ଯ୍ୟକ୍ରମ ସହ ଦିଗନ୍ତ ବିକାଶ ଶିକ୍ଷାନୁଷ୍ଠାନ ତରଫରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ଓ୍ୱାର୍ଡ ନଂ ୧୮,୨୧,୨୬ର ସମସ୍ତ ସ୍ୱୟଂ ସହାୟୀକା ଗୋଷ୍ଠୀ, ବସ୍ତି ଉନ୍ନୟନ କମିଟି ଏବଂ ସ୍ଥାନୀୟ ନାଗରିକ କମିଟି ସେଠାରେ ଉପସ୍ଥିତ ରହିବେ । ପରବର୍ତୀ ସମୟରେ ବିଶ୍ୱକପ ହକି ଟ୍ରଫି ଦଳକୁ ସର୍କିଟ ହାଉସ ସମନାରେ ଷ୍ଟେସନ ବଜାର ବଣିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବ, ୮ ତାରିଖ ସକାଳ ୭ ଘଟିକା ଠାରୁ ବିଶ୍ୱକପ ହକି ଟ୍ରଫି ଦଳକୁ ବାରିପଦା ପୌରାଂଚଳ ଅନ୍ତର୍ଗତ ଷ୍ଟେସନ ବଜାର, କୃଷ୍ଣଚନ୍ଦ୍ର ଗୋଲେଇ, ମାତୃମଙ୍ଗଳ ସମ୍ମୁଖ, ବିଜୁପଟ୍ଟନାୟକ ଗୋଲେଇ ହୋଇ ଏହା ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ପହଂଚିବା ପରେ ସେଠାରୁ ଏହାକୁ ଶହୀଦସ୍ମୃତି ଭବନ ଠାରୁ ରୋଟାରୀ କ୍ଲବ, ଲାୟନ୍ସ କ୍ଲବ ହୋଇ ବାରିପଦା ଷ୍ଟାଡିୟମକୁ ନିଆଯିବାର ବ୍ୟବସ୍ଥା ହୋଇଛି । ଉକ୍ତ ଶୋଭାଯାତ୍ରାରେ ପାରମ୍ପାରିକ ଆଦିବାସୀ ନୃତ୍ୟଦଳ, ଏମ.କେ.ସି ବିଦ୍ୟାଳୟ, ଏମ.ପି.କେ ବାଳିକା ବିଦ୍ୟାଳୟ, ସତ୍ୟସାଇ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ବ୍ୟାଣ୍ଡପାର୍ଟି ସହ ସ୍ୱାଗତ କରାଯିବ । ଷ୍ଟାଡିୟମରେ ପହଂଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମିନି ମାରାଥନ ଚିତ୍ରଙ୍କନ ପ୍ରତିଯୋଗୀତା, ଜିଲ୍ଲାର ବିଭିନ୍ନ ପୁରାତନ ଖେଳାଳୀ ମାନଙ୍କୁ ସମ୍ମାନୀତ କରାଯିବ ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସକାଳ ୯ ଘଟିକାରେ ଷ୍ଟଡିୟମରୁ ବାହାରି ବଡ ଜଗନ୍ନାଥ ମନ୍ଦିର ସମ୍ମୁଖ ହୋଇ ପାଲବଣୀ ବାଇପାସରେ ବିଦାୟ ସମ୍ବର୍ଦ୍ଧନା ଦିଆଯିବାର ଯୋଜନା ଥିବା ବେଳେ, ଉକ୍ତ କାର୍ଯ୍ୟକ୍ରମରେ ବାରିପଦାର ବହୁ ପ୍ରମୁଖ ଅନୁଷ୍ଠାନ ସାମିଲ ହେବେ ବୋଲି ଜଣାଯାଇଛି । ଏଥିପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଉଅଛି । ଏଥିରେ ଉପନଗରପାଳ ସୀମା ଦାସ, ସମସ୍ତ କାଉନସିଲର ବୃନ୍ଦ ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ ପ୍ରମୁଖ ସାମିଲ ହୋଇ କାର୍ଯ୍ୟକ୍ରମକୁ ଚୂଡାନ୍ତ ରୂପରେଖ ଦେଇଛନ୍ତି ।

## ଶ୍ରୀକଣ୍ଠ ପୁର ଅଙ୍ଗନବାଡି କେନ୍ଦ୍ରରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ



ଜଳେଶ୍ୱର,୦୫/୦୧ (ନି.ପ୍ର): ଶ୍ରୀ ରାମ ପୁର ପଂଚାୟତ ର ଶ୍ରୀ କଣ୍ଠ ପୁର ଅଙ୍ଗନବାଡି କେନ୍ଦ୍ର ରେ ଆଜି ପୋଷାକ ବଣ୍ଟନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା, ଉକ୍ତ କାର୍ଯ୍ୟକ୍ରମ ରେ ନିମନ୍ତ୍ରଣ ଅତିଥି, ଯାଞ୍ଚ କମିଟି, ମାତୃ କମିଟି, ଆଇସି ଡ଼ିଏସ ର ସୁପର ଭାଇଜର ବୈଜୟନ୍ତୀ ମୁଦୁଲି, ସରପଞ୍ଚ ଆଲୋକ ଗିରି, ସମିତି ସଭ୍ୟ ଗୋପାଳ ଚନ୍ଦ୍ର ସାମଲ, ସାମ୍ବାଦିକ ଅମର ଆଚାର୍ଯ୍ୟ, ରାମଚନ୍ଦ୍ର ମାରାଣ୍ଡି, ସୁମି ହାଁସଦା, ସଲମା ମାରାଣ୍ଡି, ପ୍ରିୟଙ୍କା ମାଲିକ, ଭବାନୀ ପଟାୟତ, ଅଙ୍ଗନବାଡି କର୍ମୀ ସ୍ୱପ୍ନାବତୀ ପଟ୍ଟାୟତ, ଏବଂ ଶେଷରେ ଅଙ୍ଗନବାଡି ସାହାୟିକା ପୁଷ୍ପଲତା ସିଂହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo